# ସକାଳ
THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-89 ◆MONDAY ◆22 SEPTEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୮୯ ◆ସୋମବାର ◆୨୨ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




'କଲ୍କୀ ୨'ରୁ ଦୀପିକା ବାଦ୍

▶ପୃଷ୍ଠା ୧୧ ଦେଖନ୍ତୁ...

## ପୁରୁଣା ଭିସାଧାରୀଙ୍କୁ ଆଶ୍ୱସ୍ତି

# ଏଚ୍-୧ବି ଭିସା ଲାଗି 'ୱାନ୍ ଟାଇମ୍' ଦେୟ

■ ୱାସିଂଟନ, ୨୧।୯ (ଏଜେନ୍ସି): ଆମେରିକାର ଏଚ୍-୧ବି ଭିସା ଫି' ବୃଦ୍ଧିକୁ ନେଇ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ହ୍ୱାଇଟ ହାଉସ୍‌ର ପ୍ରେସ୍ ସଚିବ କ୍ୟାରୋଲିନ ଲେଭିଟ ରବିବାର ଟ୍ୱିଟ କରି କହିଛନ୍ତି ଯେ ଏହି ଭିସା ପାଇଁ ପ୍ରତି ବର୍ଷ ୮୮ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ନାହିଁ। ଆବେଦନ କରିବା ସମୟରେ ଥରଟେ ପାଇଁ 'ୱାନ ଟାଇମ୍' ଏହି ଦେୟ ଦେବାକୁ ହେବ। ଲଟେରିରେ ଦିଆଯାଉଥିବା ଭିସା ଉପରେ ଏହି ନୂଆ ବ୍ୟବସ୍ଥା ଲାଗୁ ହେବ। ପୁରୁଣା ଭିସା ଧାରକ, ନବୀକରଣ ଏବଂ ଆଜି ପୂର୍ବରୁ ଭିସା ଆବେଦନ କରିଥିବା ଲୋକଙ୍କ ପାଇଁ ନିୟମରେ କୌଣସି ପରିବର୍ତ୍ତନ ହେବ ନାହିଁ। ଏଚ୍-୧ବି ଭିସା ଧାରକ ଦେଶରୁ ନିର୍ଦ୍ୱନ୍ଦ୍ୱରେ ଦେଶ ବାହାରକୁ ଯାଇ ଫେରିପାରିବେ।





ଗତକାଲି ଆମରିକା ରାଷ୍ଟ୍ରପତି ଏଚ-୧ବି ଭିସା ଆବେଦନ ଦେୟକୁ ବଢ଼ାଇ ୮୮ ଲକ୍ଷ ଟଙ୍କା କରିଦେଇଥିଲେ। ଏହାପରେ ମେଟା, ମାଇକ୍ରୋସଫ୍ଟ, ଆମାଜନ ଭଳି ବହୁରାଷ୍ଟ୍ରୀୟ ଟେକ୍ କମ୍ପାନୀ ନିଜ କର୍ମଚାରୀଙ୍କୁ ତୁରନ୍ତ ଆମେରିକା ଫେରିବାକୁ ନିର୍ଦ୍ଦେଶ ଦେଇଥିଲେ। ନୂଆ ଦେୟ କାର୍ଯ୍ୟକାରୀ ହେବା ଯୋଗୁଁ ଇମିଗ୍ରେସନ ଆଟର୍ଣ୍ଣି ଏବଂ କମ୍ପାନୀଗୁଡିକ ଏଚ-୧ବି ଭିସା ଧାରକ ଏବଂ ତାଙ୍କ ପରିବାରକୁ ୨୪ ଘଣ୍ଟା ଭିତରେ ଆମେରିକା ଫେରିବାକୁ କହିଥିଲେ। ଏହି ସମୟ ଭିତରେ ନ ଫେରିଲେ ଫସିଯିବାର ଆଶଙ୍କା ରହିଥିଲା। କିନ୍ତୁ ଏବେ ଆମେରିକା ପକ୍ଷରୁ ଏହି ଭିସାକୁ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିଦିଆଯାଉଛି। ପୂର୍ବରୁ ଏଚ୍-୧ବି ଭିସା ପାଇଁ ପ୍ରତି ବର୍ଷ ୮୮ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ଏଥିପାଇଁ କମ୍ପାନୀଗୁଡିକ ଭୟଭୀତ ହୋଇଯାଇଥିଲେ। ଏଚ୍-୧ବି ଧାରକଙ୍କୁ ଏବେ ନ ଡାକି ପରେ ଆମେରିକା ଆସିବାକୁ କହିଲେ ଲକ୍ଷେ ଡଲାର ଦେବାକୁ ପଡ଼ିବ ବୋଲି କମ୍ପାନୀଗୁଡିକ ଭାବି ନେଇଥିଲେ। ଏଭଳି ନିର୍ଦ୍ଦେଶକୁ ଦେଖି ଦୀପାବଳି ଏବଂ ପୂଜା ପାଇଁ ଭାରତ ଆସିବାକୁ ଚାହୁଁଥିବା ଲୋକେ ନିଜ ଟିକଟ ବାତିଲ କରିଦେଇଥିଲେ। ୱାସିଂଟନ, ନ୍ୟୁୟର୍କ ଭଳି ପ୍ରମୁଖ ବିମାନବନ୍ଦର ଅନେକ ଲୋକ ଟିକଟ ବାତିଲ କରୁଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ଆମେରିକା ଫେରିବା ଲାଗି ଦିଲ୍ଲୀ ବିମାନବନ୍ଦରରେ ମଧ୍ୟ ପ୍ରବଳ ଭିଡ଼ ଲାଗିଥିଲା। ଏହାର ସୁଯୋଗ ନେଇ ଅନେକ ଏୟାରଲାଇନ୍ସ ବିମାନ ଭଡ଼ା ବଢ଼ାଇଦେଇଥିଲେ।

# ଆଜିଠାରୁ ନୂଆ ଜିଏସ୍‌ଟି ହାର

## କମିବ ଗାଡ଼ି, ଏସି, ଘିଅ, ଚିନି, ପନୀର, ପାସ୍ତା ମୂଲ୍ୟ


■ ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି): ସୋମବାରଠାରୁ ସାରାଦେଶରେ ଲାଗୁ ହେବାକୁ ଯାଉଛି ନୂଆ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାର। ୪ଟି ସ୍ଲାବ୍ ବଦଳରେ ସଂଶୋଧିତ ଜିଏସ୍‌ଟି ବ୍ୟବସ୍ଥାକୁ କେବଳ ଦୁଇଟି ସ୍ଲାବ୍ ୫% ଏବଂ ୧୮% ରେ ସୀମିତ ରଖାଯାଇଛି। ଏହା ଅଧୀନରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ରଖାଯାଇଛି। ଫଳରେ ଆସନ୍ତାକାଲି ଠାରୁ ପନିର, ଘିଅ, ସାବୁନ, ସାମ୍ପୁ ଠାରୁ ଆରମ୍ଭ କରି ସିମେଣ୍ଟ, ଏସି ଏବଂ ଛୋଟ କାର ଶସ୍ତା ହେବ। ଜୀବନ ଓ ସ୍ୱାସ୍ଥ୍ୟ ବୀମା ଉପରେ ୧୮% ଟିକସ ଉଚ୍ଛେଦ କରାଯାଇଛି। ଅର୍ଥାତ ଏଭଳି ବୀମା ପାଇଁ ଆଉ ଜିଏସ୍‌ଟି ଦେବାକୁ ପଡ଼ିବ ନାହିଁ। ଅପରପକ୍ଷରେ

### ବଢ଼ିବ ପାନମସଲା, ସିଗାରେଟ, ଦାମୀ ମଦ, କୋଇଲା

ସିଗାରେଟ୍, ପାନମସଲା, ତମାଖୁ, କାର୍ବୋନେଟେଡ ପାନୀୟ, ବଡ଼ ଏସ୍‌ୟୁଭି, ଜାହାଜ ଓ ବ୍ୟକ୍ତିଗତ ବ୍ୟବହାର ପାଇଁ ବିମାନ କ୍ରୟ ଉପରେ ୪୦% ଟିକସ ଲାଗିବ।

ଏହାସହିତ ୩୩ଟି ଜୀବନ ରକ୍ଷାକାକରୀ ଔଷଧ ଉପରେ କୌଣସି ଟିକସ ଲାଗିବ ନାହିଁ। ବିଶେଷକରି କର୍କଟ ଏବଂ ମାରାତ୍ମକ ରୋଗ ପାଇଁ ଉଦ୍ଦିଷ୍ଟ ଔଷଧ ଏଥିରେ ସାମିଲ ରହିଛି। ଛୋଟ ଓ ମଧ୍ୟମ ଆକାରର କାର, ମୋଟରସାଇକେଲ ଉପରେ ଏବେ ୨୮% ବଦଳରେ ୧୮% ଟିକସ ଲାଗୁ ହେବ। ଅଟୋ ଯନ୍ତ୍ରାଂଶ ଏବଂ ତିନି ଚକିଆ ଯାନ ଉପରେ ଟିକସ ମଧ୍ୟ ୨୮% ରୁ ୧୮% କୁ ହ୍ରାସ କରାଯାଇଛି। ପୁରୁଣା ଏମ୍‌ଆର୍‌ପି ଉଲ୍ଲେଖ ଥିଲେ ବି ଏହି ବର୍ଗର ସାମଗ୍ରୀ ନୂତନ ମୂଲ୍ୟରେ ଉପଲବ୍ଧ ହେବ। ଔଷଧ ଉତ୍ପାଦନ ଏବଂ ▶ପୃଷ୍ଠା-୭

## ଜିଏସ୍‌ଟି ବଚତ୍ ଉତ୍ସବ: ମୋଦୀ



■ ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି): ଆସନ୍ତାକାଲି ଠାରୁ ଜିଏସ୍‌ଟିର ସଂଶୋଧିତ ହାର ଲାଗୁ ହେବାକୁ ଯାଉଥିବା ବେଳେ ଏହାକୁ 'ଜିଏସ୍‌ଟି ବଚତ' ଉତ୍ସବ ବୋଲି ବର୍ଣ୍ଣନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆଜି ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆସନ୍ତାକାଲି ଠାରୁ ନବରାତ୍ରୀ ଆରମ୍ଭ ହେଉଥିବା ବେଳେ ଜିଏସ୍‌ଟିର ନୂଆ ହାର ମଧ୍ୟ କାଲି ଠାରୁ ଲାଗୁ ହେବାକୁ ଯାଉଛି। ଏହା ଦେଶବାସୀଙ୍କ ପାଇଁ ଦୋହରା ଉତ୍ସବ। ନୂଆ ଜିଏସ୍‌ଟି ହାର ଯୋଗୁଁ ୯୯ ପ୍ରତିଶତ ସାମଗ୍ରୀ ଶସ୍ତା ହେବ ଏବଂ ଏହା ଗରିବ ଏବଂ ନିମ୍ନ ମଧ୍ୟବିତ୍ତ ବର୍ଗ ପାଇଁ ଆଶ୍ୱସ୍ତି ଆଣିବ। ଚଳିତ ଆର୍ଥିକ ବର୍ଷ ଠାରୁ ▶ପୃଷ୍ଠା-୭

## ଭିସା ପରେ ଆଉ ଏକ ବଡ଼ ଝଟ୍‌କା ଦେବେ ଟ୍ରମ୍ପ୍

# ଭାରତରୁ ଚିଙ୍ଗୁଡ଼ି ଆମଦାନୀ ବନ୍ଦ କରିବ ଆମେରିକା

■ ୱାଶିଂଟନ୍, ୨୧।୯ (ଏଜେନ୍ସି): ଏଚ୍-୧ବି ଭିସା ପରେ ଭାରତକୁ ଆଉ ଏକ ବଡ଼ ଧକ୍କା ଦେବାକୁ ପ୍ରସ୍ତୁତ ହେଉଛି ଆମେରିକା। ଲୁଇସିଆନାର ଚିଙ୍ଗୁଡ଼ି ଏବଂ କ୍ୟାଟ୍‌ଫିସ୍ ଶିଳ୍ପକୁ ସୁରକ୍ଷା ଦେବାକୁ ଯାଇ ଟ୍ରମ୍ପ୍ ପ୍ରଶାସନ ଭାରତରୁ ଚିଙ୍ଗୁଡ଼ି ଆମଦାନୀ ଉପରେ କଟକଣା ଲଗାଇବେ ବୋଲି ସୂଚନା ମିଳିଛି। ଫଳରେ ଚିଙ୍ଗୁଡ଼ି ଶିଳ୍ପ ସହ ଜଡ଼ିତ ଦେଶର ପ୍ରାୟ ୧୫ ଲକ୍ଷ ଲୋକ ପ୍ରଭାବିତ ହେବେ। ଅନୁରୂପ ଭାବରେ ଆମେରିକାର ଏହି ନିଷ୍ପତ୍ତି ଯୋଗୁଁ ଓଡ଼ିଶା ପ୍ରତ୍ୟକ୍ଷ ଭାବରେ କ୍ଷତିଗ୍ରସ୍ତ ହେବ ଓ ଓଡ଼ିଶାରୁ ଆମେରିକାକୁ ବାର୍ଷିକ ରପ୍ତାନୀ ହେଉଥିବା ୧୬୦୦ କୋଟିର ଚିଙ୍ଗୁଡ଼ି କାରବାର ବନ୍ଦ ହେବା ଆଶଙ୍କା ସୃଷ୍ଟି ହୋଇଛି।

ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ ପରେ ଦେଶର ଚିଙ୍ଗୁଡ଼ି (ସମୁଦ୍ରିକ ଖାଦ୍ୟ) ରପ୍ତାନି ଶିଳ୍ପ ସଙ୍କଟରେ ପଡ଼ିଛି। ଏହି ଶିଳ୍ପ ସହିତ ଜଡିତ ପ୍ରାୟ ୧୫ ଲକ୍ଷ ଲୋକଙ୍କ ଜୀବିକା ଏବେ ବିପଦରେ ପଡ଼ିଛି। ଏହି ସମସ୍ୟା ଦ୍ୱାରା ଓଡ଼ିଶା ଭଳି ରାଜ୍ୟ ମଧ୍ୟ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ୨୦୨୪-୨୫ ମସିହାରେ ଓଡ଼ିଶା ୪,୭୦୦ କୋଟି ▶ପୃଷ୍ଠା-୭



### ୧୬୦୦ କୋଟିର କ୍ଷତି ସହିବ ଓଡ଼ିଶା

### ପ୍ରଭାବିତ ହେବେ ୧୫ ଲକ୍ଷ ଲୋକ

## ୨୪ ଘଣ୍ଟାରେ ଲଘୁଚାପ

■ ଭୁବନେଶ୍ୱର, ୨୧।୯ (ସମିସ): ଉତ୍ତର ଆଣ୍ଡାମାନ ସାଗର ଓ ସଂଲଗ୍ନ ମିଆଁମାର ଉପକୂଳ ଉପରେ ସମୁଦ୍ର ପତ୍ତନଠାରୁ ୩.୧ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ଆସନ୍ତାକାଲି ଉତ୍ତର ବଙ୍ଗୋପସାଗରରେ ପହଞ୍ଚିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାରଠାରୁ ବର୍ଷା ଆରମ୍ଭ ହୋଇଛି। ସମ୍ଭାବ୍ୟ ଲଘୁଚାପ ଯୋଗୁଁ ଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଥିବା ବେଳେ କିଛି କିଛି ସ୍ଥାନରେ ଭାରି ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

### ମାସ ଶେଷ ଯାଏ ବର୍ଷା ସମ୍ଭାବନା

ଲଘୁଚାପ ପ୍ରଭାବରେ ସମୁଦ୍ର ମଧ୍ୟରେ ପବନର ବେଗ ୪୦-୫୦ କିମି ଓ ଝଟକା ପବନ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବା ଆଶଙ୍କା ରହିଛି। ଏହା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ▶ପୃଷ୍ଠା-୭

## ବିଷ ବି ଭେଜାଲ !

■ ଭୁବନେଶ୍ୱର, ୨୧।୯ (ସମିସ): ଚଳିତ ବର୍ଷ ଭଲ ମୌସୁମୀ ବର୍ଷା ହେଉଛି। ଚାଷ କାର୍ଯ୍ୟ ପାଇଁ ପାଗ ଅନୁକୂଳ ରହିଛି। ମାତ୍ର ଚାଷ ଆରମ୍ଭରୁ ଚାଷୀଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରଥମେ ଧାନ ବିକ୍ରି ନେଇ ପଞ୍ଜୀକରଣରେ ଚାଷୀଙ୍କୁ ନାକେଦମ୍ ହେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ସାର ଅଭାବ ଚାଷୀଙ୍କ ନିଦ ହଜାଇ ଦେଇଛି। ଏବେ ବଢ଼ି ଆସୁଥିବା ଧାନ ଗଛରେ ପତ୍ରପୋଡ଼ା ଓ ପତ୍ରମୋଡ଼ା ରୋଗ ଚାଷୀକୂଳର ମୁଣ୍ଡ ବିନ୍ଧା ବଢ଼ାଇ ଦେଇଛି। ଏହି ରୋଗ ଧାନ ଗଛକୁ ସଂପୂର୍ଣ୍ଣ ମାରି ଦେଉଛି। ଗୋଟିଏ ଗୋଟିଏ ସିଆର୍‌ରେ ଏକାଧିକ ଗଛ ନଷ୍ଟ ହେଉଥିବାରୁ ବିଲର ୭୦ ପ୍ରତିଶତ ଗଛ ନଷ୍ଟ ହୋଇଯାଉଛି। ଏଥିପାଇଁ କୀଟନାଶକ ସିଞ୍ଚନ କଲେ ମଧ୍ୟ କାମ କରୁ ନ ଥିବା ଓ କୀଟନାଶକ ବିଷଗୁଡ଼ିକ ଭେଜାଲ ହେଉଥିବାରୁ ଏହା କାମ କରୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଦୂଷିତ ପାଣି ଓ ଅପମିଶ୍ରିତ କ୍ଷୀର ନଜର୍‌କୁ ଆସିଥିଲା, ମାତ୍ର ଏବେ ବିଷ ବି ଭେଜାଲ୍ ▶ପୃଷ୍ଠା-୭



### କୀଟକୁ କାବୁ କରୁନି କୀଟନାଶକ

## ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ !

■ ଭୁବନେଶ୍ୱର/ସମ୍ବଲପୁର, ୨୧।୯ (ସମିସ): ଏବେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ନାହିଁ। ପ୍ରଥମେ ନିଗମ ଓ ବୋର୍ଡ ନିଯୁକ୍ତି ହେବ; ପରବର୍ତ୍ତୀ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ପର୍କରେ ବିଚାର କରାଯିବ। ସମ୍ବଲପୁରରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ଦେଇଛନ୍ତି ଏପରି ସୂଚନା। ଶ୍ରୀ ସାମଲଙ୍କ ଏହି ଘୋଷଣା ମନ୍ତ୍ରୀ ଆଶାୟୀଙ୍କୁ ନିରାଶ କରିଥିବା ବେଳେ ନିର୍ବାଚନରେ ପରାଜିତ ହୋଇଥିବା ଓ ଟିକଟରୁ ବଞ୍ଚିତ ହୋଇଥିବା ନେତାଙ୍କ ମନରେ ଆଶାର କିରଣ ସଞ୍ଚାର କରିଛି। ପୂଜା ଭେଟି ସ୍ୱରୂପ ନିଗମ ଓ ବୋର୍ଡରେ କିଛି ଦଳୀୟ ନେତାଙ୍କୁ ଖୁବ୍ ଶୀଘ୍ର ଥଇଥାନ କରାଯାଇପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ରାଜ୍ୟରେ ବିଜେପି ସରକାର ଗଠନ କରିବାର ୧୫ ମାସ ପୂରି ଏବେ ୧୬ ମାସ ଚାଲିଛି। ମାତ୍ର ସରକାରରେ ଖାଲିଥିବା ୬ଟି ମନ୍ତ୍ରୀପଦ ସହ ବିଭିନ୍ନ ନିଗମ, ବୋର୍ଡ, ଅକାଦେମୀରେ ଖାଲି ପଦଗୁଡ଼ିକ ପୂରଣ ହୋଇପାରିନାହିଁ। ଫଳରେ ନିର୍ବାଚନ ସମୟରେ ଦଳୀୟ ଟିକଟରୁ ବଞ୍ଚିତ ହୋଇଥିବା ଓ ନିର୍ବାଚନରେ ପରାଜିତ ହୋଇଥିବା ଅନେକ ନେତା ଥଇଥାନ ଅପେକ୍ଷାରେ ରହିଛନ୍ତି। ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ପରି ଗୁରୁତ୍ୱପୂର୍ଣ୍ଣ ପଦଗୁଡ଼ିକରେ ▶ପୃଷ୍ଠା-୭

### ପ୍ରଥମେ ନିଗମ ଓ ବୋର୍ଡ ନିଯୁକ୍ତି: ମନମୋହନ

## ଏମ୍‌ଇଡି ଯୋଗ୍ୟତା ନଥାଇ ଅଧ୍ୟାପକ ନିଯୁକ୍ତି

# ବନ୍ଦ ହେବ ରାଜ୍ୟର ସବୁ ବିଇଡି କଲେଜ!

■ ଭୁବନେଶ୍ୱର, ୨୧।୯ (ସମିସ): ରାଜ୍ୟରେ ମାତ୍ର ୧୬ଟି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ (ବିଇଡି କଲେଜ) ରହିଛି। ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ପୂରଣ କରିବାରେ ଏହା ସମର୍ଥ ହେଉନାହିଁ। ପ୍ରତିବର୍ଷ ରାଜ୍ୟରୁ ହଜାର ହଜାର ପିଲା ବାହାର ରାଜ୍ୟରେ ବିଇଡି ପଢୁଛନ୍ତି। ଓଡ଼ିଶାରେ ଥିବା ହାତଗଣତି କଲେଜରେ ମଧ୍ୟ ଯୋଗ୍ୟ ଅଧ୍ୟାପକ ନାହାନ୍ତି। ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନ୍‌ସିଟିଇ) ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଶିକ୍ଷାଗତ ଯୋଗ୍ୟତା



ନ ଥାଇ ମଧ୍ୟ ନିଯୁକ୍ତି ପାଇଛନ୍ତି। ଅଧ୍ୟାପକ ପାଇଁ ଦୁଇଟି ସ୍ନାତକୋତ୍ତର ଡିଗ୍ରୀ ଅର୍ଥାତ୍ ଗୋଟିଏ ସ୍ନାତକୋତ୍ତର ଡିଗ୍ରୀ ସହିତ ଏମ୍‌ଇଡି ବାଧ୍ୟତାମୂଳକ ହୋଇଥିବା ବେଳେ ସ୍ନାତକତ୍ତୋର ସହିତ ଏମ୍‌ଇଡି ବଦଳରେ ବିଇଡି କରିଥିବା ପ୍ରାର୍ଥୀଙ୍କୁ ଅଧ୍ୟାପକ ଭାବେ ନିଯୁକ୍ତି ତଞ୍ଚକତାକୁ ଧରିଛି ଏନ୍‌ସିଟିଇ। ରାଜ୍ୟର ୮ଟି କଲେଜକୁ କାରଣ ଦର୍ଶାଅ ନୋଟିସ୍ କରିବା ସହ କୋରାପୁଟ୍‌ସ୍ଥିତ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସ୍ୱୀକୃତି ପ୍ରତ୍ୟାହାର କରିବାକୁ ସୁପାରିସ କରିଛି। ଅନ୍ୟପକ୍ଷରେ ଅଯୋଗ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇ ଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିବାରୁ ଆଗାମୀ ଦିନରେ ରାଜ୍ୟର ସମସ୍ତ ବିଇଡି କଲେଜର ମାନ୍ୟତା ରଦ୍ଦ ହେବାର ଆଶଙ୍କା ସୃଷ୍ଟି ▶ପୃଷ୍ଠା-୭

### କୋରାପୁଟ ଡିଏଭି ବିଇଡି କଲେଜର ସ୍ୱୀକୃତି ପ୍ରତ୍ୟାହାର

### ଏନ୍‌ସିଟିଇ ସ୍କାନର୍‌ରେ ପ୍ରାୟ ୨୧୪ରୁ ଅଧିକ ଅଯୋଗ୍ୟ


pfrda | UPS Unified Pension Scheme | nps national pension system #Zaruri Hai

ଆପଣଙ୍କ ପେନସନ୍‌କୁ ଏକ ପ୍ରତିଶ୍ରୁତିରେ ପରିଣତ କରନ୍ତୁ

NPS ରୁ UPS କୁ ଥରଟିଏ ପରିବର୍ତ୍ତନ
ଯାହା ଆପଣଙ୍କ ପେନସନ୍ ଯାତ୍ରାକୁ ସଶକ୍ତ କରେ



ଏକୀକୃତ ପେନସନ୍ ଯୋଜନା (UPS)
ସମସ୍ତ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଏକ ନିଶ୍ଚିତ ପେନସନ୍ ଯୋଜନା

ନିଶ୍ଚିତ ପେଆଉଟ୍ ପାଆନ୍ତୁ। ୩୦ ସେପ୍ଟେମ୍ବର ୨୦୨୫ ମଧ୍ୟରେ UPS ବାଛନ୍ତୁ। ଏହି ସୁଯୋଗ ଦ୍ୱିତୀୟ ଥର ଆସିବ ନାହିଁ !

Form A2 କୁ https://www.npscra.nsdl.co.in/ups.php ରୁ ଡାଉନଲୋଡ୍ କରନ୍ତୁ ଏବଂ ଆପଣଙ୍କ DDO କୁ ଦାଖଲ କରନ୍ତୁ କିମ୍ବା ଅନଲାଇନ୍ ଆବେଦନ କରନ୍ତୁ।

୫୯ ବୟସ ପୂର୍ବରୁ ଯେ କୌଣସି ସମୟରେ UPS ରୁ NPS କୁ ପୁଣି ବଦଳିବାର ଏକମାତ୍ର ସୁଯୋଗ ଉପଲବ୍ଧ

ଅଧିକ ସୂଚନା ପାଇଁ www.pfrda.org.in ଦେଖନ୍ତୁ କିମ୍ବା UPS Help Desk (Toll-free): 18005712930ରେ କଲ୍ କରନ୍ତୁ
@PFRDAOfficial | @PFRDAOfficial | @pfrdaofficial | /company/pfrda/ | @pfrdaofficial

## ବିପର୍ଯ୍ୟୟ ପ୍ରବଣ ଦେବଭୂମି: ୧୦ ବର୍ଷରେ ନେଲାଣି ୩୮୦୦ ଜୀବନ

ଡେରାଡୁନ, ୨୧।୯ (ଏଜେନ୍ସି): ଦେବଭୂମି ଉତ୍ତରାଖଣ୍ଡ ଏବେ ଦୈବୀ ଦୁର୍ବିପାକ ପ୍ରବଣ ରାଜ୍ୟ ପାଲଟି ଯାଇଛି। ଏହି ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ ୧୦ ବର୍ଷ ହେଲା ଏହା ରାଜ୍ୟବାସୀଙ୍କ ପାଇଁ ଅଭିଶାପ ପାଲଟିଛି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗର ତଥ୍ୟ ଅନୁଯାୟୀ ୨୦୧୫ରୁ ୨୦୨୫ ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧିତ ୨୭,୧୯୭ ଘଟଣା ଘଟିଛି। ଏହା ୩ ହଜାର ୮୩୯ ଲୋକଙ୍କ ଜୀବନ ନେଲାଣି। ଏଥିାରେ ୬ ହଜାର ୨୦୭ରୁ ଅଧିକ ଲୋକ ଆହତ ହୋଇଛନ୍ତି। ୩୧୨ ଜଣ ଏବେ ବି ନିଖୋଜ ରହିଛନ୍ତି।

ରିପୋର୍ଟ ଅନୁଯାୟୀ ବାଦଲ ଫଟା ବର୍ଷା ଏବଂ ଅଚାନକ ବନ୍ୟାର ସର୍ବାଧିକ ୧୪,୨୩୭ଟି ମାମଲା ସାମ୍ନାକୁ ଆସିଥିଲା। ୫,୮୩୦ଟି ଭୂସ୍ଖଳନ ମଧ୍ୟ ହୋଇଥିଲା। ପାହାଡି ରାଜ୍ୟର ଭୌଗୋଳିକ ପରିସ୍ଥିତି ଏବଂ ପରିବର୍ତ୍ତିତ ଜଳବାୟୁ ଏହି ବିପର୍ଯ୍ୟୟକୁ ଅଧିକ ଗମ୍ଭୀର କରିଦେଇଛି। ୨୦୧୫ରେ ୨୨୪ ପ୍ରାକୃତି ବିପର୍ଯ୍ୟୟ ଜନିତ ଘଟଣା ସାମ୍ନାକୁ ଆସିଥିବା ବେଳେ ୨୦୧୮ରେ ଏହା ୫,୦୫୬ରେ ପହଞ୍ଚି ଯାଇଥିଲା। ଚଳିତ ବର୍ଷ ବାଦଲ ଫଟା ବର୍ଷା ଏବଂ ବନ୍ୟା ୩,୭୦୬ ଘଟଣା ରେକର୍ଡ କରାଯାଇଛି। ଏଥିରେ ଶତାଧିକ ଲୋକ ପ୍ରାଣ ହରାଇଛନ୍ତି। ହଜାର ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଚଳିତ ବର୍ଷ ଏପର୍ଯ୍ୟନ୍ତ ୧୧୯୯ଟି ପ୍ରାକୃତିକ ବିପର୍ଯ୍ୟୟ ଜନିତ ଘଟଣାରେ ୨୬୦ ଜଣଙ୍କ ଜୀବନ ଗଲାଣି। ୫୬୬ ଜଣ ମଧ୍ୟ ଆହତ ହୋଇଥିବା ବେଳେ ୯୬ ଜଣ ନିଖୋଜ ଅଛନ୍ତି।

## କରୋନା ଭାଇରସ ସମ୍ପର୍କରେ ସୂଚନା ଦେଇଥିବା ଚୀନ୍ ସାମ୍ବାଦିକାଙ୍କୁ ଆଉ ୪ ବର୍ଷ ଜେଲ୍

ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଚୀନ୍‌ରୁ ଯେଉଁ କରୋନା ଭାଇରସ ସାରା ବିଶ୍ୱର ପରିବ୍ୟାପ୍ତ ହୋଇ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇଥିଲା, ସେହି ଚୀନ୍‌ରେ ପ୍ରଥମଥର ପାଇଁ ଏହି ଭାଇରସ ନେଇ ସୂଚନା ଦେଇଥିବା ସାମ୍ବାଦିକା ଝାଙ୍ଗ୍ ଜେନ୍‌ଙ୍କୁ ପୁଣିଥରେ ଆଉ ୪ ବର୍ଷ ପାଇଁ ଜେଲ ଦଣ୍ଡାଦେଶ ହୋଇଛି। କରୋନା ଭାଇରସ ସଂକ୍ରମଣ କରାଇବାର ଅଭିଯୋଗକୁ ଚୀନ୍ ନିଜ ମୁଣ୍ଡକୁ ନେବାକୁ ଚାହୁଁ ନଥିଲା। ଖାସ୍ ଏହି କାରଣ ପାଇଁ ଚୀନ ସାରା ବିଶ୍ୱକୁ ମିଛ କହି ବିଭ୍ରାନ୍ତ କରୁଥିଲା। କିନ୍ତୁ ୪୨ ବର୍ଷୀୟା ଝାଙ୍ଗ ସାରା ବିଶ୍ୱକୁ ଚୀନରେ ସଂକ୍ରମିତ ହୋଇଥିବା ଏହି ଭାଇରସ ସମ୍ପର୍କରେ ଅବଗତ କରାଇଥିଲେ। କେବଳ ସେତିକି ନୁହଁ ଫଟୋ ଓ ଭିଡିଓ ସେୟାର କରି ଚୀନ୍‌ର ମୁଖା ଖୋଲି ଦେଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ଚୀନ୍ ତାଙ୍କୁ ପ୍ରଥମେ ୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲା। ଏବେ ପୁଣି ତାଙ୍କୁ ଆଉ ୪ ବର୍ଷ ଅର୍ଥାତ ମୋଟ୍ ଉପରେ ଝାଙ୍ଗଙ୍କୁ ୮ ବର୍ଷର ଜେଲ ଦଣ୍ଡାଦେଶ ହୋଇଛି। ତାଙ୍କୁ ପ୍ରଥମେ ୨୦୨୦ ଡିସେମ୍ବର ୪ ବର୍ଷ ଜେଲ୍ ହୋଇଥିଲା। ସେ ଅନଶନ ଆରମ୍ଭ କରିଥିଲେ ଓ ତାଙ୍କୁ ଜବରଦସ୍ତି ଖାଦ୍ୟ ଖୁଆଯିବା ସହ ଅଶୋଭନୀୟ ବ୍ୟବହାର ପ୍ରଦର୍ଶନ କରାଯାଇଥିଲା। ତେବେ ତାଙ୍କୁ ୨୦୨୪ରେ ଛାଡି ଦିଆଯାଇଥିଲା। କିନ୍ତୁ ୩ ମାସ ପରେ ତାଙ୍କୁ ପୁଣି ଗିରଫ କରାଯାଇ ସାଙ୍ଘାଇର ଡିଟେନସନ ସେଣ୍ଟରରେ ରଖାଯାଇଥିଲା। ଚୀନ୍‌ରେ କମ୍ୟୁନିଷ୍ଟ ଶାସନରେ ଗଣମାଧ୍ୟମର ସ୍ୱାଧୀନତା ପ୍ରାୟ ନାହିଁ କହିଲେ ଚଳେ। ପ୍ରେସ୍ ଫ୍ରିଡମ ଇଣ୍ଡେକ୍ସରେ ୨୦୨୫ରେ ଚୀନ୍ ୧୮୦ ଦେଶ ମଧ୍ୟରୁ ୧୭୮ ତମ ସ୍ଥାନରେ ରହିଛି। ଚୀନ୍‌ରେ ଏବେ ୧୨୪ ଜଣ ସାମ୍ବାଦିକ ଜେଲ୍‌ରେ ଅଛନ୍ତି।

## ଓଲିଙ୍କ ଗିରଫ ଦାବି କଲେ ଜେନ-ଜେଡ୍ ଗ୍ରୁପ୍

କାଠମାଣ୍ଡୁ,୨୧।୯ (ଏଜେନ୍ସି): ନେପାଳର ବିତାଡିତ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କୁ ଗିରଫ କରିବାକୁ ପାଇଁ ଦାବି ହୋଇଛି। ଦେଶରେ ହିଂସାତ୍ମକ ଆନ୍ଦୋଳନ ମାଧ୍ୟମରେ ସରକାର ପରିବର୍ତ୍ତନ କରିଥିବା ଜେନ୍ -ଜେଡ୍ ଗ୍ରୁପ୍ ନୂଆ କରି ଏହି ଦାବି କରିଛି। ସେପ୍ଟେମ୍ବର ୮ରେ ଅନୁଷ୍ଠିତ ସରକାର ବିରୋଧୀ ଆନ୍ଦୋଳନ ଅବସରରେ ସୁଟ୍ ଆଉଟ ନିର୍ଦ୍ଦେଶ ଦେବା କାରଣରୁ ୧୯ ଜଣ ବିକ୍ଷୋଭକାରୀ ମୃତ୍ୟୁବରଣ କରିଥିଲେ। ଏଥିପାଇଁ ଓଲିଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରୀ ରମେଶ ଲେଖକଙ୍କୁ ଗିରଫ୍ କରାଯାଉ ବୋଲି ଜେନ୍- ଜେଡ୍ ଗ୍ରୁପ୍‌ର ଅନ୍ୟତମ ଉପଦେଷ୍ଟା ଡ. ନିକୋଲାସ ବୁଶାଲ ଦାବି କରିଛନ୍ତି। ନୟା ବାଣେଶ୍ୱରରେ ହୋଇଥିବା ଗୁଳିକାଣ୍ଡ ପାଇଁ ଓଲି, ଲେଖକ ଓ କାଠମାଣ୍ଡୁ ମୁଖ୍ୟ ଜିଲ୍ଲା ଅଧିକାରୀ ଛବି ରିଜାଲ ହିଁ ଦାୟୀ। ତେଣୁ ଏମାନଙ୍କୁ ତୁରନ୍ତ ଗିରଫ କରିବାକୁ ବୁଶାଲ ଦାବି କରିଛନ୍ତି। ପୁଣି ୧୯୯୦ ପରେ ସବୁ ହାଇପ୍ରୋଫାଇଲ ନେତା ଓ ଅଧିକାରୀମାନେ ଅର୍ଜନ କରିଥିବା ସମ୍ପତ୍ତି ନେଇ ଦଦନ୍ତ କରିବା ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ସେ ଦାବି କରିଛନ୍ତି।

## ଫିଲିପାଇନ୍ସରେ ଦୁର୍ନୀତି ବିରୋଧୀ ବିକ୍ଷୋଭ

ମାନିଲା, ୨୧।୯ (ଏଜେନ୍ସି): ନେପାଳ ପରେ ଫିଲିପାଇନ୍ସରେ ଦୁର୍ନୀତି ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଛି। ରାଜନେତା, ଅମଲା ଏବଂ ବ୍ୟବସାୟୀଙ୍କ ବିରୋଧରେ ହଜାର ହଜାର ଲୋକ ରବିବାର ରାଜଧାନୀ ରାସ୍ତାକୁ ଓହ୍ଲାଇଛନ୍ତି। ଦୁର୍ନୀତିରେ ସମ୍ପୃକ୍ତ ଥିବା ନେତାଙ୍କଠାରୁ ଅଧିକାରୀଙ୍କ ବିରୋଧରେ ଆକ୍ରୋଶ ପ୍ରକାଶ କରିଛନ୍ତି। ବନ୍ୟା ଏବଂ ଝଡ଼ ତୋଫାନ ପ୍ରବଣ ଏହି ଗରିବ ରାଷ୍ଟ୍ରରେ ବନ୍ୟା ନିୟନ୍ତ୍ରଣ ପାଇଁ ଆରମ୍ଭ କରାଯାଇଥିବା ପ୍ରକଳ୍ପରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି। ତେବେ ହିଂସାକୁ ରୋକିବା ପାଇଁ ପୁଲିସ ଫୋର୍ସ ଏବଂ ସୈନ୍ୟବାହିନୀକୁ ସଜାଗ ରଖାଯାଇଛି। ଐତିହାସିକ ମାନିଲା ପାର୍କରେ ଏବଂ ମୁଖ୍ୟ ଇଡିଏସଏ ରାଜପଥ ପାର୍ଶ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାର ସୁରକ୍ଷାରେ ହଜାର ହଜାର ପୁଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ଆମେରିକା ଏବଂ ଅଷ୍ଟ୍ରେଲିଆ ଦୂତାବାସ ନିଜ ନାଗରିକମାନଙ୍କ ପାଇଁ ଯାତ୍ରା ମାର୍ଗଦର୍ଶିକା ଜାରି କରିଛନ୍ତି ପ୍ରତିବାଦରୁ ଦୂରେଇ ରହିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ଆଜି ଆନ୍ଦୋଳନକାରୀ ମାନିଲାରୁ ପ୍ରତିବାଦ ଶୋଭାଯାତ୍ରା ଆରମ୍ଭ କରିଥିଲେ। ଦୁର୍ନୀତିରେ ସମ୍ପୃକ୍ତ ସମସ୍ତ ଲୋକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ବହୁତ ହେଇଗଲା ଦୁର୍ନୀତିଗ୍ରସ୍ତଙ୍କୁ ଜେଲ୍‌ରେ ଭର୍ତ୍ତି କର ବୋଲି କହିଥିଲେ।

## ପ୍ରେମିକଙ୍କୁ ହତ୍ୟା ପରେ ଆତ୍ମହତ୍ୟା କଲେ ମହିଳା

ସାହାରନପୁର, ୨୧।୯ (ଏଜେନ୍ସି): ଉତ୍ତରପ୍ରଦେଶର ସାହାରନପୁରରେ ଏକ ବିଚଳିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ପ୍ରେମିକଙ୍କ ହତ୍ୟାର ଗୋଟିଏ ଦିନ ପରେ ୧୮ ବର୍ଷୀୟା ମହିଳା ଅଙ୍କିତା ବିଷପାନ କରି ଆତ୍ମହତ୍ୟା କରିଛନ୍ତି ବୋଲି ପୁଲିସ ସୂଚନା ଦେଇଛି। ଚିଲିକାନା ଅଞ୍ଚଳରେ ରହୁଥିବା ଅଙ୍କିତା ଶନିବାର ତାଙ୍କ ଘରେ ମୃତ ଅବସ୍ଥାରେ ମିଳିଥିଲେ। ପାଖରେ ଏକ କୀଟନାଶକ ପ୍ୟାକେଟ୍‌କୁ ଠାବ କରାଯାଇଛି ବୋଲି ଏଏସ୍‌ପି ସାଗର ଜୈନ କହିଛନ୍ତି। ଶୁକ୍ରବାର ତାଙ୍କ ୨୨ ବର୍ଷୀୟ ପ୍ରେମିକ ମାହିଲଙ୍କୁ ହତ୍ୟା କରାଯାଇଥିଲା। ମୃତକଙ୍କ ପରିବାର ଅଙ୍କିତାଙ୍କ ପରିବାର ଲୋକଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୁଲିସ ଅଙ୍କିତାଙ୍କ ଦୁଇ ନାବାଳକ ଭାଇଙ୍କୁ ଅଟକ ରଖିଛି। ଅଙ୍କିତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁଲିସ ପଠାଇଛି।

# ଆଫଗାନିସ୍ତାନକୁ ଧମକ ଦେଲେ ଟ୍ରମ୍ପ

## ବଗରାମ୍ ଏୟାରବେସ୍ ଫେରାଅ; ନଚେତ ଭୟଙ୍କର ପରିଣତି

ୱାଶିଂଟନ, ୨୧।୯ (ଏଜେନ୍ସି):

ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ଏକ କ୍ଷୁଦ୍ର ଦେଶକୁ ନିଶାଣ କରିଛନ୍ତି। ନିଜର ଦ୍ୱିତୀୟ କାର୍ଯ୍ୟକାଳ ମଧ୍ୟରେ ବିଶ୍ୱକୁ ଅଶାନ୍ତ ରଖିଥିବା ଟ୍ରମ୍ପ ଆଫଗାନିସ୍ତାନର ତାଲିବାନ ସରକାରକୁ ଧମକ ଦେଇଛନ୍ତି। ବଗରାମ ଏୟାରବେସ ବା ବାୟୁସେନା ଘାଟି ଆମେରିକାକୁ ନ ଫେରାଇଲେ ଭୟଙ୍କର ପରିଣତି ଭୋଗିବ ବୋଲି କହିଛନ୍ତି। ଚୀନ୍‌କୁ କାଉଣ୍ଟର କରିବାକୁ ଯାଇ ଟ୍ରମ୍ପ ଆଫଗାନିସ୍ତାନକୁ ଏଭଳି ଧମକ ଦେଇଛନ୍ତି। ଏହି ଏୟାରବେସ୍ କବ୍‌ଜା ପାଇଁ ସେନା ପଠାଇବେ କି ବୋଲି ପଚରାଯିବାରୁ ଟ୍ରମ୍ପ ସିଧାସଳଖ ଭାବେ ଏହାର ଉତ୍ତର ଦେଇ ନ ଥିଲେ। ଏ ବିଷୟରେ ଆଲୋଚନା କରିହେବନି। ଏୟାରବେସ ଶୀଘ୍ର ମିଳୁ ବୋଲି ଆମେ ଚାହୁଁଛୁ। ଯଦି ଆଫଗାନିସ୍ତାନ ଭଲ ଭାବେ ଫେରାଇବ ନାହିଁ ତେବେ ମୁଁ କ'ଣ କରିବି ତାହା ଦେଖିବେ।

ଏହାପୂର୍ବରୁ ଟ୍ରମ୍ପ ଗୁରୁବାର ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମରଙ୍କ ସହ ସାମ୍ବାଦିକ ସମ୍ମିଳନୀ କରିଥିଲେ। ସେ କହିଥିଲେ ଯେ ଆମେ ବଗରାମ ଏୟାରବେସ୍‌କୁ ପୁନଃ ଦଖଲ ପାଇଁ ପ୍ରୟାସ କରୁଛୁ। କାରଣ ସେହି ସ୍ଥାନରୁ ଘଣ୍ଟାଏ ଦୂରରେ ଚୀନ୍ ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରୁଛି। ଅନ୍ୟପକ୍ଷରେ ତାଲିବାନ ସରକାର ଟ୍ରମ୍ପଙ୍କ ଏହି ଦାବିକୁ ଖାରଜ କରିଦେଇଛି। ନିଜ ଅଞ୍ଚଳରେ କେବେ ବି ଆମେରିକା ସୈନିକଙ୍କ ଉପସ୍ଥିତିକୁ ବରଦାସ୍ତ କରାଯିବନି ବୋଲି କୁହାଯାଇଛି। ଆଫଗାନ ସରକାରଙ୍କ ପ୍ରବକ୍ତା କହିଛନ୍ତି ଯେ ଦୁଇ ଦେଶ ପରସ୍ପର ସହ ଭଲ ସମ୍ପର୍କ ରଖିବା ଉଚିତ। ଦୋହା ଆଲୋଚନା ଏବଂ ଚୁକ୍ତିରେ ସାମରିକ ଉପସ୍ଥିତିକୁ ଖାରଜ କରିଦିଆଯାଇଥିଲା। କିନ୍ତୁ ବାଣିଜ୍ୟ ଏବଂ ଅନ୍ୟ କାର୍ଯ୍ୟକଳାପ ପାଇଁ ଦ୍ୱାର ଖୋଲା ରହିଛି।

ସେହିପରି ଚୀନ୍ ମଧ୍ୟ ଟ୍ରମ୍ପଙ୍କ ଧମକକୁ ବିରୋଧ କରି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ୍ କହିଛନ୍ତି ଯେ ଏହି ଅଞ୍ଚଳରେ ଉତ୍ତେଜନାକୁ ଉସୁକାଉଥିବା ଯେକୌଣସି କାର୍ଯ୍ୟକୁ ସମର୍ଥନ କରାଯିବନି। ଆଫଗାନିସ୍ତାନର ସ୍ୱାଧୀନତା, ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ଚୀନ୍ ସମ୍ମାନ ଦେଉଛି। ଆଫଗାନିସ୍ତାନର ଭବିଷ୍ୟତ ଆଫଗାନ ଲୋକଙ୍କ ହାତରେ ରହିବା ଉଚିତ। ସୂଚନା ଅନୁଯାୟୀ ସରକାର ପ୍ରତିଷ୍ଠା ପରେ ତାଲିବାନ ଚୀନ୍ ସରକାରଙ୍କ ସହିତ କୂଟନୈତିକ ସମ୍ପର୍କ ସ୍ଥାପନ କରିଥିଲା। ତମ୍ବା ଖଣି ଏବଂ ତୈଳ ଭଣ୍ଡାର ପୁଣି ଆରମ୍ଭ କରିବା ପାଇଁ ଚୀନ୍ ଆଫଗାନିସ୍ତାନରେ ବିପୁଳ ନିବେଶ କରିଛି।

ସୂଚନାଯୋଗ୍ୟ ଯେ ୨୦୨୧ରେ ଆଫଗାନିସ୍ତାନରୁ ସେନା ପ୍ରତ୍ୟାହାର ପରେ ଆମେରିକା ଠିକଣାକୁ ତାଲିବାନ କବ୍‌ଜା କରି ନେଇଥିଲା। କାବୁଲରେ ଆମେରିକା ସମର୍ଥିତ ସରକାରର ପତନ ଘଟାଇଥିଲା। ୧୯୫୦ରେ ସୋଭିଏତ ସଂଘ ଏବଂ ଆମେରିକା ସହାୟତାରେ ବଗରାମ ଏୟାରବେସ୍ ନିର୍ମାଣ କରାଯାଇଥିଲା। ରାଜଧାନୀ କାବୁଲରୁ ୪୦ କିମି ଉତ୍ତରରେ ଅବରାମ ଏୟାରବେସ ଅବସ୍ଥିତ। ଏହା ଆମରିକାର ସବୁଠାରୁ ବଡ଼ ସାମରିକ ଘାଟି ଥିଲା। ୨୦୦୧ ରେ ହୋଇଥିବା ୯/୧୧ ଆକ୍ରମଣ ପରେ ଆମେରିକା ଏହାକୁ ବ୍ୟବହାର କରିବା ଆରମ୍ଭ କରିଥିଲା। ଏହି ବାୟୁସେନା ଘାଟିରେ ବର୍ଗର କିଙ୍ଗ ଏବଂ ପିଜା ହଟ୍ ଭଳି ରେସ୍ତୁରାଁ, ଇଲେକ୍ଟ୍ରୋନିକ୍ସ ଏବଂ ଆଫଗାନ କାର୍ପେଟ ବିକ୍ରୟ କରୁଥିବା ଦୋକାନ ଏବଂ ଏକ ବଡ଼ ଜେଲ୍ ବି ଥିଲା।

୨୦୨୧ରେ ବାଇଡେନ ପ୍ରଶାସନ ଆଫଗାନିସ୍ତାନରୁ ଆମେରିକା ସେନା ପ୍ରତ୍ୟାହାର କରିଥିଲେ। ପରେ ତାଲିବାନ ବଗରାମ ବାୟୁସେନା ଘାଟି ଏବଂ ସରକାରଙ୍କୁ ବିତାଡ଼ିତ କରି ନିଜେ ଶାସନ କରିଥିଲା। ଟ୍ରମ୍ପ୍ କ୍ରମାଗତ ଭାବେ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ନିଷ୍ପତ୍ତିକୁ ସମାଲୋଚନା କରି ଚାଲିଛନ୍ତି। ସେ କେବେ ବି ବଗରାମ ଛାଡିବେ ନାହିଁ ବୋଲି କହିଛନ୍ତି। ଗତ ମାର୍ଚ୍ଚରେ ଏହି ସେନା ଘାଟିକୁ ରଖିବାକୁ ଚାହାନ୍ତି ବୋଲି ଟ୍ରମ୍ପ କହିଥିଲେ। ଚୀନ୍ ଉପରେ ନଜର ରଖିବା ଏବଂ ଆଫଗାନିସ୍ତାନର ଖଣିଜ ସମ୍ପଦ ପର୍ଯ୍ୟନ୍ତ ପହଞ୍ଚିବା ଏହାର ଉଦ୍ଦେଶ୍ୟ। ଏହା ପୂର୍ବରୁ ଟ୍ରମ୍ପ ପାନାମା କେନାଲ ଏବଂ ଗ୍ରୀନଲାଣ୍ଡ ଭଳି କ୍ଷେତ୍ରକୁ କବ୍‌ଜା କରିବାକୁ କହିଥିଲେ। କାନାଡ଼ାକୁ ମଧ୍ୟ ଆମେରିକୀୟ ରାଜ୍ୟ କରିବାର ଇଚ୍ଛା ପ୍ରକଟ କରିଥିଲେ। ଏବେ ବଗରାମ ଉପକାରେ ସେ ଆଖି ପକାଇଛନ୍ତି।

**ବଗରାମରେ ଚୀନ୍ ନିର୍ମାଣ କରୁଛି ପରମାଣୁ ଅସ୍ତ୍ର**

**ଆମେରିକା ସେନାଙ୍କ ଉପସ୍ଥିତିକୁ ବରଦାସ୍ତ କରାଯିବନି: କାବୁଲ**



## ସୁରକ୍ଷା ଲାଗି କରତାରପୁର କରିଡର ଏବେ ଖୋଲିବ ନାହିଁ

ଅମୃତସର,୨୧।୯ (ଏଜେନ୍ସି): ପାକିସ୍ତାନର ନାରେୱାଲ ଜିଲ୍ଲାରେ ଥିବା କରତାରପୁର ସାହିବ ଗୁରୁଦ୍ୱାରକୁ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲି ଦିଆଯାଇଛି। କିନ୍ତୁ ଭାରତ ସରକାର ଏହି କରିଡର ଖୋଲିବା ନେଇ କୌଣସି ନିଷ୍ପତ୍ତି ନେଇନାହାନ୍ତି। ଫଳରେ ପଞ୍ଜାବ କଂଗ୍ରେସ, ଆମ ଆଦମୀ ପାର୍ଟି ଓ ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟି (ଏସ୍‌ଜିପିସି) ସରକାରଙ୍କ ଏଭଳି ନିଷ୍ପତ୍ତିକୁ କଡ଼ା ବିରୋଧ କରିଛନ୍ତି। ସୁରକ୍ଷା ତଥା ନିରାପତ୍ତା କାରଣରୁ ଏହି କରିଡରକୁ ଖୋଲାଯିବ ନାହିଁ ବୋଲି କୁହାଯାଇଛି।

ପାକିସ୍ତାନ ପଞ୍ଜାବରେ ନିକଟରେ ହୋଇଥିବା ଭୟଙ୍କର ବନ୍ୟା ଯୋଗୁ କରତାପୁର ଗୁରୁଦ୍ୱାର ପରିସରରେ ୧୧ ଫୁଟ ପର୍ଯ୍ୟନ୍ତ ପାଣି ଭରି ଯାଇଥିଲା ଓ ଏଥିପାଇଁ ଗୁରୁଦ୍ୱାରକୁ ବନ୍ଦ କରିବାକୁ ପଡିଥିଲା। ଏବେ ବନ୍ୟା ଚାଲିଯିବା ପରେ ମରାମତି ଓ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ଅନୁମତି ଦିଆଯାଉଛି। କିନ୍ତୁ ଭାରତୀୟ ଶ୍ରଦ୍ଧାଳୁ ସେଠାକୁ ଯାଇପାରୁ ନାହାନ୍ତି। କାରଣ ଅପରେସନ ସିନ୍ଦୂର ସମୟରୁ କରତାରପୁର କରିଡରକୁ ବନ୍ଦ କରିବାକୁ ପଡିଛି। କିନ୍ତୁ ଯଦି ପାକିସ୍ତାନ ସହିତ ଭାରତ କ୍ରିକେଟ ମ୍ୟାଚ୍ ଖେଳିପାରୁଛି, ତେବେ କରିଡର କାହିଁକି ଖୋଲାଯାଇପାରିବ ନାହିଁ ବୋଲି ଏସ୍‌ଜିପିସି ପ୍ରଶ୍ନ କରିଛି।

## ପୁଣି ଟ୍ରମ୍ପଙ୍କ ଦାବି; ଭାରତ-ପାକ୍ ଯୁଦ୍ଧ ଅଟକାଇଛି

ନ୍ୟୁୟର୍କ, ୨୧।୯ (ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ପାଇବାର ମୋହକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଛାଡ଼ି ପାରୁନାହାନ୍ତି। ଏହି ପୁରସ୍କାରକୁ ହାତେଇବା ପାଇଁ ସେ ପୁଣି ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିଥିବାର ଦାବିକୁ ଦୋହରାଇଛନ୍ତି। ବାଣିଜ୍ୟ କାରବାର ଆଳରେ ଏ ପର୍ଯ୍ୟନ୍ତ ୭ଟି ଯୁଦ୍ଧ ଅଟକାଇଲିଣି। ତେଣୁ ମୁଁ ନୋବେଲ ପୁରସ୍କାର ପାଇବାକୁ ହକ୍‌ଦାର ବୋଲି ଟ୍ରମ୍ପ କହିଛନ୍ତି। 'ଆମେରିକାନ କର୍ଣ୍ଣରଷ୍ଟୋନ ଇନଷ୍ଟିଚ୍ୟୁଟ ଫାଉଣ୍ଡର୍ସ ଡିନର'ରେ ସାମିଲ ହୋଇ ଟ୍ରମ୍ପ ଶନିବାର ଏହି ଟିପ୍ପଣୀ ଦେଇଥିଲେ।

ଟ୍ରମ୍ପ କହିଥିଲେ ଯେ ବିଶ୍ୱସ୍ତରରେ ଆମେ ପୁଣି ଥରେ ଏପରି କାମ କରୁଛୁ, ଯେଉଁଥି ପାଇଁ ଆମେରିକାକୁ ସମ୍ମାନ ଦିଆଯାଉଛି। ପୂର୍ବରୁ କେବେ ଆମକୁ ଏପରି ସମ୍ମାନ ଦିଆଯାଇ ନାହିଁ। ଆମେ ଶାନ୍ତି ଚୁକ୍ତି କରି ଯୁଦ୍ଧ ବନ୍ଦ କରାଉଛୁ। ଭାରତ-ପାକିସ୍ତାନ, ଥାଇଲାଣ୍ଡ-କାମ୍ବୋଡିଆ, ଆର୍ମେନିଆ-ଆଜରବୈଜାନ, କୋସୋଭୋ-ସର୍ବିଆ, ଇସ୍ରାଏଲ-ଇରାନ, ଇଜିପ୍ଟ-ଇଥିଓପିଆ, ରାୱାଣ୍ଡା-କଙ୍ଗୋ ଆଦି ଯୁଦ୍ଧ ବନ୍ଦ କରିଛୁ। ଭାରତ ଏବଂ ପାକିସ୍ତାନର ନେତାଙ୍କୁ ସମ୍ମାନ କରୁଛି। ଉଭୟ ଦେଶ ଆମ ସହ ବାଣିଜ୍ୟ କାରବାର କରିବାକୁ ଚାହୁଁଥିଲେ। ତେଣୁ ଏହାକୁ ପାଥେୟ କରି ଆମେ ଯୁଦ୍ଧ ବନ୍ଦ କରିଥିଲୁ। ଏ ପର୍ଯ୍ୟନ୍ତ ଟ୍ରମ୍ପ ୪୦ ଥର ଏହି ଯୁଦ୍ଧ ବନ୍ଦ ଦାବି କଲେଣି। ୬୦ ପ୍ରତିଶତ ଯୁଦ୍ଧ କେବଳ ବାଣିଜ୍ୟ ପାଇଁ ବନ୍ଦ ହୋଇଛି ବୋଲି ସେ କହିଥିଲେ।

ରୁଷିଆ ଏବଂ ୟୁକ୍ରେନ ଯୁଦ୍ଧ ବନ୍ଦ କରିଦେଲେ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ହେବେ ବୋଲି ଟ୍ରମ୍ପଙ୍କୁ କୁହାଯାଇଥିଲା। ଏହାର ଉତ୍ତରରେ ଟ୍ରମ୍ପ କହିଥିଲେ ଯେ ବାକି ସାତୋଟି ଯୁଦ୍ଧ ବନ୍ଦ କରିବାକୁ ନେଇ କ'ଣ ମିଳିବ। ମୋତେ ପ୍ରତ୍ୟେକ ଯୁଦ୍ଧ ବନ୍ଦ ପାଇଁ ନୋବେଲ ପୁରସ୍କାର ମିଳିବା ଉଚିତ। କିନ୍ତୁ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କଲେ ନୋବେଲ ପାଇବାକୁ ଯୋଗ୍ୟ ହେବେ ବୋଲି ସେମାନେ କହିଥିଲେ। କାରଣ ଏହା ହେଉଛି ସବୁଠୁ ବଡ଼ ଯୁଦ୍ଧ।

**ମୁଁ ନୋବେଲ ପାଇବାକୁ ହକ୍‌ଦାର**

## ଏଲ୍‌ଓସିରେ ଭାରତ-ପାକ୍ ଗୁଳି ବିନିମୟ

ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଜମ୍ମୁ-କଶ୍ମୀରର ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ପୁଣି ଥରେ ଉତ୍ତେଜନା ସୃଷ୍ଟି ହୋଇଛି। କୁପୱାଡା ଜିଲ୍ଲାର ନାଉଗାଁ ସେକ୍ଟରରେ ପାକିସ୍ତାନ ପୋଷ୍ଟରୁ ୪ ରାଉଣ୍ଡ ଗୁଳିବର୍ଷା କରାଯାଇଥିଲା। ଭାରତୀୟ ଯବାନମାନେ ମଧ୍ୟ ଏହାର କଡ଼ା ଜବାବ ଦେଇଛନ୍ତି। ଏଥିରେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ଏବେ ସୀମା ଶାନ୍ତ ରହିଛି। ଏହି ଘଟଣାକୁ ଔପଚାରିକ ଭାବେ ଅସ୍ତ୍ର ବିରତିର ଉଲ୍ଲଂଘନ ବୋଲି କୁହାଯିବ ନାହିଁ ବୋଲି ଭାରତୀୟ ସେନା ସୂତ୍ରରୁ ଜଣାଯାଇଛି। ସେନା ତରଫରୁ ଏ ନେଇ ଆନୁଷ୍ଠାନିକ ଭାବେ କୌଣସି ମନ୍ତବ୍ୟ ଦିଆଯାଇନାହିଁ। ଉଲ୍ଲେଖଥାଉ କି, ଶୀତଋତୁ ଆସିବା ପୂର୍ବରୁ ପାକିସ୍ତାନ ସେନା ଗୁଳିବର୍ଷଣ କରି ଆତଙ୍କବାଦୀମାନଙ୍କୁ ଅନୁପ୍ରବେଶ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ। ଅବଶ୍ୟ ଏ ନେଇ ଭାରତୀୟ ସେନା ଭଲଭାବେ ଅବଗତ ରହିଛି।

## କେନ୍ଦ୍ରର ଭିଡ଼ ନିୟନ୍ତ୍ରଣ ଚିନ୍ତା

ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି): ଭିଡ଼ ନିୟନ୍ତ୍ରଣକୁ ନେଇ କେନ୍ଦ୍ର ସରକାରଙ୍କ ଚିନ୍ତା ବୃଦ୍ଧି ପାଇଛି। ଏହାକୁ ନେଇ ସରକାର ମାର୍ଗଦର୍ଶିକା ପ୍ରସ୍ତୁତ କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନ ଏବଂ ବଡ଼ ଆୟୋଜନଗୁଡିକ ପାଇଁ ଏଥିରେ ଧ୍ୟାନ ଦିଆଯାଇଛି। କୁମ୍ଭ ଭଳି ମେଳା, ଖେଳ ଷ୍ଟାଡିୟମ, ଧାର୍ମିକ କାର୍ଯ୍ୟକ୍ରମ ଏବଂ ବାବାମାନଙ୍କ ପ୍ରବଚନ ଆଦି ମଧ୍ୟ ସାମିଲ ରହିଛି। ସାମ୍ପ୍ରଦାୟିକ ଦଙ୍ଗା, ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ଏବଂ ସାମାଜିକ ଗଣମାଧ୍ୟମରେ ଚାଲିଥିବା ଜନଆକ୍ରୋଶ ମଧ୍ୟ ଏହାର ପରିସରରେ ରହିଛି। ନୂଆ ପରିସ୍ଥିତିକୁ ଦେଖି ସ୍ୱରାଷ୍ଟ୍ର ମନ୍ତ୍ରାଳୟ ମାର୍ଗଦର୍ଶିକା ପ୍ରସ୍ତୁତ କରିଛି। ସାମାଜିକ ଗଣମାଧ୍ୟମ ଯୁଗରେ ଖୁବଶୀଘ୍ର ଅପପ୍ରଚାର ବ୍ୟାପିଯାଉଛି। ଭିଡ଼ର ନୂଆ ମାନସିକତା ଉପରେ ଗବେଷଣା କରାଯାଇଛି। ଏହାକୁ ଆଧାର କରି 'କ୍ରାଉଡ କଣ୍ଟ୍ରୋଲ ଆଣ୍ଡ ମାସ୍ ଗ୍ୟାଦରିଂ ମ୍ୟାନେଜମେଣ୍ଟ' ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଗତ କିଛି ବର୍ଷ ହେଲା ସାମାଜିକ ଗଣମାଧ୍ୟମରୁ ସୃଷ୍ଟି ହୋଇଥିବା ଆକ୍ରୋଶ ଅଚାନକ ବିକ୍ଷୋଭରେ ବଦଳି ଯାଉଥିବା ଦେଖାଯାଉଛି। ଏଥିଯୋଗୁଁ ଭାରତର ତିନୋଟି ପଡୋଶୀ ଦେଶ ନେପାଳ, ବାଂଲାଦେଶ ଏବଂ ଶ୍ରୀଲଙ୍କାର ସରକାର ଭୁଶୁଡ଼ି ଯାଇଛି। ଏହାକୁ ଦେଖି ଭାରତ ସରକାର ମାର୍ଗଦର୍ଶିକା ଆଣିଥିବା କୁହାଯାଉଛି। 'ବ୍ୟୁରୋ ଅଫ୍ ପୁଲିସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ' ଏହି ଏସଓପି ପ୍ରସ୍ତୁତ କରିଛି। ଏଥିରେ ଅରାଜକତା ସୃଷ୍ଟି କରୁଥିବା ସଭା ପରିଚାଳନାର ଉପାୟ ଦିଆଯାଇଛି। ସାମାଜିକ ଗଣମାଧ୍ୟମ ପରିଚାଳନା ଏବଂ ଏହାର ଜବାବୀ ଉପାୟ ବିଷୟକୁ ମଧ୍ୟ ଯୋଡ଼ା ଯାଇଛି। ଭିଡ଼ ନିୟନ୍ତ୍ରଣ ମଡ୍ୟୁଲାର ମନୋବିଜ୍ଞାନ, ସାମାଜିକ ଏବଂ ଲଜିଷ୍ଟିକ ଦିଗ ସାମିଲ ରହିଛି। ବେଆଇନ ଭାବେ ଗୋଟିଏ ସ୍ଥାନରେ ଏକାଠି ହେବା ଏବଂ ଆକ୍ରମକ ବିକ୍ଷୋଭ ପ୍ରଦର୍ଶନ ପାଇଁ ସୁରକ୍ଷାବାହିନୀ ମୁତୟନର ମଡେଲ ଦିଆଯାଇଛି। ଚାଷୀ ଏବଂ ଶ୍ରମିକଙ୍କ ରାଲି ନିମନ୍ତେ ଅଲଗା ବ୍ୟବସ୍ଥାର ପ୍ରସ୍ତାବ ରହିଛି।

**ଗାଇଡଲାଇନ୍ସ ଜାରି**

# ନେତାଙ୍କୁ ବାସ୍ତୁ ଭୟ: ସଚିବାଳୟ ଛାଡ଼ିଲେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି):

ଏବେ ରାଜନୀତିରେ ବାସ୍ତୁକୁ ନେଇ ଜୋରସୋର୍‌ରେ ଚର୍ଚ୍ଚା ଚାଲିଛି। ତେଲଙ୍ଗାନାର ସବୁଠାରୁ ଯୁବ ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ (୫୫)ଙ୍କୁ ବାସ୍ତୁଦୋଷ ଭୟ ଘାରିଛି। ସେ ଏତେ ଭୟଭୀତ ହୋଇଯାଇଛନ୍ତି ଯେ ରାଜ୍ୟ ସଚିବାଳୟରେ ଆଉ ବସୁ ନାହାନ୍ତି। ସେ ସଚିବାଳୟର ନୂଆ କୋଠା ଛାଡ଼ି ପଳାଇଛନ୍ତି। ବଞ୍ଜାରା ହିଲ୍ସ ସ୍ଥିତ ହାଇ ସିକ୍ୟୁରିଟି ବ୍ୟବସ୍ଥା ଥିବା ତେଲଙ୍ଗାନା ପୁଲିସର କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟରରୁ କାମ କରୁଛନ୍ତି। ସଚିବାଳୟର ନୂଆ କୋଠାରେ ବାସ୍ତୁଦୋଷ ରହିଛି ବୋଲି ସେ କହୁଛନ୍ତି। ରେଭନ୍ତଙ୍କ ସମ୍ବନ୍ଧିତ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ୬୫୦ କୋଟି ଟଙ୍କାରେ ପ୍ରସ୍ତୁତ ଏହି ୭ ମହଲା ବିଶିଷ୍ଟ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କ ଭବ୍ୟ କାର୍ଯ୍ୟାଳୟ ରହିଛି। ମନ୍ତ୍ରୀ, ମୁଖ୍ୟ ସଚିବଙ୍କ ସମେତ ପ୍ରମୁଖ ଅମଲାତାନ୍ତ୍ରିକ ଅଧିକାରୀଙ୍କ କାର୍ଯ୍ୟାଳୟ ମଧ୍ୟ ଏଠାରେ ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଆରଏସ ମୁଖ୍ୟ କେ.ଚନ୍ଦ୍ରଶେଖର ରାଓଙ୍କ ସମୟରେ ଏହି କୋଠା ନିର୍ମାଣ ହୋଇଥିଲା। ସେ ୨୦୨୩ ଏପ୍ରିଲ ୩୦ରେ ଏହାକୁ ଉଦ୍‌ଘାଟନ କରିଥିଲେ। କିନ୍ତୁ ଡିସେମ୍ବରରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ସେ ହାରି ଯାଇଥିଲେ। ପରେ କଂଗ୍ରେସ ନେତା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ।

ପୁରୁଣା ସଚିବାଳୟ କୋଠାରେ ବାସ୍ତୁଦୋଷ ଥିବା ଭାବି କେସିଆର ନୂତନ ସଚିବାଳୟ ନିର୍ମାଣ କରିଥିଲେ। ଏଥିପାଇଁ ବାସ୍ତୁ ନୀତି ଅନୁସରଣ କରି କାର୍ଯ୍ୟାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ଭାବେ ଦୁଇ ଥରର କାର୍ଯ୍ୟକାଳ ମଧ୍ୟରେ ସେ ପ୍ରାୟ ୨୪ ଥର ପୁରୁଣା ସଚିବାଳୟ ବୁଲିବାକୁ ଯାଇଥିଲେ। ସେ ତାଙ୍କର ଅଧିକାଂଶ କାର୍ଯ୍ୟ କ୍ୟାମ୍ପ ଅଫିସ ତଥା ବାସଭବନ ପ୍ରଗତି ଭବନରୁ କରୁଥିଲେ।

**ପୁଲିସ କମାଣ୍ଡ ସେଣ୍ଟରରୁ କରୁଛନ୍ତି କାମ**

**୬୫୦ କୋଟିରେ ପ୍ରସ୍ତୁତ ହୋଇଥିଲା ନୂଆ କୋଠା**

କଂଗ୍ରେସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କୋଠାର ମୁଖ୍ୟ ପ୍ରବେଶ ଦ୍ୱାର ପ୍ରଥମେ ପୂର୍ବ ଦିଗକୁ ମୁହଁ କରି ରହିଥିଲା। ପରେ ଏହାକୁ ବନ୍ଦ କରି ଦକ୍ଷିଣ-ପୂର୍ବକୁ ସ୍ଥାନାନ୍ତରିତ କରାଯାଇଥିଲା। କେସିଆର ପ୍ରଥମେ ପୂର୍ବ ଦିଗରୁ ପ୍ରବେଶ କରିଥିଲେ। କିନ୍ତୁ ଗତ ବିଧାନସଭା ନିର୍ବାଚନ ପୂର୍ବରୁ ସେ ପୂର୍ବ ପ୍ରବେଶ ଦ୍ୱାରକୁ ବନ୍ଦ କରିଦେଇଥିଲେ।


ରେଭନ୍ତଙ୍କ ଘନିଷ୍ଠଙ୍କ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ହେବା ପରଠାରୁ ସେ ନୂତନ କୋଠାରେ ବାରମ୍ବାର ଅଣ-ନିଶ୍ୱାସୀ ଅନୁଭବ କରିଥିଲେ। ପରେ ଯାଞ୍ଚରୁ ବାସ୍ତୁଦୋଷ ଥିବା ଜଣାପଡ଼ିଥିଲା। ଏହାକୁ ସୁଧାରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ ପୁଲିସ ନିୟନ୍ତ୍ରଣ କକ୍ଷରେ ରହିବାକୁ ପସନ୍ଦ କରିଥିଲେ। ସେ କେବଳ ସ୍ୱତନ୍ତ୍ର ପ୍ରତିନିଧି କିମ୍ବା ଅତିଥିଙ୍କୁ ଭେଟିବା ସମୟରେ ନୂତନ ସଚିବାଳୟକୁ ଯାଇଥାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଘନିଷ୍ଠଙ୍କ ଅନୁଯାୟୀ କେସିଆରଙ୍କ ଅନେକ ବିଶ୍ୱସ୍ତ କର୍ମଚାରୀ ସଚିବାଳୟରେ ରହିଛନ୍ତି। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ରେଭନ୍ତ ନୂତନ କୋଠାକୁ ଯିବା ପରେ ଅନେକ ବୈଠକ କରିଥିଲେ। କିନ୍ତୁ ଏହାର ସବୁ ସୂଚନା ବାହାରକୁ ବାହାରି ଯାଇଥିଲା। ବର୍ଷ ଆରମ୍ଭରେ ଫୋନ୍ ଟ୍ୟାପିଂ ଦୁର୍ନୀତି ରେଭନ୍ତଙ୍କ ସନ୍ଦେହକୁ ଆହୁରି ମଜବୁତ କରିଥିଲା। ଏହା ପରେ ରେଭନ୍ତ ଧୀରେ ଧୀରେ ପୋଲିସ କମାଣ୍ଡ ସେଣ୍ଟରକୁ ସ୍ଥାନାନ୍ତରିତ ହେବା ଆରମ୍ଭ କରିଥିଲେ।



ନାମ ଗୋପନ ରଖି ଜଣେ ବିଆରଏସ ନେତା କହିଛନ୍ତି ଯେ କେସିଆର ନିଜର ରାଜନୈତିକ ଉତ୍ତରାଧିକାରୀ ତଥା ପୁଅ କେ.ଟି. ରାମା ରାଓଙ୍କ ପାଇଁ ନୂତନ କୋଠା ନିର୍ମାଣ କରିଥିଲେ। ଅଗ୍ନି ସୁରକ୍ଷା ମାନ ଖରାପ ଥିବା ଦର୍ଶାଇ ସେ ପ୍ରାୟ ୭୦ କୋଟି ଟଙ୍କା ବ୍ୟୟ କରି ପୁରୁଣା ସଚିବାଳୟକୁ ଭାଙ୍ଗି ଦେଇଥିଲେ।

କରୋନା ସମୟରେ ଏପରି କରାଯାଇଥିଲା। ସେତେବେଳେ ରାଜ୍ୟ ଭୟଙ୍କର ଆର୍ଥିକ ସଙ୍କଟରେ ଥିଲା। ତେଣୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ଏହି ପଦକ୍ଷେପକୁ ବିରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ଅଯଥାରେ ଅର୍ଥ ବ୍ୟୟ କରୁଥିବା କହିଥିଲେ। ଅପବ୍ୟୟ ଖର୍ଚ୍ଚ ବୋଲି କହିଥିଲେ। ଏହା ସତ୍ତ୍ୱେ କେସିଆର ବିଆରଏସକୁ ଏକ ଜାତୀୟ ଶକ୍ତି ଭାବରେ ପୁନର୍ଗଠିତ କରିବାକୁ ଚାହିଁଥିଲେ।

୨୦୨୩ ବିଧାନସଭା ନିର୍ବାଚନରେ ପରାଜୟ ପରେ କେସିଆର ବଞ୍ଜାରା ହିଲ୍ସରେ ଥିବା ଦଳୀୟ ମୁଖ୍ୟାଳୟ 'ତେଲଙ୍ଗାନା ଭବନ'ର ମୁଖ୍ୟ ପ୍ରବେଶ ଦ୍ୱାରର ଦିଗ ପରିବର୍ତ୍ତନ କରିଥିଲେ। ପୂର୍ବରୁ ତେଲଙ୍ଗାନା ଭବନର ମୁଖ୍ୟ ଦ୍ୱାର ଉତ୍ତର-ପଶ୍ଚିମ ଦିଗକୁ ଥିଲା। ମାତ୍ର ପରେ ଉତ୍ତର-ପୂର୍ବ ଦିଗରେ ଆଉ ଏକ ଦ୍ୱାର ଖୋଲାଯାଇଥିଲା। ଜଣେ ଦଳୀୟ ନେତା କହିଥିଲେ ଯେ କୋଠା ସାମ୍ନାରେ ଏକ ବିଧି ପୋଟୁ ତଥା ଟି-ଜଙ୍କସନ୍ ଅଛି। ଯେଉଁଠାରେ ତିନୋଟି ରାସ୍ତା ଗୋଟିଏ ସ୍ଥାନରେ ମିଶୁଛି। ବାସ୍ତୁ ଅନୁସାରେ ଏହା ନକାରାତ୍ମକ ଶକ୍ତିକୁ ଆକର୍ଷିତ କରିଥାଏ। ଏହାକୁ ଦୂର କରିବା ପାଇଁ ମୁଖ୍ୟ ଦ୍ୱାରର ଦିଗ ପରିବର୍ତ୍ତନ କରାଯାଇଥିଲା।



ମହାଳୟାରେ ମା' ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ

# ବାଣ ଗୋଦାମରେ ବିସ୍ଫୋରଣ:୨ ମୃତ, ୧୨ ଆହତ

ହରଭଙ୍ଗା,୨୧।୯(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ପୁରୁଣାକଟକ ଥାନା ଜିଆଁକଟା ଗ୍ରାମରେ ରବିବାର ସକାଳେ ଭୟଙ୍କର ବାଣ ବିସ୍ଫୋରଣ ଘଟି ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨ଜଣ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପଟେ ଭୟଙ୍କର ବିସ୍ଫୋରଣରେ ବିଦ୍ୟୁତ୍ ଖୁଣ୍ଟ ଠାରୁ ଆରମ୍ଭ କରି ଘର,ଅଟୋ,ବାଇକ୍ ଏପରିକି ବାଣଥିବା ଘର ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ଭୟଙ୍କର ବିସ୍ଫୋରଣ ଶବ୍ଦରେ ଲୋକଙ୍କ ଛାତିଥରି ଉଠିଥିଲା। ଖବରପାଇ ଘଟଣାସ୍ଥଳରେ ବୌଦ୍ଧ ଏସ୍‌ପି ରାହୁଲ ଗୋୟେଲ,ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ,ବୌଦ୍ଧ ଉପଜିଲ୍ଲାପାଳ ବିନୟ କୁମାର ଭୋଇ,ହରଭଙ୍ଗା ତହସିଲଦାର ବଳଦେବ ବେହେରା,ଅତିରିକ୍ତ ତହସିଲଦାର ସନ୍ଦିପ ଶୁଭଦର୍ଶନ ଧଳ,ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ସେଠୀ,ହରଭଙ୍ଗା ଅଗ୍ନିଶମ ବାହିନୀ,ବୌଦ୍ଧ ଆଇଆଇସି ନଳିନୀକାନ୍ତ ଦାସ,ପୁରୁଣାକଟକ ଆଇଆଇସି ଅରୁଣ କୁମାର ସିଂ,ହରଭଙ୍ଗା ଆଇଆଇସି ବାଲ୍ମିକୀ ପ୍ରଧାନଙ୍କ ସମେତ ଓଡ୍ରାଫ୍ ଟିମ୍, ଅଗ୍ନିଶମ ,ସାଇଣ୍ଟିଫିକ୍ ଟିମ୍,ଡଗ୍ ସ୍କ୍ୱାର୍ଡ,ବମ୍ ଡିଟେକ୍ସନ ଏବଂ ପୁଲିସ ଟିମ୍ ପ୍ରମୁଖ ଘଟଣାସ୍ଥଳରେ ପହଁଞ୍ଚି ଘଟଣାର ତଦନ୍ତ କରିବା ସହ ଉଦ୍ଧାର କାର୍ଯ୍ୟ କରିଥିଲେ। ଲକ୍ଷ୍ମୀଧର ବେହେରା(୫୦)ଙ୍କ ସହ



ଆଉ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଏହା ସହିତ ଭଗବାନ ବେହେରା, ଅନନ୍ତ ବେହେରା, ଶାନ୍ତି ବାଘ,ଶ୍ରୀମନ୍ତ ବାଘ,ଅମର ବେହେରା, ମୋହନ ବେହେରା, କୁମୁଦିନୀ ବେହେରା, ଖଗେଶ୍ୱର ବେହେରା, ପ୍ରବାସୀ ବେହେରା, ଚନ୍ଦ୍ରିକା ବେହେରା,ରେଖା ବେହେରାଙ୍କ ସମେତ ୧୨ଜଣ ଗୁରୁତର ଆହାତ ହୋଇଥିବା ଜଣାପଡିଛି। ଅନ୍ୟପଟେ ରମା ଭୋକ୍ତା ନାମକ ଜଣେ ମହିଳା ନିଖୋଜ ଥିବା କୁହାଯାଉଛି। ସେହିପରି ଗ୍ରାମରେ ସତ୍ୟନାରାୟଣ ନାୟକ ସମେତ ପାଖ ଆଖରେ ଥିବା ଅନେକ ଲୋକଙ୍କ ପକ୍କାଘର ,ଆଜବେଷ୍ଟସ୍ ଘର ଭାଙ୍ଗିଥିବା ଜଣାପଡିଛି। ସୂଚନା ଅନୁସାରେ ଜିଆଁକଟା ଗ୍ରାମର ମାଗିସାହୁ ନାମକ ବ୍ୟକ୍ତି ଏକ ସିଲଭର ଫ୍ୟାକ୍ଟ୍ରି କରି କଂସାବାସନ କରି ବହୁଦିନ ହେଲା ସେଠାରେ ବ୍ୟବସାୟ କରୁଥିଲେ। ସେ ୧୦/୧୨ଟି ଛୋଟ ଛୋଟ ଆଜବେଷ୍ଟସ ଛପର ଘରକୁ ଭଡ଼ା ରେ ଦେଇଥିଲେ। ସେହି ଘରେ ପ୍ଲାଷ୍ଟିକ୍ ବ୍ୟବସାୟ ଠାରୁ ଆରମ୍ଭ କରି ମୁଢ଼ି ବ୍ୟବସାୟ କରୁଥିବା ଲୋକଙ୍କ ସହିତ କିଛି ଶ୍ରମିକ ଶ୍ରେଣୀର ଲୋକେ ସେଠାରେ ଭଡ଼ାରେ ରହୁଥିଲେ। ରବିବାର ସକାଳେ ପ୍ରାୟତଃ ସମସ୍ତେ କାମଧନ୍ଦାରେ ବାହାରି ଯାଇଥିଲେ। ସକାଳ ପ୍ରାୟ୧୦.୩୦ ସମୟରେ ଉକ୍ତ ଘରୁ ଭୟଙ୍କର ବାଣ ବିସ୍ଫୋରଣ ଘଟିଥିଲା।ଏଥିରେ ଚାରିଆଡ ଧୂଆଁମୟ ହୋଇଯାଇଥିଲା। ବିସ୍ଫୋରଣର ପ୍ରକୋପ ଏତେ ଭୟଙ୍କର ରହିଥିଲା ଯେ ଏକ କିଲୋମିଟର ଦୂରରେ ଥିବା ପୁରୁଣାକଟକ ଏବଂ ଚାରିଛକ ବଜାରରେ ଏକ ଭୂମିକମ୍ପ ଭଳି କମ୍ପନ ସୃଷ୍ଟି ହେବା ସହିତ ଲୋକଙ୍କ ଦୋକାନ ଘର କାଚ ଭାଙ୍ଗିଯାଇଥିଲା। ଏପରିକି ଅନେକ ଲୋକଙ୍କ ଘରଦ୍ୱାର ଭାଙ୍ଗିବା ସହିତ ଗୁରୁତର ଅବସ୍ଥାରେ ଅନେକ ଚିକିତ୍ସାଧିନ ଥିବା ଜଣାପଡିଛି। ଘଟଣାସ୍ଥଳରେ ବିଭିନ୍ନ ପ୍ରକାର ବାଣର ଖୋଳପା ପଡିଥିବା ଦେଖିବା ପରେ ବେଆଇନ ଭାବେ ଘରେ ଗଚ୍ଛିତ ଥିବା ବାଣରୁ ବିସ୍ଫୋରଣ ଘଟିଥିବା କୁହାଯାଉଛି। ଅନ୍ୟପଟେ କ୍ଷତିପୂରଣ ଦାବିରେ ଲୋକେ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାସ୍ଥଳରେ ପୁଲିସ ପ୍ରଶାସନିକ ଟିମ୍ ସହିତ ସ୍ଥାନୀୟ ବିଜେପି ନେତା ଶୁଶାନ୍ତ ପ୍ରଧାନ, ଅଶୋକ କୁମାର ଅଗ୍ରୱାଲା ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ କ୍ଷତିପୂରଣ ପ୍ରତିଶ୍ରୁତି ଦେବାପରେ ଦୀର୍ଘ ୪ଘଣ୍ଟା ପରେ ରାସ୍ତାରୋକ ହଟିଥିଲା। ଅନ୍ୟପଟେ ସନ୍ଧ୍ୟା ୫.୩୦ପର୍ଯ୍ୟନ୍ତ ଘଟଣାସ୍ଥଳରେ ୩ଟି ଜେସିବି ସାହାଯ୍ୟରେ ମାଟିରେ ମିଶିଥିବା ଘରର ସଫା କରାଯାଇ ମୃତାହତଙ୍କ ଅନୁସନ୍ଧାନ କରାଯାଇଥିଲା।ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ନୀରିହ ଗାଁ ଲୋକଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ହୀରାକୁଦ ପୂର୍ଣ୍ଣଗର୍ଭା, ୨ଗେଟ୍ ଖୋଲା

ସମ୍ବଲପୁର, ୨୧।୯ (ସମିସ):ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ହୋଇଥିବାବେଳେ ରବିବାର ସକାଳ ପ୍ରାୟ ୮ଟା ସମୟରେ ଜଳଭଣ୍ଡାରର ଜଳସ୍ତର ଏହି ସ୍ତରକୁ ପହଞ୍ଚିଥିଲା। ଏହାପରେ ଜଳସ୍ତର ବଜାୟ ରଖାଯାଉଥିବାବେଳେ ସକାଳ ୮ଟା ୪୫ ମିନିଟ ଏବଂ ୯ଟା ୧୦ ମିନିଟ ସମୟରେ ଦୁଇଟି ସ୍ଲୁଇସ ଗେଟ୍ ଖୋଲାଯାଇଛି।ରବିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଛି। ନଦୀବନ୍ଧର ବାମ ଓ ଡାହାଣପାର୍ଶ୍ୱର ଗୋଟିଏ ଲେଖାଏ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଇଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୬୯,୨୭୦ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ସ୍ପିଲୱେ, ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩୨,୮୮୦ ଘନଫୁଟ ଜଳପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧,୬୩୮ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ଦେଇ ୪,୫୦୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୩.୪୮ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧.୮୪ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୯୭ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ସ୍ୱାମୀର ଠେଙ୍ଗାମାଡ଼ରେ ସ୍ତ୍ରୀ ମୃତ

ବେତନଟୀ,୨୧।୯(ସମିସ): ସ୍ୱାମୀର ଠେଙ୍ଗାମାଡ଼ରେ ସ୍ତ୍ରୀର ମୃତ୍ୟୁ ଘଟିଛି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ ପୁରିନ୍ଦା ପଞ୍ଚାୟତର ଫଂସା ଗାଁରେ ପାରିବାରିକ କଳହରୁ ଏଭଳି କରୁଣ ପରିସ୍ଥିତି ଘଟିଛି। ମୃତକ ହେଲେ ସତ୍ୟଭାମା ମହାନ୍ତ। ରବିବାର ଦ୍ୱିପହରରେ ସ୍ୱାମୀ ଗଣେଶ ମହାନ୍ତ ସାମାନ୍ୟ କଥାରୁ ଉତ୍କ୍ଷିପ୍ତ ହୋଇ ପତ୍ନୀ ସତ୍ୟଭାମାଙ୍କୁ ମାଡ଼ ମାରିଥିଲେ। ମନଦୁଃଖରେ ଖଟିଆରେ ସତ୍ୟଭାମା ଶୋଇଥିବାବେଳେ ଗଣେଶ ପୁଣି ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ। ଫଳରେ ଘଟଣାସ୍ଥଳରେ ସତ୍ୟଭାମାଙ୍କର ମୃତ୍ୟୁ ଘଟିଛି। ସତ୍ୟଭାମାଙ୍କ ଝିଅ ପଡ଼ୋଶୀ ଲୋକଙ୍କ ସହ ଜଙ୍ଗଲକୁ କାଠ ଗୋଟେଇବାକୁ ଯାଇଥିବାବେଳେ ଗଣେଶ ଏକାକୀ ପାଇ ଏଭଳି ତୁମୁଳକାଣ୍ଡ ଭିଆଇଥିବା କୁହାଯାଉଛି। ଗ୍ରାମବାସୀ ବେତନଟୀ ପୁଲିସକୁ ଖବର ଦେବାରୁ ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ସ୍ୱାମୀ ଗଣେଶ ମହାନ୍ତକୁ ପୁଲିସ ଅଟକ ରଖିଥିବା ଜଣାପଡ଼ିଛି।

# ମଝି ସମୁଦ୍ରରେ ଡଙ୍ଗା ଉପରେ ବଜ୍ରପାତ

## ବାପା ମୃତ, ପୁଅ ନିଖୋଜ

ମହାକାଳପଡ଼ା,୨୧।୯(ସମିସ): ମାଛ ଧରିବା କାଳ ହୋଇଛି। ମଝି ସମୁଦ୍ରରେ ବଜ୍ରପାତ ଯୋଗୁଁ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହୋଇଥିବାବେଳେ ପୁଅ ନିଖୋଜ ହୋଇଯାଇଛି। ମହାକାଳପଡ଼ା ବ୍ଲକ୍‌ରେ ଏଭଳି ଦୁଃଖଦ ଘଟଣା ଘଟିଛି। ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ଗ୍ରାମର ମତ୍ସ୍ୟଜୀବୀ ବିଜୟ ପରିଡ଼ା ଓ ତାଙ୍କ ପୁଅ ଗୁଲିଆ ପରିଡ଼ା ମାଛ ଧରିବାକୁ ଡଙ୍ଗାରେ ସମୁଦ୍ରକୁ ଯାଇଥିଲେ। ଶନିବାର ଅପରାହ୍ଣରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିବାବେଳେ ଡଙ୍ଗା ଉପରେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ବିଜୟ ପରିଡ଼ା ସେହି ଜାଲ ଡଙ୍ଗା ଉପରେ ଟଳି ପଡ଼ିଥିଲେ। ରବିବାର ସକାଳେ ଅନ୍ୟ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବାବେଳେ ଡଙ୍ଗା ଭାସୁଥିଲା ଓ ବିଜୟଙ୍କ ମୃତଦେହ ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେବା ସହିତ ଉଦ୍ଧାର କରିଥିଲେ। ବାପା ସାଙ୍ଗରେ ଯାଇଥିବା ପୁଅ ଗୁଲୁଆ ପରିଡ଼ା ନିଖୋଜଥିବା ଜଣାପଡ଼ିବା ପରେ ବନ ବିଭାଗ, ପୁଲିସ ଟିମ୍ ବୋଟ୍ ସାହାଯ୍ୟରେ ଖୋଜାଖୋଜି ଜାରି ରଖିଥିବା ପୂର୍ବତନ ସରପଞ୍ଚ ମନୋଜ କୁମାର ପାତ୍ର କହିଛନ୍ତି।

**ପୁଲିସ ହେପାଜତରୁ ଅପହର୍ତ୍ତା ଫେରାର**

# ଏଏସ୍‌ଆଇ, ୨ କନେଷ୍ଟବଳ ନିଲମ୍ବିତ

ବାଲେଶ୍ୱର/ବାହାନଗା,୨୧।୯(ସମିସ): ଏକ ନାବାଳିକା ଅପହରଣ ମାମଲାରେ ପୁଲିସ ହେପାଜତରୁ ଅପହର୍ତ୍ତା ଫେରାର ହେବା ଘଟଣାରେ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ଗୋପାଳପୁର ଥାନାର ଜଣେ ଏଏସ୍‌ଆଇଙ୍କ ସହ ୨ କନେଷ୍ଟବଳଙ୍କୁ ନିଲମ୍ବନ କରିଛନ୍ତି। ଗୋପାଳପୁର ଥାନା ଦୋଳପୁର ଅଞ୍ଚଳର ଏକ ନାବାଳିକାକୁ ଆରୁହାବାଡ଼ ଅଞ୍ଚଳର ଜଣେ ଯୁବକ ଅପହରଣ କରିଥିବା ନେଇ ନାବାଳିକାଙ୍କ ମା' ଜୁନ ୩୦ରେ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ବାଲେଶ୍ୱର ଏସ୍‌ପି ଗୋପାଳପୁର ଥାନାର ଏଏସଆଇ ଦୀପକ କୁମାର ଭୋଇ, କନେଷ୍ଟବଳ ବିକାଶ କୁମାର ମହାପାତ୍ରଙ୍କ ସହ ବାଲେଶ୍ୱର ରିଜର୍ଭ କନେଷ୍ଟବଳ ସୁଚିତ୍ରା ମାଝୀଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲେ। ପରେ ଏହି ଟିମ ସେପ୍ଟେମ୍ବର ୧୦ରେ ଟ୍ରାକ କରି ଆନ୍ଧ୍ରପ୍ରଦେଶରେ ସମ୍ପୃକ୍ତ ଯୁବକ ଜଣକ ନାବାଳିକାକୁ ଅପହରଣ କରି ରଖିଥିବାର ସନ୍ଧାନ ପାଇଥିଲେ। ପରେ ଏହି ଟିମ୍ ଆନ୍ଧ୍ର ପ୍ରଦେଶ ଯାଇ ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଯୁବକ ସଞ୍ଜୀୟ ରଥକୁ ଧରିବାରେ ସଫଳ ହୋଇ ଟ୍ରେନ ଯୋଗେ ଓଡ଼ିଶା ଆସୁଥିଲେ। ବିଳମ୍ବିତ ରାତିରେ ଅଭିଯୁକ୍ତ ସଞ୍ଜୀୟ ରଥ ଟ୍ରେନରୁ ଫେରାର ହୋଇ ଯାଇଥିଲା। ଉକ୍ତ ଟିମ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ବିଫଳ ହୋଇ କେବଳ ନାବାଳିକାକୁ ଧରି ଓଡ଼ିଶା ଫେରିଥିଲେ। କାର୍ଯ୍ୟରେ ଅବହେଳା ପାଇଁ ଏସ୍‌ପି କାର୍ଯ୍ୟାନୁଷ୍ଠାନ ଗ୍ରହଣ ସ୍ୱରୂପ ଗୋପାଳପୁର ଥାନା ଏଏସଆଇ ଦୀପକ କୁମାର ଭୋଇ, କନେଷ୍ଟବଳ ବିକାଶ କୁମାର ମହାପାତ୍ରଙ୍କ ସହ ବାଲେଶ୍ୱର ରିଜର୍ଭ କନେଷ୍ଟବଳ ସୁଚିତ୍ରା ମାଝୀଙ୍କୁ ନିଲମ୍ବନ କରିଛନ୍ତି।



# ଜିଲ୍ଲାସ୍ତରୀୟ ହିନ୍ଦୀ ଦିବସ



କୋରାପୁଟ,୨୧।୯ (ସମିସ): ସ୍ଥାନୀୟ ଏକ ହୋଟେଲର ସମ୍ମିଳନୀ କକ୍ଷରେ ରବିବାର ଜିଲ୍ଲାସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଗତ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟସ୍ତରରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। କୋରାପୁଟ ଜିଲ୍ଲା ହିନ୍ଦୀ ଶିକ୍ଷକ ସଂଘ ସଭାପତି ପ୍ରଦୀପ କୁମାର ଖୋସାଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ମାଧ୍ୟମିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ ବୀରେନ୍ଦ୍ର କରକରା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିବା ସହ ରାଷ୍ଟ୍ରୀୟ ଭାଷା ହିନ୍ଦୀର ପ୍ରଚାର ନେଇ ହିନ୍ଦୀ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି, ରାଜ୍ୟ ହିନ୍ଦୀ ଶିକ୍ଷକ ସଂଘର ସଭାପତି ଏସ୍‌କେ ସୁମନ, ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଚକ୍ରଧର ପ୍ରଧାନ ଯୋଗଦେଇ ଜାତୀୟସ୍ତରରେ ହିନ୍ଦୀ ଶିକ୍ଷାର ବର୍ତ୍ତମାନ ସ୍ଥିତି ଓ ଗୁରୁତ୍ୱ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ୧୪ ଟି ବ୍ଲକ୍‌ରୁ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପଥ ସଞ୍ଚାଳନ



ଦାମନଯୋଡି,୨୧।୯ (ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ର ଶତବାର୍ଷିକୀ ଉତ୍ସବ ଅବସରରେ କୋରାପୁଟ ଜିଲ୍ଲା ମାଥାଲପୁଟ ଖଣ୍ଡରେ ପଥ ସଞ୍ଚାଳନ ଆୟୋଜିତ ହୋଇଛି। ଏଥିରେ ବିଭିନ୍ନ ଶାଖାର ପ୍ରାୟ ୨୦୦ ସ୍ୱୟଂସେବକ ପୂର୍ଣ୍ଣ ଗଣବେଶରେ ଅଂଶଗ୍ରହଣ କରିଥିଲେ। ଭେଜାପୁଟ ସ୍ଥିତ ମା’ ମଙ୍ଗଳା ଗେଷ୍ଟ ହାଉସ ପରିସରରୁ ସ୍ୱୟଂ ସେବକମାନେ ପୂର୍ଣ୍ଣ ଗଣବେଶ ପରିଧାନ ପୂର୍ବକ ଘୋଷ୍ ବାଦ୍ୟର ତାଳେ ତାଳେ ନଗର ପରିକ୍ରମା କରି ମାଥାଲପୁଟ ସ୍ଥିତ ମାଲୁସାଉନ୍ତ ହାଇସ୍କୁଲ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲେ। ଜିଲ୍ଲା ପ୍ରଚାରକ ଚିଦାନନ୍ଦ ଶତପଥୀଙ୍କ ଅଧ୍ୟକ୍ଷତାରେ ପଡ଼ିଆ ମଧ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ନାଲକୋର ବରିଷ୍ଠ ପ୍ରଶାସନିକ ଅଧିକାରୀ ରମେଶ ଚନ୍ଦ୍ର ଦାଶ ମୁଖ୍ୟଅତିଥି, ସହ ପ୍ରାନ୍ତ କାର୍ଯ୍ୟବାହ ହରିଶ୍ଚନ୍ଦ୍ର ପରିଡ଼ା ମୁଖ୍ୟବକ୍ତା, ସହ ଜିଲ୍ଲା କାର୍ଯ୍ୟବାହ ଜୟଶଙ୍କର ପ୍ରସାଦ ଖାଡେଙ୍ଗା, ଖଣ୍ଡ କାର୍ଯ୍ୟବାହ ରଞ୍ଜନ କୁମାର ବେହେରା, ବିଭାଗ ବୌଦ୍ଧିକ ପ୍ରମୁଖ ଅଶୋକ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପଡ଼ିଆରେ ସ୍ୱୟଂସେବକମାନେ ସୂର୍ଯ୍ୟ ନମସ୍କାର, ଆସନ, ଦଣ୍ଡଯୋଗ ଆଦି ଚିତ୍ତାକର୍ଷକ ଶାରୀରିକ କ୍ରୀଡା ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବି, ସମାଜସେବୀ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପଦୁଗୁଡାର ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକଙ୍କ ଦାବିପତ୍ର



ପୋଡ଼ାଗଡ଼,୨୧।୯ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍‌ର ଚର୍ଚ୍ଚିତ ଗାଁ ପଦୁଗୁଡାର ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ଦାବିପତ୍ର ପ୍ରଦାନ କରିଛନ୍ତି। ବିଗତ ବର୍ଷମାନଙ୍କରେ ଜଣେ କୁନି ଛାତ୍ରୀ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସରେ ଅଭିନୟ କରି ମନ୍ତ୍ରୀଙ୍କ ସମ୍ମୁଖରେ ପଦୁଗୁଡା ଗ୍ରାମର ରାସ୍ତା, ପାନୀୟ ଜଳ ସମସ୍ୟାକୁ ଅଭିନୟ ମାଧ୍ୟମରେ ଜଣାଇଥିଲେ। ଏହି ଅଭିନୟକୁ ନେଇ ଅନେକ ଖବର କାଗଜ ଓ ଟିଭିରେ ପ୍ରସାରଣ ପରେ ଅନେକ ନେତା, ମନ୍ତ୍ରୀ, ଅଫିସର ଦଶମନ୍ତପୁର ଅନ୍ତର୍ଗତ ଲୁଲା ପଞ୍ଚାୟତର ପଦୁଗୁଡା ଗାଁକୁ ଗସ୍ତ କରି ଗ୍ରାମର ସମସ୍ୟା ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୀର୍ଘବର୍ଷ ବିତିଯାଇଥିଲେ ସୁଦ୍ଧା ଉକ୍ତ ଗ୍ରାମର ରାସ୍ତାରେ ମୁଠାଏ ମାଟି ମଧ୍ୟ ପଡି ନାହିଁ। ଗତ ଦିନମାନଙ୍କରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ପଦୁଗୁଡା ଗ୍ରାମକୁ ଗସ୍ତ କରି ସମସ୍ୟାର ସମାଧାନ ନିମନ୍ତେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇ ଆସିବା ପରେ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ତୁରନ୍ତ ଉକ୍ତ ଗ୍ରାମରେ ଲାଗି ରହିଥିବା ସମସ୍ୟାର ସମାଧାନ ନିମନ୍ତେ ଦାବିପତ୍ର ପ୍ରଦାନ କରିବା ସହ ଗୁହାରି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଦଶମନ୍ତପୁର ଜୋନ-୨ ଜିଲ୍ଲା ପରିଷଦ ସଭ୍ୟ ଧନପତି ସାଉନ୍ତା, ଲୁଲା ପଞ୍ଚାୟତର ସମିତି ସଭ୍ୟ ମୋହନ ସାଉନ୍ତା ଓ ପଞ୍ଚାୟତ କଂଗ୍ରେସ ସଭାପତି ଉପସ୍ଥିତ ରହିଥିଲେ।

■ ସ୍ୱାସ୍ଥ୍ୟବିଭାଗ ଓ ଓୟୁଜେ ପକ୍ଷରୁ ରକ୍ତଦାନ ଶିବିର

# ୭୧ ୟୁନିଟ୍ ରକ୍ତ ସଂଗୃହୀତ



ନବରଙ୍ଗପୁର,୨୧।୯ (ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଓୟୁଜେ ନବରଙ୍ଗପୁର ରାଇଘର ସାମ୍ବାଦିକ ସଂଘ ଓ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୭୧ ୟୁନିଟ ରକ୍ତ ସଂଗ୍ରହ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ ପଣ୍ଡା, ସାଂସଦ ପ୍ରତିନିଧି ପ୍ରୀତି ସ୍ୱିଗ୍ଧା ମହାପାତ୍ର, ଓୟୁଜେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ସୁଶାନ୍ତ ବେହେରା, ଡ. ଅଶିମ ସାହୁ, ଡ. ତପନ ମଣ୍ଡଳ, ଉମରକୋଟ ରକ୍ତଭଣ୍ଡାରର ଡ. ସବ୍ୟସାଚୀ ଦାସଙ୍କ ସହ ତାଙ୍କ ଟିମ୍, ଏବିଡିଓ ବିଜୟ ସେଠୀ, ରେଞ୍ଜର ମହମ୍ମଦ ଅବଦୁଲ ସମଦ, ଏମଆରକେ ରାଜୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାମ୍ବାଦିକ ସଂଘ ସଭାପତି ଭବାନି ନାୟକ, ଉପଦେଷ୍ଟା କିରଣ ପଟ୍ଟନାୟକ, ଅମିୟ ମହାପାତ୍ର, ମନୋଜ ରାଜପୁତ, ଲଳିତ ମୋହନ ନାୟକ, ବିଶ୍ୱଜିତ୍ ମହାରଣା, ରାଜେଶ୍ ସିଂ, ରାମ ସ୍ୱାଇଁ, ସଞ୍ଜୟ ନାୟକ, ସୁକେସ ମିଶ୍ରା, ମନୋହର ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ। ୨୬ ଗୋଟି ପଞ୍ଚାୟତର ଦୁର୍ଗମ ଅଞ୍ଚଳର ବ୍ୟକ୍ତି ବିଶେଷ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ସାମ୍ବାଦିକ ସଂଘ ସମସ୍ତ ସଦସ୍ୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହାଟଭରଣ୍ଡି ଓ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ କର୍ମଚାରୀ ସହଯୋଗ କରିଥିଲେ।

# ସେମିଳିଗୁଡ଼ାକୁ ଉପଖଣ୍ଡ ମାନ୍ୟତା ପାଇଁ ଜନସଚେତନତା ମହାସମାବେଶ

## ବ୍ୟାପକ ହେବ ଅନ୍ଦୋଳନ; ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ସେମିଳିଗୁଡ଼ା,୨୧।୯ (ସମିସ):

କୋରାପୁଟ ଜିଲ୍ଲାର ସେମିଳିଗୁଡା ଓ ଏହାର ଆଖପାଖ ଅଞ୍ଚଳକୁ ନେଇ ଉପଖଣ୍ଡ ମାନ୍ୟତା ପ୍ରଦାନ କରିବାକୁ ଦାବି କରି ସେମିଳିଗୁଡ଼ା ପୁରାତନ ବସଷ୍ଟାଣ୍ଡରେ ଏକ ଜନ ସଚେତନତା ମହାସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସେମିଳିଗୁଡା, ସୁନାବେଡା, ଦାମନଯୋଡି, ପଟାଙ୍ଗୀ, ଲମତାପୁଟ ଅଞ୍ଚଳର ବହୁ ଲୋକ ଯୋଗ ଦେଇଥିଲେ। ସେମିଳିଗୁଡ଼ା ବିକାଶ ପରିଷଦ ମହାସଚିବ ଅଜୟ କୁମାର ସାହୁ ସଂଯୋଜନା କରିଥିବା ବେଳେ ଉପଖଣ୍ଡ ପାଇଁ ସେମିଳିଗୁଡା ସବୁ କ୍ଷେତ୍ରରେ ଉପଯୁକ୍ତ ଥିବା ନେଇ ସୂଚନା ପ୍ରଦାନ କରିଥିଲେ। ସଭାରେ ବରିଷ୍ଠ ଭୂଦାନ କର୍ମୀ ଓ ସଭାପତି କୃଷ୍ଣ ସିଂ ଅଧ୍ୟକ୍ଷତା କରି ଭୌଗୋଳିକ ଦୃଷ୍ଟି କୋଣରୁ ସେମିଳିଗୁଡ଼ାକୁ ଉପଖଣ୍ଡ ମାନ୍ୟତା ମିଳିବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ସେମିଳିଗୁଡା ବିକାଶ ପରିଷଦର ଉପଦେଷ୍ଟା ଡ. ଚିତ୍ତରଞ୍ଜନ ମିଶ୍ର ଉପଖଣ୍ଡର ରୂପରେଖ, ଆବଶ୍ୟକତା, ଆଗାମୀ କର୍ମପନ୍ଥା ବିଷୟରେ ଆଲୋକପାତ କରିଥିଲେ। ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ପିତମ ପାଡି, ପ୍ରଫୁଲ କୁମାର ପାଙ୍ଗୀ ନିଜ ନିଜର






ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, ବ୍ଲକ୍ ଉପାଧ୍ୟକ୍ଷ ଶିବା ବାଂଗାରୀ, ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ପୌର ଉପାଧ୍ୟକ୍ଷା ରିତୁ କଣ୍ଟା, ବିଜେପି ନେତା ସୁମନ୍ତ ପ୍ରଧାନ, ଜଗନ୍ନାଥ ହନ୍ତାଳ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବିକାଶ ପରିଷଦର ସାଧାରଣ ସଂପାଦିକା ସ୍ନିଗ୍ଧାରାଣୀ ମିଶ୍ର ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଉପଖଣ୍ଡରେ ସ୍ଥିରୀକୃତ ହୋଇଥିବା ସମସ୍ତ ବ୍ଲକ ଓ ଅଞ୍ଚଳରେ ବୈଠକରେ ସମସ୍ତଙ୍କୁ ଏହି ଅଭିଯାନରେ ସାମିଲ କରିବାପାଇଁ ନିଷ୍ପତ୍ତି ନିଆଯାଇଛି। ସମାବେଶରେ ବିଭିନ୍ନ ବର୍ଗ ଲୋକ ଯୋଗ ଦେଇଥିଲେ। ଉପଖଣ୍ଡ ମାନ୍ୟତା ନେଇ ୨୦୧୮ ରେ ସେମିଳିଗୁଡ଼ାର ବିଭିନ୍ନ ଅନୁଷ୍ଠାନ, ବଣିକ ସଙ୍ଘ ଓ ବିଭିନ୍ନ ରାଜନୈତିକ ଦଳମତ ନିର୍ବିଶେଷରେ ଏକଜୁଟ ହୋଇ ପ୍ରୟାସ କରାଯାଇଥିଲା। ଏଥିପାଇଁ ଲୋକଙ୍କ ନିକଟରୁ ବିପୁଳ ଜନସମର୍ଥନ ମଧ୍ୟ ସେତେବେଳେ ମିଳିଥିଲା। ୨୦୧୮ ଅଗଷ୍ଟ ମାସରେ ସେମିଳିଗୁଡ଼ା ନାଗରିକ ମଞ୍ଚ ଭୁବନେଶ୍ୱର ଯାଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ସେମିଳିଗୁଡାକୁ ଉପଖଣ୍ଡ ମାନ୍ୟତା ପ୍ରଦାନ ପାଇଁ ଆଲୋଚନା କରାଯାଇଥିଲା। ଭୌଗୋଳିକ ଦୃଷ୍ଟି କୋଣରୁ ସେମିଳିଗୁଡ଼ାକୁ ଉପଖଣ୍ଡ ମାନ୍ୟତା ମିଳିବାର ଆବଶ୍ୟକ୍ତା ରହିଛି। ୧୯୯୩ ରେ ରାଜ୍ୟ ସରକାର ଉପଖଣ୍ଡମାନ୍ୟତା ନେଇ ଏକ ସର୍ଭେ କରିଥିଲେ ବୋଲି ସ୍ଥାନୀୟ ବରିଷ୍ଠ ନାଗରିକ ସମାଜ ସେବୀ କୃଷ୍ଣ ସିଂହ କହିଥିଲେ। କୋରାପୁଟ ଜିଲ୍ଲାର ଜୟପୁର ପରେ ଦ୍ୱିତୀୟ ବଡ଼ ସହର ଭାବେ ସେମିଳିଗୁଡ଼ା ପରିଗଣିତ ହେଉଛି। ଦ୍ରୁତଗତିରେ ଅଭିବୃଦ୍ଧି ହେଉଥିବା ସେମିଳିଗୁଡ଼ା ସହର ମଧ୍ୟରେ ସେମିଳିଗୁଡା ବ୍ଲକ୍ କାର୍ଯ୍ୟାଳୟ, ସୁନାବେଡ଼ା ପୌର ପରିଷଦ କାର୍ଯ୍ୟାଳୟ, ଗ୍ରାମ ନ୍ୟାୟାଳୟ, ଜେଏମ୍‌ଏଫ୍‌ସି କୋର୍ଟ, କେନ୍ଦ୍ର ସରକାରଙ୍କ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ସିସିବିଏଫ, ମୃତ୍ତିକା ଓ ଜଳ ସଂରକ୍ଷଣ ସଂସ୍ଥା, ୨୦୨ କୋବ୍ରା, ହାଲ୍ ଭଳି ପ୍ରତିରକ୍ଷା ସଂସ୍ଥା ଓ ଏନ୍‌ଏଡି, ସରକାରଙ୍କ କୃଷି ବିଜ୍ଞାନ କେନ୍ଦ୍ର, ଓୟୁଏଟି, ସୀତମ ଇଞ୍ଜିନିୟରିଂ କଲେଜ, ମିଶ୍ରିତ କୃଷି ଫାର୍ମ, ପନ୍ଦରରୁ ଊର୍ଦ୍ଧ୍ୱ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ଚାରୋଟି ଡିଗ୍ରୀ ମହାବିଦ୍ୟାଳୟ, ଦଶରୁ ଅଧିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଛୋଟ ବଡ଼ ବହୁ ହୋଟେଲ ଇତ୍ୟାଦି ରହିଛି। ଉପଖଣ୍ଡ ମାନ୍ୟତା ଘୋଷଣା କରାଗଲେ ପଟାଙ୍ଗି ବ୍ଲକର ଆଭ୍ୟନ୍ତରୀଣ କୋଟିଆ ପଞ୍ଚାୟତର ଗ୍ରାମପୁଞ୍ଜି, ସୁଙ୍କି, ଆମ୍ବାକାଲି, ଜାଣ୍ଟି, ସାଜାମ, ନନ୍ଦପୁର ବ୍ଲକ୍ ସମେତ ଆଖପାଖ ବ୍ଲକର ସମସ୍ତ ଆଭ୍ୟନ୍ତରୀଣ ଅଧିବାସୀମାନେ ବହୁ ସୁବିଧା ସୁଯୋଗ ପାଇପାରିନ୍ତେ। ଏହାକୁ ଉପଖଣ୍ଡ ଘୋଷଣା କରିବାକୁ ସରକାରଙ୍କ ନିକଟରେ ଚାପ ସୃଷ୍ଟି କରିବା ପାଇଁ ଚେଷ୍ଟା କରିବାର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏଥିପାଇଁ ରାଜନୈତିକସ୍ତରରେ ମଧ୍ୟ ଆନ୍ତରିକତା ସହ ଉଦ୍ୟମ ହେବାର ଆବଶ୍ୟକତା ରହିଛି। ଆରଡିସିଙ୍କ ନିକଟରେ ସବୁ କାଗଜ ପତ୍ର ପଡି ରହିଛି। ଅବହେଳାର କାରଣ ଜଣାପଡିନି। କିନ୍ତୁ ସେମିଳିଗୁଡା ଉପଖଣ୍ଡ ମାନ୍ୟତା ଦାବି ନେଇ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ସେମିଳିଗୁଡା ବିକାଶ ପରିଷଦର ନେତା ଅଜୟ କୁମାର ସାହୁ ସୂଚନା ଦେଇଛନ୍ତି।

# ସ୍ନାତକ, ସ୍ନାତକୋତ୍ତର ଯୋଗ୍ୟତାଧାରୀ ଦେଲେ ହୋମଗାର୍ଡ ପରୀକ୍ଷା

କୋରାପୁଟ,୨୧।୯ (ସମିସ): କୋରାପୁଟ ଲାଣ୍ଡିଗୁଡ଼ା ସ୍ଥିତ ଡିଏଭି ସରକାରୀ ମହାବିଦ୍ୟାଳୟଠାରେ ପୋଲିସ ହୋମଗାର୍ଡ ପଦବୀ ପାଇଁ ଲିଖିତ ପରୀକ୍ଷା ଶେଷ ହୋଇଛି। ୧୨୫ଟି ପଦବୀ ପାଇଁ ଏହି ପରୀକ୍ଷା ହୋଇଥିବାବେଳେ ଏଥିପାଇଁ ମୋଟ୍ ୭ ହଜାର ୨୮୧ ଜଣ ପିଲା ଆବେଦନ କରିଥିଲେ। ଏହି ହୋମଗାର୍ଡ ପଦବୀ ପାଇଁ ଶିକ୍ଷାଗତ ଯୋଗ୍ୟତା ମାତ୍ର ପଞ୍ଚମ ପାସ ରହିଥିବାବେଳେ ଏଥିରେ ସ୍ନାତକ ଓ ସ୍ନାତକୋତ୍ତର ପାସ କରିଥିବା ଉଚ୍ଚ ଶିକ୍ଷିତ ପିଲା ରବିବାର ଅନୁଷ୍ଠିତ ହୋମଗାର୍ଡ ପରୀକ୍ଷା ଦେଇଥିବା ଜଣାଯାଇଛି। ୧୨୫ ପଦବୀ



ପାଇଁ ୭ ହଜାର ୨୮୧ ଜଣ ପିଲା ଆବେଦନ କରିଥିବା ବେଳେ ସେଥିମଧ୍ୟରୁ ୫ ହଜାର ୬୯୦ ପିଲା ଏହି ଲିଖିତ ପରୀକ୍ଷା ଦେଇଥିବା କୋରାପୁଟ ପୁଲିସ ପକ୍ଷରୁ କୁହାଯାଇଛି। ଲିଖିତ ପରୀକ୍ଷା ଶାନ୍ତି ଶୃଙ୍ଖଳା ଶହ ସମାପ୍ତ ହୋଇଥିବା ବେଳେ ସରକାରୀ ଚାକିରିଟିଏ କରିବା ପାଇଁ ଶିକ୍ଷାଗତ ଯୋଗ୍ୟତା ଉଚ୍ଚ ହେଲେବି ଅନେକ ପରୀକ୍ଷାର୍ଥୀ ଖୁସିରେ ପରୀକ୍ଷା ଦେଇଛନ୍ତି। ପୁଲିସ ବିଭାଗର ଏଭଳି ନିଯୁକ୍ତି ପ୍ରକ୍ରିୟାକୁ ସ୍ୱାଗତ କରିବା ସହ ପରୀକ୍ଷାରେ ସଫଳତା ମିଳିବା ନେଇ ଆଶା ରଖିଛନ୍ତି। ଛୋଟ ହେଉ ବା ବଡ ସରକାରୀ ଚାକିରିଟେ ମିଳିବ। ଏହି ହୋମଗାର୍ଡ ପଦବୀ ପାଇଁ ଭଲ ଶିକ୍ଷିତ ପିଲା ପରୀକ୍ଷା ଦେଇଥିବାରୁ ଭଲ ପିଲା ନିଯୁକ୍ତ ପାଇବେ ବୋଲି କୋରାପୁଟ ଏସ୍‌ପି ରୋହିତ ବର୍ମା ପ୍ରକାଶ କରିଛନ୍ତି। କୋରାପୁଟରେ ହୋମଗାର୍ଡ ନିଯୁକ୍ତି ପରୀକ୍ଷାରେ ପରୀକ୍ଷାର୍ଥୀଙ୍କ ଭିଡ ଦେଖି ଚାକିରି ଆଶାୟୀ ଯୁବଗୋଷ୍ଠୀଙ୍କ ବେଦନା ତଥା ଜିଲ୍ଲାରେ ବେକାରୀଙ୍କ ସଂଖ୍ୟା ଜଳଜଳ ହୋଇ ଜଣାପଡିଥିଲା। ଜିଲ୍ଲାର ବିଦ୍ୟାଳୟ ଗୁଡିକରେ ମେଟ୍ରୋନ, ରୋଷେୟା, ପିଅନ, ଜଗୁଆଳି ଭଳି ଚାକିରି ସ୍ଥାନୀୟ ଯୁବ ଗୋଷ୍ଠୀଙ୍କୁ ମିଳୁ ନଥିବାରୁ ବାହାର ରାଜ୍ୟକୁ ଦାଦନ ଯିବାକୁ ବାଧ୍ୟ ହେଉଛନ୍ତି। ଠିକ୍ ସେତିକି ବେଳେ ଜିଲ୍ଲା ପୋଲିସ ବିଭାଗର ହୋମ ଗାର୍ଡ ଚାକିରି ପାଇଁ ପରୀକ୍ଷା ଆୟୋଜନ ଚାକିରି ଆଶାୟୀମାନଙ୍କ ମଧ୍ୟରେ ନୂଆ ଉଦ୍ଦୀପନା ଓ ଜାଗରଣ ସୃଷ୍ଟି କରିଛି। ଖୋଲା ପଡିଆରେ ପରୀକ୍ଷାର୍ଥୀମାନେ ଖରାକୁ ଭୃକ୍ଷେପ ନକରି ସରକାରୀ ଚାକିରି ଟିଏ ପାଇବା ପାଇଁ ସବୁ କଷ୍ଟ ସହି ଯାଇଥିବା ଦେଖିବାକୁ ମିଳିଥିଲା।

# ପାନୀୟ ଜଳ ପାଇଁ ଯନ୍ତ୍ରଣା ଭୋଗୁଛନ୍ତି କଡକିପଦରବାସୀ



ପୋଡ଼ାଗଡ଼, ୨୧।୯ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତ ଅଧୀନସ୍ଥ କଡକି ପଦର ଗ୍ରାମବାସୀ ପାନୀୟ ଜଳ ପାଇଁ ଯନ୍ତ୍ରଣା ଭୋଗୁଥିବା ଅଭିଯୋଗ ହୋଇଛି। ଗତ ଏକ ସପ୍ତାହ ହେଲାଣି ଗାଁରେ ଥିବା ଏକମାତ୍ର ନଳକୂଅ ଅଚଳ ହୋଇ ପଡ଼ିରହିଛି। ମରାମତି ପାଇଁ ଗୁହାରି କଲେ ମଧ୍ୟ କେହି ଶୁଣୁ ନଥିବା ସେମାନେ ଅଭିଯୋଗ କରିଛନ୍ତି। ଶେଷରେ କୌଣସି ବିକଳ୍ପ ନ ପାଇ ଗାଁ ନିକଟସ୍ଥ ନାଳ ପାଣି ସଂଗ୍ରହ କରି ଶୋଷ ମେଣ୍ଟାଇ ଆସୁଥିବା ଗାଁର ପୁସ୍ତ ମୁଦୁଲି, ଧନୁର୍ଜୟ ଦିଶାରି, ଡମ୍ବୁ ଦିଶାରି ମିତ୍ର କମାର, ଚେମ ମୁଦୁଲି ପ୍ରମୁଖ ପ୍ରକାଶ କରିଛନ୍ତି। ଗାଁ ରେ ୫୦ ପରିବାର ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବସବାସ କରନ୍ତି। ଏହାର ଜନସଂଖ୍ୟା ପାଖାପାଖି ୨୦୦ ଥିବା ବେଳେ ପାନୀୟ ଜଳ ପାଇଁ ଗୋଟିଏ ନଳକୂଅ ରହିଛି। ଏହି ନଳକୂଅ ଉପରେ ବର୍ଷ ତମାମ ସେମାନେ ନିର୍ଭର କରିଥାନ୍ତି। ଆଉ ନଳକୂଅ ଅଚଳ ହୋଇଗଲେ ଏଭଳି ବିଶୁଦ୍ଧ ପାନୀୟ ପାଇଁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ବର୍ତ୍ତମାନ ନାଳ ପାଣି ବ୍ୟବହାର ଯୋଗୁଁ ଗାଁ ଲୋକ ବିଭିନ୍ନ ରୋଗର ଶିକାର ହେଉଥିବା ଗ୍ରାମବାସୀ କହିଛନ୍ତି। ସେଥିପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସରପଞ୍ଚ, ଏସିଏମ୍ ପର୍ଯ୍ୟନ୍ତ ବାରମ୍ବାର ମରାମତି ପାଇଁ ଗୁହାରୀ କରିଛନ୍ତି। ହେଲେ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ନବୀନ ମୁଦୁଲିଙ୍କୁ ଯୋଗାଯୋଗ କରିବାରୁ ସୋମବାର ଦିନ ମରାମତି କରି ଗାଁ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ବ୍ୟବସ୍ଥା କରିବି ବୋଲି କହିଛନ୍ତି। କନିଷ୍ଠ ଯନ୍ତ୍ରୀ ସଞ୍ଜିବ କୁମାର ଅଲି ମଧ୍ୟ ସୋମବାର ଗାଡି ପଠାଇ ମରାମତି କରି ପାଣି ସୁବିଧା କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ଯଦି ମରାମତି ବିଳମ୍ବ ହେଲେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

➤ ନଳକୂଅ ଅଚଳ, ନାଳ ପାଣି ସାଜିଛି ଭରସା
➤ ଗୁହାରି କଲେ ବି ଶୁଣୁନି ପ୍ରଶାସନ

## ଦଶହରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଚିତ୍ରୋକୋଟକୁ ହରାଇ ଫାଇନାଲରେ କର୍ଚ୍ଚାମାଳ

ନବରଙ୍ଗପୁର,୨୧।୯ (ସମିସ):

ନବରଙ୍ଗପୁର ଟାଉନ ଫୁଟବଲ୍ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ କଲେଜ ଫୁଟବଲ୍ ପଡ଼ିଆରେ ଦଶହରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ଅତିଥି ଭାବରେ ପୂର୍ବତନ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ପାପଡ଼ାହାଣ୍ଡି ବ୍ଲକ୍‌ର ଉପସଭାପତି ସୁଶାନ୍ତ କୁମାର ବେହେରା, ନନ୍ଦାହାଣ୍ଡି ଜୋନ-୨ର ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ପରିବର୍ତ୍ତନ ଫାଉଣ୍ଡେସନର ସଭାପତି ନିନିବାବୁ ତ୍ରିପାଠୀ ପ୍ରମୁଖ ଯୋଗଦେଇ



ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏକ ସଂଘର୍ଷ ପୂର୍ଣ୍ଣ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ କୋଷାଗୁମୁଡା ବ୍ଲକ୍ ଅନ୍ତର୍ଗତ କର୍ଚ୍ଚାମାଳ ଦଳ ଏକ ନାଟକୀୟ ଢଙ୍ଗରେ ଚିତ୍ରୋକୋଟ ଦଳକୁ ୨-୦ ଗୋଲରେ ପରାସ୍ତ କରି ଦଶହରା କପ୍ ଫାଇନାଲକୁ ଉନ୍ନିତ ହୋଇଛନ୍ତି। ସୂଚନାଯୋଗ୍ୟ, ଏହି ଟୁର୍ଣ୍ଣାମେଣ୍ଟରେ ଅବିଭକ୍ତ କୋରାପୁଟ ଜିଲ୍ଲାର ମୋଟ ୧୬ ଗୋଟି ଦଳ ଅଂଶ ଗ୍ରହଣ କରିଛନ୍ତି। ସୋମବାର ଦିନ ପ୍ରଥମ ଥର ପାଇଁ ରାତ୍ରରେ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବା ପୂର୍ବରୁ ମହିଳା ଫୁଟବଲ ଖେଳାଳିଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଖେଳ ହେବ ବୋଲି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଅଶୋକ ପାତ୍ର କହିଛନ୍ତି। ଆଜିର ମ୍ୟାଚରେ ରେଫେରୀ ଭାବରେ ଲାଲୁ ହରିଜନ, ବିଜୟ ନାୟକ, ଲାଛୁ ଭୂମିଆ ଏବଂ ରଇଲା ଭତରା ପ୍ରମୁଖ ପରିଚାଳନା କରିଥିଲେ। ଉକ୍ତ ଫୁଟବଲ୍ ଖେଳ ଦେଖିବାକୁ ଆଖପାଖ ଅଞ୍ଚଳରୁ ଅସଂଖ୍ୟ ଦର୍ଶକ ଉପସ୍ଥିତ ଥିଲେ।

## ଶରତପାଳ କଲେଜ ଅଧ୍ୟକ୍ଷଙ୍କ ଡକ୍ଟରେଟ ଲାଭ



ଶରତପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପାଳବିହାର, ମହୁଲବରାଇ, ସାରସକଣା ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ ରୁ ଶିକ୍ଷା ବିଭାଗରେ Doctor of Philosophy (Ph. D) ଉପାଧି ପାଇବା ନିମିତ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ରେଭେନ୍ସା ବିଶ୍ୱ ବିଦ୍ୟାଳୟ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼. ସୁଦର୍ଶନ ମିଶ୍ର ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ଶ୍ରୀ ସାହୁଙ୍କ ସନ୍ଦର୍ଭଟି "KNOWLEDGE BELIEF AND ATTITUDE OF STAKEHOLDERS TOWARDS MOTHER TONGUE BASED MULTILINGUAL EDUCATION : A REGIONAL STUDY FROM ODISHA". ହରିୟାଣା ସ୍ଥିତ ଚୌଧୁରୀ ରଣବୀର ସିଂ ବିଶ୍ୱ ବିଦ୍ୟାଳୟ ର ଶିକ୍ଷା ବିଭାଗର Profesor Sandeep Berwal ଏବଂ ମଣିପୁର ବିଶ୍ୱ ବିଦ୍ୟାଳୟର Profesor Keisham Shitaljit Singh (Head Dept . Education) ଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଅଛି। ଡ଼. ପୂର୍ଣ୍ଣଚନ୍ଦ୍ର ସାହୁ ମୟୂରଭଞ୍ଜ ଜିଲ୍ଲା ଖେର୍ଣ୍ଣା ଗ୍ରାମର ସ୍ୱର୍ଗତ ବଳରାମ ସାହୁ ଏବଂ ରୁକମଣି ସାହୁଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି। ସେ ତାଙ୍କ ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ ବାରିପଦାର ଆରାଧ୍ୟା ଦେବୀ ମାଁ ଅମ୍ବିକା ଏବଂ ମହାପ୍ରଭୁ ଜଗନ୍ନାଥଙ୍କୁ ଅର୍ପଣ କରିବା ସହିତ ପ୍ରଫେସର ଡ଼.ଚଣ୍ଡିପ୍ରସାଦ ନନ୍ଦ (Director Odisha Research Centre, BBSR) ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼.ଶରତ କୁମାର ରାଉତ ନିଜ ପିତାମାତା, ଧର୍ମପତ୍ନୀ ମିନାରାଣୀ ସାହୁ, କନ୍ୟା ଶ୍ରୁତିରେଖା ସାହୁ, ପୁତ୍ର ପ୍ରିତମ କୁମାର ସାହୁ, ସମସ୍ତ ପରିବାର ବର୍ଗ, ସମସ୍ତ ସହକର୍ମୀ ଏବଂ ବନ୍ଧୁ ମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି।

# ଗୁଡାରୀକୁ ସରକାରୀ ବସ୍ ଚଳାଚଳ କେବେ?

## ଘୋଷଣାକୁ ବିତିଲାଣି ୨ ମାସ

ଗୁଡାରୀ,୨୧ା୯ (ସମିସ): ଉପାନ୍ତ ଅଞ୍ଚଳ ଗୁଡାରୀ ସହରରୁ ସରକାରୀ ବସ୍ ଚଳାଚଳ ପାଇଁ ସରକାର କରିଥିବା ଘୋଷଣାକୁ ଦୁଇ ମାସ ବିତିଛି। କିନ୍ତୁ ଏଯାଏଁ ଉକ୍ତ ଘୋଷଣା କାର୍ଯ୍ୟାକାରୀ ହୋଇନାହିଁ। ଯାହାକୁ ନେଇ ସ୍ଥାନୀୟବାସୀନ୍ଦା ଗୁଡାରୀକୁ ସରକାରୀ ବସ୍ ଚଳାଚଳ କେବେ କରିବ ବୋଲି ପ୍ରଶ୍ନ ଉଠାଇଛନ୍ତି। ସୂଚନାନୁଯାୟୀ, ଗୁଡାରୀ ସହରରୁ ଯାତାୟାତ ପାଇଁ ଦେଶ ସ୍ୱାଧୀନର ୭୯ ବର୍ଷ ମଧ୍ୟରେ କୌଣସି ସୁବିଧା ନଥିବାରୁ ଏହାକୁ ନେଇ ସହରବାସୀ ବାରମ୍ବାର ଦାବି କରିବା ପରେ ରାଜ୍ୟ ପରିବହନ ବିଭାଗ ତରଫରୁ ଗତ ଜୁଲାଇ ୨୨ ତାରିଖରେ ଚିଠି ନଂ ୯୫୨ ଅନୁସାରେ ଗୁଡାରୀଠାରୁ ଜୟପୁର, ବିଶାଖାପାଟଣା ଏବଂ ଭୁବନେଶ୍ୱରକୁ ତିନୋଟି ସରକାରୀ ବସ୍ ଚଳାଚଳ କରିବାକୁ ଅନୁମତି ପ୍ରଦାନ କରିଥିଲେ। ଏହା ଶୁଣିବା ପରେ ସାଧାରଣ ଯାତ୍ରୀ ଖୁସି ବ୍ୟକ୍ତ କରିଥିଲେ। କିନ୍ତୁ ଇତିମଧ୍ୟରେ ଦୁଇ ମାସ ବିତି ଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ନାହିଁ। ଆଜି ପର୍ଯ୍ୟନ୍ତ ଗୋଟିଏ ବି ବସ ଚଳାଚଳ କରିପାରିନାହିଁ। ଏହାକୁ ନେଇ ଜିଲ୍ଲା ଡିଏମ୍ଆର ସଞ୍ଜୟ ମିଶ୍ରଙ୍କୁ ପଚାରିବାରୁ, ସର୍ଭେ କାମ ଶେଷ ହୋଇଛି, ବସ ଚଳାଚଳ କରିବା ପାଇଁ ଆହୁରି ମାସେ ଖଣ୍ଡେ ଲାଗିବ, ଆମ ବିଭାଗ ତରଫରୁ ପରିବହନ ବିଭାଗକୁ ଚିଠି କରିଛୁ ବୋଲି କହିଛନ୍ତି।

# ବିଚିତ୍ରାନନ୍ଦଙ୍କୁ 'ଦୁର୍ଗମ ଅଞ୍ଚଳର ନିଶାମୁକ୍ତ ସାରଥୀ' ସମ୍ମାନ



ନନ୍ଦପୁର,୨୧ା୯ (ସମିସ): କୋରାପୁଟ ନନ୍ଦପୁର ବ୍ଲକ ପାଡୁଆ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ସମ୍ପାଦକ ତଥା ଦୁର୍ଗମ ଅଞ୍ଚଳର ନିଶା ମୁକ୍ତି ସାରଥୀ କବି ବିଚିତ୍ରାନନ୍ଦ ପଣ୍ଡାଙ୍କ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ତାଙ୍କୁ ସମ୍ମାନିତ କରାଯାଇଛି। ଦୈନିକ ଖବର କାଗଜ ଅପରାହ୍ନ ସହ କୋରାପୁଟ ସାହିତ୍ୟ କୁସୁମର ମିଳିତଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ସାହିତ୍ୟ ଆଲୋଚନା କବି ସମ୍ମିଳନୀ ସମାରୋହରେ କବି ବିଚିତ୍ରାନନ୍ଦ ପଣ୍ଡାଙ୍କୁ ଦୁର୍ଗମ ଅଞ୍ଚଳର ନିଶାମୁକ୍ତ ସାରଥୀ ସମ୍ମାନରେ ସମ୍ମାନିତ କରାଯାଇଛି। କୋରାପୁଟ ସ୍ଥିତ କୋଟସ ପରିସରରେ ଆୟୋଜିତ ସମାରୋହରେ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ବିଜୟ ଉପାଧ୍ୟାୟ, ବୈଶାଖୀ ପରିବାରର ଆବାହକ ଭଗବାନ ମହାପାତ୍ର, ସଦସ୍ୟ ବିରିଞ୍ଚି ନାରାୟଣ ପଣ୍ଡା, ଉପଦେଷ୍ଟା ଦୁର୍ଗା ପ୍ରସାଦ ମିଶ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କବି ଶ୍ରୀ ପଣ୍ଡାଙ୍କୁ ନିଶା ମୁକ୍ତ ସାରଥୀ ସମ୍ମାନ ମିଳିବା ପରେ ନନ୍ଦପୁର ବ୍ଲକ୍‌ରେ ଖୁସିର ଲହରୀ ଖେଳିବା ସହ କବି ଶ୍ରୀ ପଣ୍ଡାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ନନ୍ଦପୁରବାସୀ।

# ତ୍ରୟମାସିକ ଆଦିବାସୀ ସମାଜ ବୈଠକ



ମୁନିଗୁଡ଼ା,୨୧ା୯ (ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଇଚ୍ଛାପୁର ପଞ୍ଚାୟତ ଭାନପୁର ଠାରେ ମୁନିଗୁଡ଼ା ଆଦିବାସୀ ସମାଜ ପକ୍ଷରୁ ତ୍ରୟମାସିକ ଆଦିବାସୀ ସମାଜ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁନିଗୁଡ଼ା ବ୍ଲକ୍ ଆଦିବାସୀ ସମାଜ ସଭାପତି ଜଗନ୍ନାଥ ନୁଣ୍ଡରୁକା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମୁନିଗୁଡ଼ା ଆଦିବାସୀ ସମାଜ ଉପସଭାପତି ରାଜୀବ ପୁଶିକା, ସାଧାରଣ ସଂପାଦକ ତ୍ରିପତି କିଲାକା, କୋଷାଧ୍ୟକ୍ଷ ଅନନ୍ତ ନୁଣ୍ଡୁରୁକା, ଆଦିବାସୀ ସମାଜର ସକ୍ରିୟ ସଦସ୍ୟ ସୁବାଷ ମାଝି, ମାଗଦର୍ଶକ ରଘୁପତି କାଡ୍ରାକା ପ୍ରାମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରକାଶ କରଶିକା ପରିଚାଳନା କରିଥିବା ବେଳେ ଗୋବିନ୍ଦ ମାଝୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସମସ୍ତ ଅତିଥିମାନଙ୍କୁ ପୁଷ୍ପମାଲ୍ୟାର୍ପଣ କରିବା ସହିତ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଆଦିବାସୀ ସମାଜର ଉନ୍ନତି ଓ ସୁଦୃଢ଼ ଦିଗରେ ଅତିଥି ବକ୍ତବ୍ୟ ପ୍ରଦାନ କରିଥିଲେ। ଉପସ୍ଥିତ ସଦସ୍ୟମାନେ ନିଜେ ନିଜ ଗ୍ରାମରେ ଅଙ୍ଗେ ଲିଭାଉଥିବା ଅସୁବିଧା ବିଷୟରେ ମତ ରଖିଥିଲେ। ଖୁବ୍‌ଶୀଘ୍ର କିପରି ସମସ୍ତ ସମସ୍ୟାର ସମାଧାନ କରାଯିବ ତା'ଉପରେ ଗୁରୁତ୍ୱାରୋପ କରିଥିଲେ ମୁନିଗୁଡ଼ା ଆଦିବାସୀ ସମାଜ ସଭାପତି ଜଗନ୍ନାଥ ନୁଣ୍ଡୁରୁକା। ମୁନିଗୁଡ଼ା ବ୍ଲକର ୧୭ଟି ପଞ୍ଚାୟତର ଆଦିବାସୀ ଯୁବକମାନେ ଏଥିରେ ଯୋଗଦେଇଥିଲେ।

# ପ୍ରବାସୀ ଶ୍ରମିକଙ୍କ ସମସ୍ୟା ଉପରେ ଆଇନ ସଚେତନତା



ଚନ୍ଦ୍ରପୁର,୨୧ା୯ (ସମିସ): ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ୍ ସଭାଗୃହରେ ଆଜି ତାଲୁକ୍ ଆଇନ୍ ସେବା କମିଟି, ବିଷମ କଟକ ଦ୍ୱାରା ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ କୋର୍ଟର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସିଦ୍ଧାର୍ଥ ସାହୁ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ଚନ୍ଦ୍ରପୁର ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟକାନ୍ତ ବଙ୍ଗଲୋ, ସ୍ଥାନୀୟ ଶିଶୁ ବିକାଶ ଅଧିକାରୀ ଗୀତାରାଣୀ ସାହୁ ଓ ବିଷମକଟକ ବାର୍ ଆସୋସିଏସନ୍‌ର ସଭାପତି ସନ୍ତୋଷ କୁମାର ପଣ୍ଡା, ନୋଟାରୀ ରାଧାରମଣ ଦାସ, ସରକାରୀ ଓକିଲ ପ୍ରଶାନ୍ତ କୁମାର ରଥ, ଓକିଲ ଜି. ତିରୁମାଲା ରାଓ, ଓକିଲ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଓକିଲ ବଡ଼ କୁମାର ଗୌଡ଼, ଓକିଲ ମନମୋହନ ପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ପାଣିଗ୍ରାହୀ, ବ୍ଲକ୍‌ର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

# ମହାଳୟାରେ ରାୟଗଡ଼ା ବଜାର ଭିଡ଼

ରାୟଗଡ଼ା,୨୧ା୯ (ସମିସ): ଆଜି ପବିତ୍ର ମହାଳୟାକୁ ନେଇ ରାୟଗଡ଼ା ବଜାରରେ ପ୍ରବଳ ଭିଡ ଦେଖିବାକୁ ମିଳିଛି।

## ବ୍ରିଜ ତଳେ ପୁଣି ବସିଲା ପରିବା ବଜାର

ରାୟଗଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକରୁ ଜ୍ୟୋତିମହଲ ରାସ୍ତା ଏବଂ ଓଭରବ୍ରିଜ୍ ତଳରୁ କପିଳାସ ଛକ ରାସ୍ତାରେ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା । ସେହିପରି ପୂଜା ସାମଗ୍ରୀ କିଣିବା ନିମନ୍ତେ ମୁଖ୍ୟ ବଜାରରେ ମଧ ସହରବାସୀଙ୍କ ଭିଡ଼ ଜମିଥିଲା। ବିଶେଷ କରି ରାୟଗଡ଼ା କପିଳାସ ଛକରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏବଂ ସେଠାରୁ ଓଭରବିଜ ତଳରୁ କପିଳାସ ଛକ ଯାଏଁ ୱାନ ୱେ ରାସ୍ତା ରହିଥିବା ବେଳେ ବ୍ରିଜ ମରାମତି ନିମନ୍ତେ କିଛି ଦିନ ପାଇଁ ବ୍ରିଜ ତଳ ରାସ୍ତାରେ ବସୁଥିବା ପରିବା ବିକାଳିଙ୍କୁ ପୌର ପାଳିକା ତରଫରୁ ଦୁଇ ଦିନ ତଳେ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଥିଲା। କିନ୍ତୁ ଆଜି ମହାଳୟା ଅବସରରେ ପୁଣି ପରିବା ବିକାଳୀମାନେ ଉକ୍ତ ବ୍ରିଜ ତଳ ରାସ୍ତାରେ ପରିବା ବିକ୍ରି ଆରମ୍ଭ କରିଥିବା ବେଳେ ସ୍ଥାନୀୟ ଲୋକଙ୍କ ପ୍ରବଳ ଗହଳି ହୋଇଥିଲା। ଏପରିକି ଉକ୍ତ ରାସ୍ତା ଦେଇ ବାଇକ,କାର ନେଇ ଯାଉଥିବା ଲୋକେ ଭିଡ ଯୋଗୁଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରିବା ବିକାଳିମାନେ ସଂକୀର୍ଣ୍ଣ ରାସ୍ତା ଉପରେ ବସି ବେପାର କରୁଥିବାରୁ ଦୁଇ ଚକିଆ ଗାଡି ନେଇ ଯାଉଥିବା ଗ୍ରାହକମାନେ ନିଜ ଗାଡିକୁ ରାସ୍ତା ଉପରେ ପାର୍କିଂ କରି ପରିବା କିଣିବାରେ ବ୍ୟସ୍ତ ରହୁଥିବାରୁ ଅନ୍ୟ ଲୋକେ ଟ୍ରାଫିକ୍ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପ୍ରବଳ ଭିଡକୁ ଦୃଷ୍ଟିରେ ରଖି କିଛି ଲୋକେ ପୋଲିସ ଥାନାକୁ ଜଣାଇବା ପରେ ସେଠାରେ ପୋଲିସ ପହଞ୍ଚି ଟ୍ରାଫିକ୍ ନିୟନ୍ତ୍ରଣ କରିଥିବା ଦେଖିବାକୁ ମିଳିଥିଲା। ଗତ ଦୁଇ ଦିନ ତଳେ ପୌର ପାଳିକା ତରଫରୁ ତୁମ୍ବିଗୁଡା ସ୍ଥିତ ଆରଏମ୍‌ସି ୟାର୍ଡରେ ପରିବା ବିକାଳିଙ୍କୁ ସ୍ଥାନ ଦିଆଯାଇଥିବା ବେଳେ ପ୍ରଥମ ଗୋଟିଏ ଦିନ ପରିବା ବଜାର ଆରମ୍ଭ ହୋଇଥିଲା। ତା'ପରେ କୌଣସି କାରଣରୁ ସେଠାକୁ ଆଉ ପରିବା ବିକାଳିମାନେ ନ ଯାଇ ପୁଣି ଥରେ ନିଜ ପୁରୁଣା ସ୍ଥାନ ବ୍ରିଜ ତଳକୁ ଏବଂ ଅନ୍ୟାନ୍ୟ ସ୍ଥାନକୁ ଚାଲି ଆସିଛନ୍ତି। ପୌର ପାଳିକା ତରଫରୁ ନୂତନ ସ୍ଥାନରେ ଆନୁସାଙ୍ଗିକ ବ୍ୟବସ୍ଥା ଯୋଗାଇ ଦିଆଗଲେ ବଜାର ସୁରୁଖୁରରେ କାର୍ଯ୍ୟକ୍ଷମ ହେବ ବୋଲି କିଛି ପରିବା ବ୍ୟବସାୟୀ ପ୍ରକାଶ କରିଥିବା ବେଳେ ଏନେଇ ପୌର ପାଳିକା ନିର୍ବାହୀ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



# ଅବକାରୀ ଚଢ଼ଉ; ମହିଳା ଗିରଫ

## ୫୭୦ଲିଟର ମଦ, ୫୦୦୦ଲିଟର ମହୁଲ ପୋଚ ଜବତ

ରାୟଗଡ଼ା,୨୧ା୯ (ସମିସ): ରାୟଗଡ଼ା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ଅବକାରୀ ରେଞ୍ଜ ଚାନ୍ଦିଲି ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ଏହି ଚଢ଼ଉ ବେଳେ ୫୭୦ଲିଟର ଦେଶୀ ରନ୍ଧା ମଦ ଓ ୫୦୦୦ଲିଟର ମହୁଲ ପୋଚକୁ ଜବତ ଓ ନଷ୍ଟ କରାଯାଇଛି। ଏଥିରେ ଜଣେ ମହିଳା ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟ ଜଣେ ମହିଳା ଏବଂ ପୁରୁଷ ବ୍ୟବସାୟୀଙ୍କୁ ନୋଟିସ କରାଯାଇଥିବା ନେଇ ଅବକାରୀ ଏସପି ଶ୍ରୀ ଧଳସାମନ୍ତ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ପ୍ରକାରେ, ଚାନ୍ଦିଲି ଥାନା ଅନ୍ତର୍ଗତ ପିଣ୍ଡାପଦର ଗ୍ରାମରେ ଚଢ଼ଉ ବେଳେ ଗିରଫ ମହିଳାଙ୍କ ନିକଟରୁ ୧୫୦ଲିଟର ଦେଶୀ ମଦ ଜବତ କରାଯାଇଥିଲା। ସେହିପିରି ଗ୍ରାମରୁ ୧୬୦ଲିଟର ଦେଶୀ ରନ୍ଧାମଦ ସହ ୧୯୦୦ଲିଟର ପୋଚ ଜବତ କରାଯାଇଥିବା ବେଳେ ଆରବୀ ଗ୍ରାମରେ ୧୩୦ଲିଟର ଦେଶୀ ରନ୍ଧା ମଦ, ୧୬୦୦ଲିଟର ପୋଚ, ତାଣ୍ଡିପୁର ଗ୍ରାମରେ ଜଣେ ମହିଳା ଓ ଜଣେ ପୁରୁଷଙ୍କ ଠାରୁ ୧୦ଲିଟର ଲେଖାଁଏ ଦେଶୀ ରନ୍ଧାମଦ ଜବତ କରାଯାଇଥିଲା। ମାଲିଗାଁ ଠାରେ ଅବକାରୀ ବିଭାଗ ଦ୍ୱାରା ଚଢ଼ଉ କରାଯାଇ ୧୧୦ଲିଟର ଦେଶୀ ମଦ ଓ ୧୫୦୦ଲିଟର ପୋଚ ଜବତ ଓ ନଷ୍ଟ କରାଯାଇଥିବା ଜଣାପଡିଛି। ଏହି ଚଢ଼ଉରେ ରାୟଗଡ଼ା ଅବକାରୀ ରେଞ୍ଜ ନିରୀକ୍ଷକ ସତ୍ୟସୁନ୍ଦର ଦାଶ, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ, ଥେରୁବାଲି ଆଉଟପୋଷ୍ଟ ପୋଲିସ ଷ୍ଟାଫ, ଅବକାରୀ ଡିଏମ୍ୟୁ ୟୁନିଟ, ଗୁଣପୁର ଅବକାରୀ ରେଞ୍ଜ ନିରୀକ୍ଷକ ଓ ଷ୍ଟାଫ, କାଶିପୁର ଓ କଲ୍ୟାଣସିଂପୁର ଅବକାରୀ ଥାନା ଷ୍ଟାଫ୍ ଏବଂ ରାୟଗଡ଼ାସଦର ଅବକାରୀ ଥାନା ଷ୍ଟାଫ୍ ସାମିଲ ହୋଇଥିଲେ ।

# ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ



ରାୟଗଡ,୨୧ା୯ (ସମିସ): ସ୍ଥାନୀୟ ରାୟଗଡ଼ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା(ଏନ୍‌ଏସଏସ) ୟୁନିଟ ତରଫରୁ ପୌଷ୍ୟ ଗ୍ରାମ ଢ଼େପାସାହି ଗ୍ରାମରେ ସାତ ଦିନ ଧରି ଅଯୋଜିତ ହୋଇଥିବା ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୧୪ ସେପ୍ଟେମ୍ବର ରୁ ୨୦ ସେପ୍ଟେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନ ସଭାରେ ଅଧକ୍ଷା ଡ. ଅର୍ଚ୍ଚନା ପଟ୍ଟନାୟକ ସଭାପତି ଭାବେ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ରଘୁନାଥ ଭୁଏ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ସ୍ୱାଗତ ଅଭିଭାଷଣ ସହ ଶିବିରର ବିବରଣୀ ପାଠ କରିଥିଲେ। ଏହି ପର୍ବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଚିକିତ୍ସକ ଏବଂ ପରାମର୍ଶଦାତା ଡ. ଭି. ଏଲ ରାଜୁ ଯୋଗ ଦେଇ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଏବଂ ପ୍ରତିକାର ବିଷୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ଡ. ଦୁଷ୍ମନ୍ତ କୁମାର ମହାନ୍ତି ଯୋଗଦେଇ ପ୍ରତ୍ୟେକ ପ୍ରତିବନ୍ଧକ ସହ ସଂଘର୍ଷ କରି ସେବା ମାଧ୍ୟମରେ ନିଜର ବ୍ୟକ୍ତିତ୍ୱ ନିର୍ମାଣ କରିବା ଉପରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଭୂଗୋଳ ବିଭାଗ ର ଅଧ୍ୟାପିକା ଭାର୍ଗବୀ ନିଆଲ ଏବଂ ଲେନିନମା, ଗ୍ରାମବାସୀ ସହିତ ପଚାଶ ଜଣ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ଅଧ୍ୟାପକ ରଘୁନାଥ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବକ୍ତୃତାମାଳା



ମାଲକାନଗିରି,୨୧ା୯ (ସମିସ): ପଡ଼ିଆ ବ୍ଲକ୍ ସଦରମହକୁମାସ୍ଥିତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଭାଗୃହ ପରିସରରେ ସ୍ୱାମୀ ବିବେକାନନ୍ଦ ଲୋକସଂସଦର ଯୁବଶାଖା ଆନୁକୁଲ୍ୟରେ ସ୍ୱାମୀ ବିବେକାନନ୍ଦ ଓ ଚିକାଗୋ ଧର୍ମ ସମ୍ମିଳନୀ ଶୀର୍ଷିକ ମହାବିଦ୍ୟାଳୟସ୍ତରୀୟ ଦ୍ୱିତୀୟ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦ ଲୋକସଂସଦର ଜିଲ୍ଲା ଶାଖା ସଭାପତି ଡଃ ରଞ୍ଜନ କୁମାରସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ପଡିଆ ସୀମା ସୁରକ୍ଷା ବଳର ସହକାରୀ କମାଣ୍ଡାଣ୍ଟ ବଂଶୀଧର ବୈରୱା, ମୁଖ୍ୟବକ୍ତା ଡଃ ପରମାନନ୍ଦ ମହାପାତ୍ର, ଅଧ୍ୟକ୍ଷ, ପଡ଼ିଆ ମହାବିଦ୍ୟାଳୟ, ସମ୍ମାନୀତ ଅତିଥି ଭାବେ ଶ୍ୟାମସୁନ୍ଦର, ଇନିସ୍‌ପେକ୍ଟର, ଦୁର୍ଗା ଶାମ ଝାକର, ବିଏସ୍‌ଏଫ୍, ପଡ଼ିଆ ଯୋଗଦେଇଥିଲେ। ମୁଖ୍ୟବକ୍ତା ଓ ମଞ୍ଚାସୀନ ଅତିଥିଗଣ ସ୍ୱାମୀଜୀଙ୍କ ଆଦର୍ଶ, ଚିକାଗୋ ଧର୍ମ ସମ୍ମିଳନୀ ବକ୍ତୃତାର ମହତ୍ୱ ଓ ବାଣୀ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଛାତ୍ର ଦୀପେନ୍ଦ୍ର ଦୁରୁଆ ସ୍ୱଦେଶ ମନ୍ତ୍ରପାଠ କରିଥିବାବେଳେ ସ୍ୱାମୀ ବିବେକାନନ୍ଦ ଲୋକସଂସଦର ବିଚାରଧାରା ପ୍ରମୁଖ ପ୍ରଶାନ୍ତ ପରିଡ଼ା ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଲୋକସଂସଦର କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଲୋକସଂସଦ ଜିଲ୍ଲା ଶାଖାର ଆଜୀବନ ସଦସ୍ୟ ନବକିଶୋର ମଲ୍ଲିକ, ଧ୍ରୁବ ଚରଣ ନାୟକ, ଅଧ୍ୟାପିକା ସ୍ୱାଗତିକା ରଣା, ଜଗନ୍ନାଥ ସାହୁ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ସ୍ୱାମୀ ବିବେକାନନ୍ଦ ଲୋକସଂସଦ ଜିଲ୍ଲା ଶାଖାର ସମ୍ପାଦକ ରବୀନ୍ଦ୍ରକୁମାର ମହାରଣା ସଂଯୋଜନା କରିଥିଲେ।

# ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ଓ କର୍ମକର୍ତ୍ତା ଚୟନ

ମୁନିଗୁଡ଼ା,୨୧ା୯ (ସମିସ): ରାୟଗଡ଼ା ଜିଲ୍ଲା ଅମ୍ଲାଭଟା ପଞ୍ଚାୟତ କାର୍ଯ୍ୟାଳୟଠାରେ ଚଳିତ ବର୍ଷର ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଅମ୍ବାଦଳା ଅଞ୍ଚଳର ବିଭିନ୍ନ ବର୍ଗର ଜନସାଧାରଣ, ପ୍ରତ୍ୟେକ ଅନୁଷ୍ଠାନ ଓ ଗତବର୍ଷର ପରିଚାଳନା କମିଟି ସଦସ୍ୟଙ୍କ ଉପସ୍ଥିତିରେ ପ୍ରସ୍ତୁତି ବୈଠକ ହୋଇଥିଲା। ସ୍ୱାଗତ ଭାଷଣ ପରେ ପୂଜା ମଣ୍ଡପ ପାଇଁ ମୁଖ୍ୟ ରୋଡ଼ ମେଡ଼ିକାଲ ପାଶ୍ୱର୍କୁ ଲାଗି ରହିଥିବା ପଡିଆରେ ମା'ଙ୍କ ପୂଜା ମଣ୍ଡପ ନିର୍ମାଣ ପାଇଁ ଆଲୋଚନା କରାଯାଇଥିଲା। ପରେ କର୍ମକର୍ତ୍ତା ଚୟନ ହୋଇଥିଲା। ଚଳିତବର୍ଷ ଲକ୍ଷ୍ମୀ ପୂଜା ପରିଚାଳନା ନିମନ୍ତେ ଉମେଶ ସାମନ୍ତଙ୍କୁ ସର୍ବସମ୍ମତିକ୍ରମେ କମିଟି ସଭାପତି ଭାବେ ଚୟନ କରାଯାଇଥିବାବେଳେ ଉପସଭାପତି ଭାବେ ତପନ କୁମାର ସାହୁଙ୍କୁ ଚୟନ କରାଯାଇଛି। ସେହିଭଳି ସମ୍ପାଦକ ଭାବେ ସୁଶାନ୍ତ କୁମାର ରଥ ଥିବାବେଳେ ସହ ସମ୍ପାଦକ ପ୍ରମଦ ରାଉତ, କୋଷାଧ୍ୟକ୍ଷ ଭାବେ ସରୋଜ ପଟ୍ଟନାୟକ ଓ ଡମ୍ବରୁ ମହାନନ୍ଦିଆଙ୍କୁ ଚୟନ କରାଯାଇଛି। କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଭିକାରୀ ନାହାକ, ମୁନା ଗୁରୁ, ମୁନା ପ୍ରଧାନ, ଡମ୍ବରୁ ହଂସ ପ୍ରମୁଖ ରହିଥିବା ବେଳେ ତପନ ସାହୁ, ସୀମାଞ୍ଚଳ ତ୍ରିପାଠୀ, ଅକ୍ଷୟ ରଥ ପ୍ରମୁଖ ଉପଦେଷ୍ଟା ଭାବେ ରହିଛନ୍ତି। ଜଗା ପାଣିଗ୍ରାହୀ, ନିରାକାର ବିଶ୍ୱାଳ, ପିଣ୍ଟୁ ନାହାକ, କେଶବ ଗୌଡ଼, ଭିକାରୀ ଭୋଇ, ଚକ୍ରଧର ପ୍ରଧାନ, ମିଟୁ ବିଶ୍ୱାଳ, କାଳିଆ, ପ୍ରଶାନ୍ତ ଓ ସମସ୍ତ ପୂଜା କମିଟିର ସଦସ୍ୟ ଏଥିରେ ସହଯୋଗ କରିଥିଲେ। ପୁରୋହିତ ବିପିନ ବିହାରୀ କର ଓ ଅକ୍ଷୟ ରଥ ପୂଜା ବିଧି ପରିଚାଳନା କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଆସନ୍ତା ୨୯ ତାରିଖ ଦିନ ପୂଜାର ଶୁଭ ଦେବା ପାଇଁ ଧାର୍ଯ୍ୟ କରାଯାଇଥିବା କମିଟି ପକ୍ଷରୁ ସୂଚନା ମିଳିଛି। ଶେଷରେ ଅକ୍ଷୟ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଳ ଷ୍ଟେସନରୁ ୯.୬୦୦କେଜି ଗଞ୍ଜେଇ ଜବତ; ୨ ଗିରଫ



ରାୟଗଡ଼ା,୨୧ା୯ (ସମିସ): ରାୟଗଡ଼ା ରେଳ ଷ୍ଟେସନ ପ୍ଲାଟଫର୍ମ ନଂ-୧ରେ ଶନିବାର ରାତ୍ରରେ ସରକାରୀ ରେଳବାଇ ପୁଲିସ (ଜିଆରପିଏସ) ପାଟ୍ରୋଲିଂ ସମୟରେ ଟ୍ରେନ ଯୋଗେ ଚୋରା ଚାଲାଣ ହେବାକୁ ଥିବା ୯ କେଜି ୬୦୦ଗ୍ରାମ ଓଜନର ଗଂଜେଇ ଜବତ କରାଯାଇଛି। ମାମଲାରେ ସଂପୃକ୍ତ ଜଣେ ପୁରୁଷ ଓ ଜଣେ ମହିଳା ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ଦୁଇ ଜଣ ହେଲେ କେରଳ ରାଜ୍ୟର ଆଲାପୁଜା ଜିଲ୍ଲାର କୋଦାଧି ଗ୍ରାମର ୩୫ବର୍ଷିୟ ଶ୍ୟାମ୍ବ ନାୟର ଓ ମାରାରିକୁଲମ ଥାନା ଅନ୍ତର୍ଗତ ଆରମାଚଲ ଗ୍ରାମର ୪୦ ବର୍ଷିୟ ରଜନୀ ବୋଲି ଜଣାପଡିଛି। ମିଳିଥିବା ସୂଚନା ପ୍ରକାରେ ଜିଆରପି ଡିଏସପି ପ୍ରଭାତ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ଜିଆରପି ଥାନା ଆଇଆଇସି ବିନୟ ପ୍ରସାଦ ମିଂଜଙ୍କ ନେତୃତ୍ୱରେ ଏସ୍ଆଇ ଆଲୋକ ନାୟକ, ଏସ୍‌କେ.ପରିଡା, ଏଏସଆଇ ମାଣିକ ଚନ୍ଦ୍ର ଗୌଡ଼, ଏସକେ.ପଟ୍ଟନାୟକ, ମହାବୀର ଶର୍ମା ଏବଂ ହାବିଲଦାର ପି.କେ.ନାୟକ ପ୍ରମୁଖ ପ୍ଲାଟଫର୍ମ ନଂ-୧ରେ ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ ଦୁଇ ଅଭିଯୁକ୍ତଙ୍କ ଠାରେ ଥିବା ବ୍ୟାଗକୁ ସନ୍ଦେହ କରି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେଥିରୁ ଗଂଜେଇ ଥିବା ଜାଣିବାକୁ ପାଇବା ପରେ ଉଭୟଙ୍କୁ ଥାନାରେ ଅଟକ ରଖାଯାଇ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ରାୟଗଡ଼ା ଜିଲ୍ଲା ମୁନିଗୁଡା ଅଂଚଳରୁ ଗଂଜେଇ ସଂଗ୍ରହ କରି କେରଳ ଚୋରା ଚାଲାଣ ପାଇଁ ଅଭିଯୁକ୍ତ ଦୁହେଁ ରାୟଗଡ଼ାକୁ ଆସି ରାୟଗଡ଼ାରୁ କୋରବା ଟ୍ରେନ ଯୋଗେ କେରଳକୁ ଯିବା ପାଇଁ ରାତ୍ରରେ ଷ୍ଟେସନରେ ଟ୍ରେନକୁ ଅପେକ୍ଷା କରିଥିଲେ ବୋଲି ଜଣାପଡ଼ିଛି।

# ଟିପର୍ ଓଲଟି ହେଲ୍ପର ମୃତ

ସେମିଳିଗୁଡ଼ା,୨୧ା୯ (ସମିସ): ସୁନାବେଡ଼ାସ୍ଥିତ କୋବ୍ରା ବାଟାଲିୟନକୁ ବାଲି ନେଇ ଯାଉଥିବା ଏକ ଟିପର୍ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ହେଲ୍ପରଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ଅଞ୍ଚଳର ଅର୍ଜୁନ କେନ୍ଦୁ ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ଏକ ଟିପର୍ (ଓଡି ୧୦ ଏଏ ୩୩୫୫)ରେ ବାଲି ବୋଝେଇ ହୋଇ ସୁନାବେଡ଼ା ସ୍ଥିତ କୋବ୍ରାକୁ ନେଉଥିଲା। ତେବେ ସଂଧ୍ୟାରେ ସେମିଳିଗୁଡ଼ା ବ୍ଲକ୍ ବଡ଼ ବଡିଙ୍ଗା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଟିପର୍ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ହେଲ୍ପର ଅର୍ଜୁନ କେନ୍ଦୁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଗ୍ରାମବାସୀ ଅର୍ଜୁନଙ୍କୁ ଉଦ୍ଧାର କରି ସୁନାବେଡ଼ା ମେଡିକାଲ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାରେ ଟିପ୍ପର୍ ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ସେମିଳିଗୁଡ଼ା ଓ ସୁନାବେଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟିପ୍ପରକୁ ଜବତ କରିଥିଲେ। କୋରାପୁଟ ଲକ୍ଷ୍ମଣ ନାୟକ ମେଡିକାଲରେ ଅର୍ଜୁନଙ୍କ ଶବ ବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୁନାବେଡା ଥାନା ପକ୍ଷରୁ ସୂଚନା ମିଳିଛି। ଏନେଇ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି।

# କାମରେ ଲାଗୁନି କମ୍ୟୁନିଟି ଶୌଚାଳୟ



ମାଲକାନଗିରି,୨୧ା୯ (ସମିସ): ଲୋକଙ୍କ କାମରେ ଆସୁନି କମ୍ୟୁନିଟି ଶୌଚାଳୟ ଏବଂ ସର୍ବସାଧାରଣ ଶୌଚାଳୟ। ବର୍ଷ ବର୍ଷ ଧରି ସେଥିରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ। ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଥିବା ସର୍ବସାଧାରଣ ଶୌଚାଳୟ ବର୍ଷ ବର୍ଷ ଧରି କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଯାହାଫଳରେ ବାଲିମେଳା ସହରର ବସଷ୍ଟାଣ୍ଡରେ ସବୁବେଳେ ହନ୍ତସନ୍ତ ହେଉଛନ୍ତି ମହିଳା ଯାତ୍ରୀ। ଦୂରଦୂରାନ୍ତରୁ ଆସୁଥିବା ଶତାଧିକ ମହିଳା ଯାତ୍ରୀ ଖୋଲାରେ ଶୌଚ କରୁଥିବା ଅଭିଯୋଗ ହୋଇଛି। ତେବେ ଶୌଚାଳୟ ଖୋଲୁ ନଥିବା ବେଳେ ରକ୍ଷଣାବେକ୍ଷଣା ପାଇଁ ଆସୁଥିବା ଅର୍ଥ ଆତ୍ମସାତ ହେଉଥିବା ନେଇ ସାଧାରଣରେ ଚର୍ଚ୍ଚା ହୋଇଛି। ଏ ସମ୍ପର୍କରେ ବାଲିମେଳା ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ, ଦଶହରା ପରେ ଟେଣ୍ଡର କରାଯିବ ବୋଲି କହିଛନ୍ତି।

# ସରକାରୀ କ୍ୱାର୍ଟର୍ସ ମଧ୍ୟରେ ନିର୍ମାଣ ହେଉଛି ସ୍ଥାୟୀ ଗୃହ

ମାଲକାନଗିରି,୨୧ା୯ (ସମିସ): ବେଧଡକ ଭାବେ ସରକାରୀ କ୍ୱାର୍ଟର୍ସ ମଧ୍ୟରେ ସ୍ଥାୟୀ ଗୃହ ନିର୍ମାଣ ହେଉଥିବା ଦେଖିବାକୁ ମିଳିଛି। ଏଭଳି ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ

## କିଏ ଦେଇଛି ଅନୁମତି?

ପାଇଁ କିଏ ଅନୁମତି ଦେଇଛି ଓ କାହା ନିର୍ଦ୍ଦେଶରେ କରାଯାଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏମିତି କିଛି ଚିତ୍ର ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ। ବାଲିମେଳା ସହରରେ ଥିବା ଓଡ଼ିଶା ଜଳ ବିଦ୍ୟୁତ ନିଗମ ବା ଓଏଚପିସି କ୍ୱାର୍ଟର୍ସ ପରିସରରେ ଚାଲିଛି ବଡ଼ ବଡ଼ କୋଠା ଘର ନିର୍ମାଣ। ସରକାରୀ କ୍ୱାର୍ଟର୍ସ ମଧ୍ୟରେ ସଂପ୍ରସାରଣ କରିବା ବେଆଇନ ଥିବା ବେଳେ ଦୁଇ ମହଲା ତିନି ମହଲା କୋଠା ନିର୍ମାଣ ପାଇଁ କିଏ ଅନୁମତି ଦେଇଛି ବୋଲି ପ୍ରଶ୍ନ ଉଠିଛି। ଏପରି କିଛି କ୍ୱାଟରକୁ ଧୂଳିସାତ କରି ମଧ୍ୟ ନିର୍ମାଣ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏହା ବିଭାଗୀୟ ଅଧିକାରୀଙ୍କ ଅନୁକମ୍ପା ହୋଇଥାଇପାରେ ବୋଲି ଅଭିଯୋଗ ହୋଇଛି। ଓଏଚପିସି ବିଭାଗର ଡ୍ରଗଲାଇନ ସ୍ଥିତ ଗୋପୀ ପୂଜାରୀ କ୍ଲବ୍ ନିକଟରେ ଥିବା କିଛି କ୍ୱାର୍ଟର୍ସକୁ କିଏ କରିଛି ଜବରଦଖଲ ନା ବିଭାଗୀୟ ଅଧିକାରୀଙ୍କ ଅନୁକମ୍ପା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।



# ଜିଲ୍ଲାସ୍ତରୀୟ ମାରାଥନରେ ପଲମା ବିଦ୍ୟାଳୟ ଛାତ୍ରୀଙ୍କ କୃତିତ୍ୱ

**କଲ୍ୟାଣସିଂହପୁର,୨୧ା୯ (ସମିସ):** ରାୟଗଡା ଜିଲ୍ଲାରେ ହୋଇଥିବା ମାରାଥନ ପ୍ରତିଯୋଗିତାରେ ପଲମା ବିଦ୍ୟାଳୟର ଛାତ୍ରୀ କୃତିତ୍ୱ ଅର୍ଜନ କରିଛନ୍ତି। ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାୟ ୫ କିମି ଦୂର ପର୍ଯ୍ୟନ୍ତ ମାରାଥନ କରାଯାଇଥିଲା। ଏଥିରେ କଲ୍ୟାଣସିଂହପୁର ବ୍ଲକ ପଲମା ପଞ୍ଚାୟତ ସରକାରୀ ଏସଏସଡ଼ି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲଳିତା ତିଆକା ପ୍ରଥମ ଓ ମୌସୁମୀ ମାଝୀ ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ, ଡିଏସ୍‌ଓ, ଅତିରିକ୍ତ ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ରହି ମାରାଥନରେ କୃତି ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବାବୁଲା ମେଲେକା, ପ୍ରଧାନ ଶିକ୍ଷକ ଅଭିମନ୍ୟୁ ଚୌଧୁରୀ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ କୃତି ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ମାନବାଧିକାର ସୁରକ୍ଷା ସଭ୍ୟତାର ସବୁଠାରୁ ବଡ଼ ଆହ୍ୱାନ।
-ନେଲ୍‌ସନ୍ ମାଣ୍ଡେଲା।

## ଖେଳାଳିଙ୍କ ଦେଶପ୍ରେମ !

ଭାରତ ଓ ପାକିସ୍ତାନ କ୍ରିକେଟ୍ ଦଳର କପ୍ତାନଙ୍କ ମଧ୍ୟରେ କରମର୍ଦ୍ଦନ ପ୍ରସଙ୍ଗକୁ ନେଇ ବିବାଦୀୟ ହୋଇପଡ଼ିଥିବା ଚଳିତ ଏସିଆ କପ୍ କ୍ରିକେଟ୍ ପୁଣି ଏକ ବିତର୍କ ସହିତ ଯୋଡ଼ି ହୋଇଯାଇଛି। ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ବିଜୟକୁ ପହେଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ପରିବାର ପ୍ରତି ଉତ୍ସର୍ଗ କରିଥିବା ଭାରତୀୟ ଦଳ ଘୋଷଣା କରିବା ପରେ ଆମ୍ ଆଦ୍‌ମି ପାର୍ଟି ନେତା ସୌରଭ ଭରଦ୍ୱାଜ୍ ଏହାକୁ ଛଳନା ବୋଲି ପରୋକ୍ଷରେ ଆକ୍ଷେପ କରିଛନ୍ତି। ତାଙ୍କ ମତରେ ଯଦି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ଓ ଭାରତୀୟ କ୍ରିକେଟ୍ ଖେଳାଳିଙ୍କ ବାସ୍ତବରେ ଦେଶପ୍ରୀତି ଓ ପହଲ୍‌ଗାମ୍ ପୀଡ଼ିତଙ୍କ ପ୍ରତି ସମବେଦନା ଅଛି ତେବେ ମ୍ୟାଚ୍‌ଲବ୍ଧ ସମ୍ପୂର୍ଣ୍ଣ ଆର୍ଥିକ ରୋଜଗାରକୁ ପୀଡ଼ିତଙ୍କ ପରିବାରକୁ ଉତ୍ସର୍ଗ କରନ୍ତୁ। ଶ୍ରୀଭରଦ୍ୱାଜ୍‌ଙ୍କ ଯୁକ୍ତି କିଛି ମନ୍ଦ ନୁହେଁ। କାରଣ ବିଶ୍ୱରେ ସବୁଠାରୁ ବିତ୍ତଶାଳୀ କ୍ରୀଡ଼ା ସଂଗଠନ ଭାବେ ମାନ୍ୟତାପ୍ରାପ୍ତ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ଓ ତାହାର ଧନାଢ଼୍ୟ ସଦସ୍ୟମାନେ ଯଦି ଏସିଆ କପ୍ ବାବଦ ସେମାନଙ୍କ ମ୍ୟାଚ୍ ଫି ଦାନ କରିଦିଅନ୍ତେ ତେବେ ସମୁଦ୍ରରୁ ମାତ୍ର ଆଞ୍ଜୁଳାଏ ପାଣି କାଢ଼ି ନେବା ପରି ହୁଅନ୍ତା। ଆପ୍ ନେତାଙ୍କ ମତକୁ ଭାରତୀୟ କ୍ରିକେଟ୍ ଖେଳାଳିମାନେ କେତେ ସକାରାତ୍ମକ ଭାବେ ଗ୍ରହଣ କରିଛନ୍ତି ଓ କରିବେ ତାହା ଭିନ୍ନ କଥା; କିନ୍ତୁ ସ୍ୱାଭାବିକ ଭାବେ କ୍ରିକେଟ୍‌ର ଅନ୍ଧଭକ୍ତମାନେ ପ୍ରତିକ୍ରିୟାଶୀଳ ହୋଇଉଠିଛନ୍ତି ଏବଂ ଶ୍ରୀଭରଦ୍ୱାଜ୍‌ଙ୍କୁ ସମାଲୋଚନା କରିବା ଆରମ୍ଭ କରିଛନ୍ତି।

ଆମ ଭାରତୀୟ କ୍ରିକେଟ୍‌ରମାନଙ୍କ ଦେଶଭକ୍ତି ଓ ରାଷ୍ଟ୍ରୀୟ ଭାବନା କେତେ ତାହା ୨୦୦୨ ଆଇସିସି ଚମ୍ପିଆନ୍ ଟ୍ରଫି ବେଳେ ଜଣାପଡ଼ିଯାଇଥିଲା; ଅଥଚ କ୍ରିକେଟ ରଙ୍କୁଣା ଭାରତୀୟମାନେ ଖେଳାଳିମାନଙ୍କର ସେହି ସ୍ୱାର୍ଥପର ମାନସିକତାକୁ ହଜମ୍ କରିଦେଇଥିଲେ। ପ୍ରାୟ ସମସ୍ତ ନିର୍ଣ୍ଣାୟକ ମ୍ୟାଚ୍‌ରେ ବିଫଳ ହେଉଥିବାର ବିରଳ ରେକର୍ଡଧାରୀ ତଥାକଥିତ କ୍ରିକେଟ୍‌ର ଭଗବାନ୍‌ଙ୍କୁ ଭାରତ ଓ ଭାରତବାସୀ ବିଭିନ୍ନ ରତ୍ନ-ଅଳଙ୍କାରରେ ସମ୍ମାନିତ କରିବାରେ କୌଣସି ହେଳା କରିନାହାନ୍ତି। ତାଙ୍କର ଅସୁମାରୀ ସମ୍ପଦ ପଛରେ ଈଶ୍ୱରଦତ୍ତ ପ୍ରତିଭା ତୁଳନାରେ ଭାରତୀୟଙ୍କ କ୍ରିକେଟ୍‌ପ୍ରେମ ଯେ ଅଧିକ ରହିଛି ତାହା ଅନସ୍ୱୀକାର୍ଯ୍ୟ। ଅଥଚ ତାଙ୍କୁ ପୁରସ୍କାରରେ ମିଳିଥିବା ଫେରାରି କାରକୁ ଭାରତ ଆଣିବା ପାଇଁ ସୀମାଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ ପାଇଁ ସେ ଭାରତ ସରକାରଙ୍କ ଉପରେ ଏକପ୍ରକାର ଚାପ ପକାଇ ସଫଳ ହୋଇଥିଲେ। ତେଣୁ ଭାରତୀୟ କ୍ରିକେଟ୍ ଖେଳାଳିଙ୍କ ଠାରୁ ଦେଶସ୍ୱାର୍ଥ ଓ ରାଷ୍ଟ୍ରୀୟ ଭାବନାରେ ଆନ୍ତରିକତା ଓ ବାସ୍ତବତା ଆଶା କରିବା ବୃଥା, ଏହା ଏକ ଅପ୍ରିୟ ସତ୍ୟ। କ୍ରିକେଟ୍ ସହିତ ଦେଶପ୍ରେମ ଓ ରାଷ୍ଟ୍ରୀୟ ଭାବନା କେବଳ ବଞ୍ଚି ରହିଛି ଦେଶର ଅଗଣିତ କ୍ରିକେଟ୍‌ପ୍ରେମୀଙ୍କ ପାଖରେ ଏବଂ ସେମାନେ ଭାବି ନେଇଛନ୍ତି ସେମାନଙ୍କର ପୂଜ୍ୟ କ୍ରିକେଟ୍-ଦେବତାମାନେ ମଧ୍ୟ ସମଭାବାପନ୍ନ ହୋଇଥିବେ। କିନ୍ତୁ ସେମାନେ ଯେ କୁହେଳିପୂର୍ଣ୍ଣ ଏକ ଭ୍ରାନ୍ତ ଓ ଅନ୍ଧବିଶ୍ୱାସର କ୍ରିକେଟ୍-ଆକର୍ଷଣର ମୋହାଚ୍ଛନ୍ନ ଦୁନିଆରେ ବୁଡ଼ି ରହିଛନ୍ତି ତାହା ହୃଦୟଙ୍ଗମ କରିବାକୁ ଆହୁରି ବହୁବର୍ଷ ଲାଗିଯିବ।

ବିଡ଼ମ୍ବନା ଏହା ଯେ ଯେଉଁ ହକି ଖେଳାଳି ଜଣକ ଭାରତୀୟତାର ଗୌରବ ବଜାୟ ରଖିବା ପାଇଁ ତାଙ୍କ କ୍ରୀଡ଼ାଜୀବନ କାଳରେ ଜାଣତରେ କିମ୍ବା ଅଜାଣତରେ ସାମାନ୍ୟତମ ସାଲିସ୍ କରି ନଥିଲେ ଆମେ ତାଙ୍କୁ ଏ ପର୍ଯ୍ୟନ୍ତ ଭାରତ ରତ୍ନ ଭଳି ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରିବାକୁ ଆନ୍ତରିକତା ପ୍ରଦର୍ଶନ କରିନାହୁଁ। ପ୍ରବଳ ଜ୍ୱରାକ୍ରାନ୍ତ ହୋଇ ମଧ୍ୟ ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତକୁ ଜିତାଇବା ପାଇଁ ପଡ଼ିଆକୁ ଓହ୍ଲାଇଥିବା ଏହି ମହାନ୍ କ୍ରୀଡ଼ା ବ୍ୟକ୍ତିତ୍ୱ ଜର୍ମାନୀ ତରଫରୁ ଖେଳିବା ଲାଗି ହିଟ୍‌ଲର ଯାଚି ଦେଇଥିବା ବିପୁଳ ଅର୍ଥ, ପଦବୀ ଓ ପ୍ରତିପତ୍ତିକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଅଥଚ ଆମେ ତାଙ୍କ ଜନ୍ମଦିନକୁ କେବଳ ଜାତୀୟ କ୍ରୀଡ଼ା ଦିବସ ଭାବେ ଘୋଷଣା କରି ଆମ କର୍ତ୍ତବ୍ୟ ସାରି ଦେଇଛୁ। ବୋଧହୁଏ କ୍ରିକେଟ୍‌କୁ ଛାଡ଼ି ଆଉ କୌଣସି ଖେଳ କିମ୍ବା ଖେଳାଳିଙ୍କ ସହିତ ଦେଶପ୍ରେମ ଓ ରାଷ୍ଟ୍ରଭକ୍ତି ଜଡ଼ିତ ନାହିଁ; ଯଦିବା କିଏ କେଉଁଠି କେତେବେଳେ ଦେଶଭକ୍ତିର ଉଦାହରଣଟିଏ ସୃଷ୍ଟି କରିଛନ୍ତି ତାହା ମଧ୍ୟ ବୋଧହୁଏ କ୍ରିକେଟ୍ ବିନା ନିରର୍ଥକ!

## ଟ୍ରମ୍ପ ଦାଉ

ଭାରତ ଓ ଭାରତୀୟଙ୍କୁ ସବୁମତେ ହଇରାଣ ହରକତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସତେଯେମିତି ଖୋଜି ଖୋଜି ଉପାୟମାନ ବାହାର କରୁଛନ୍ତି। ଭାରତୀୟ ଉତ୍ପାଦ ଉପରେ ବର୍ଦ୍ଧିତ ହାରରେ ଶୁଳ୍କ ଲାଗୁ କରି ଭାରତ ସରକାରଙ୍କ ଉପରେ ତାଙ୍କର ରାଗ ବୋଧହୁଏ ଶାନ୍ତ ହୋଇ ନାହିଁ। ଇତିମଧ୍ୟରେ ୟୁରୋପୀୟ ସଂଘ ସହିତ ଭାରତର ବାଣିଜ୍ୟ ରାଜିନାମାକୁ ଭଣ୍ଡୁର କରିବାକୁ ସବୁମତେ ଉଦ୍ୟମ କରୁଛନ୍ତି ଏବଂ ୟୁକ୍ରେନ୍‌କୁ ମତାଇ ଭାରତୀୟ ଉତ୍ପାଦ ଆମଦାନୀ ନ କରିବାକୁ ମସୁଧା କରିଛନ୍ତି। ପୁଣି ଏବେ ସେ ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ଉପରେ ଦାଉ ସାଧିବାର ଉପାୟଟିଏ ପାଇଯାଇଛନ୍ତି।

ଟ୍ରମ୍ପଙ୍କ ସଦ୍ୟତମ ଘୋଷଣା ଅନୁଯାୟୀ, ଏଣିକି ବିଦେଶୀ ପେସାଦାରମାନଙ୍କୁ ନିଯୁକ୍ତି ଦେଉଥିବା ଆମେରିକୀୟ ସଂସ୍ଥାମାନେ ପ୍ରତି ବିଦେଶୀ କର୍ମଚାରୀ ପିଛା ଏଚ୍୧-ବି ଭିସା ବାବଦକୁ ବାର୍ଷିକ ୧ ଲକ୍ଷ ଡଲାର(ଭାରତୀୟ ମୁଦ୍ରାରେ ପ୍ରାୟ ୯୦ ଲକ୍ଷ ଟଙ୍କା) ପୈଠ କରିବାକୁ ପଡ଼ିବ(ଏବେ ତାହା ମାତ୍ର ୧୫୦୦ ଡଲାର ଅଛି)। ସେପ୍ଟେମ୍ବର ୨୧ରୁ ତତ୍କାଳ ଲାଗୁ ହେବାକୁ ଥିବା ଟ୍ରମ୍ପଙ୍କ ଏହି ନିର୍ଦ୍ଦେଶ ପରେ ହୁଏତ ଆମେରିକୀୟ ସଂସ୍ଥାମାନେ ବିଦେଶୀ କର୍ମଚାରୀ ନିଯୁକ୍ତିକୁ କାଣ୍ଟଛାଣ୍ଟ କରିବେ କିମ୍ବା ଭିସା ବାବଦ ଅର୍ଥ ପ୍ରବାସୀ କର୍ମଚାରୀଙ୍କ ଦରମାରୁ କାଟି ରଖିବେ। ଆମେରିକାର ବିଭିନ୍ନ ସଂସ୍ଥାମାନଙ୍କରେ ସର୍ବାଧିକ ପ୍ରବାସୀ ଭାରତୀୟ କାମ କରୁଥିବାରୁ ଉଭୟ ପଦକ୍ଷେପରେ ସେମାନେ ହିଁ ସର୍ବାଧିକ ପ୍ରଭାବିତ ହେବେ। ଆମେରିକୀୟ କମ୍ପାନୀମାନେ ବିଦେଶରୁ ଶସ୍ତାରେ କର୍ମଚାରୀମାନଙ୍କୁ ନିଯୁକ୍ତି ଦେଉଥିବାରୁ ଆମେରିକୀୟ ପେସାଦାରମାନେ କର୍ମସଂସ୍ଥାନ ହରାଉଛନ୍ତି ବୋଲି ଆଭ୍ୟନ୍ତରୀଣ ଅଭିଯୋଗ ହୋଇଆସୁଥିଲା। ତେଣୁ 'ମାଗା' ଯୋଜନାରେ ଆମେରିକୀୟଙ୍କୁ ସନ୍ତୁଷ୍ଟ କରିବାକୁ ଟ୍ରମ୍ପ ଉପରୋକ୍ତ ଘୋଷଣା କରିଥିବା କୁହାଯାଉଥିଲେ ହେଁ ବାସ୍ତବରେ ତାଙ୍କର ଭାରତ ବିରୋଧୀ ଅସୂୟା ହିଁ ସ୍ପଷ୍ଟ ହେଉଛି। କାରଣ ଏଚ୍୧-ବି ଭିସାଧାରୀଙ୍କ ମଧ୍ୟରୁ ୭୦% ବା ପ୍ରାୟ ୪ ଲକ୍ଷ ଭାରତୀୟ। ଏଥିରେ କିନ୍ତୁ ଆମେରିକୀୟ ସଂସ୍ଥା ଓ ଅର୍ଥନୀତି ହିଁ ଅଧିକ ପ୍ରଭାବିତ ହେବ। କ୍ରୋଧାନ୍ଧ ଓ ପଦମତ୍ତ ଟ୍ରମ୍ପ ଏହି ହିତାହିତ ଜ୍ଞାନଶୂନ୍ୟ ହୋଇଥିବା ସ୍ୱାଭାବିକ।

# ଜିଏସ୍‌ଟି ସଂସ୍କାର କେତେ ସଂପୂର୍ଣ୍ଣ

**ନଳିନୀ କାନ୍ତ ଧର**

ଜୁଲାଇ, ୧ ୨୦୧୭ରୁ ପ୍ରଣୟନ କରାଯାଇଥିବା ସାମଗ୍ରୀ ଓ ସେବା କର(ଜିଏସ୍‌ଟି) ସ୍ୱାଧୀନତା ପରେ କର ବ୍ୟବସ୍ଥାରେ ସବୁଠାରୁ ବଡ଼ ସଂସ୍କାର ଥିଲା। ନିକଟରେ ଏଥିରେ କେତେକ ସଂଶୋଧନ କରାଯାଇଛି, ଯାହାକୁ ଜିଏସ୍‌ଟି-୨ ଆଖ୍ୟା ଦିଆଯାଇଛି। ପୂର୍ବରୁ କେନ୍ଦ୍ର ଓ ରାଜ୍ୟସ୍ତରରେ ବିଭିନ୍ନ ପ୍ରକାର ଅଲଗା ଅଲଗା ହାରରେ ସାମଗ୍ରୀ ଓ ସେବା ଉପରେ ପ୍ରାୟ ୧୭ ପ୍ରକାର କର ଲାଗୁଥିଲା। ଜିଏସ୍‌ଟି ଲାଗୁ ହେବା ପରେ ଦେଶରେ ଉତ୍ପାଦିତ ସାମଗ୍ରୀ ଓ ସେବା ଉପରେ ଗୋଟିଏ କର ଲାଗୁ ହେଲା। ଭାରତଭଳି ଏକ ବିଶାଳ ଦେଶରେ, ଯେଉଁଠି ଜନସାଧାରଣଙ୍କର ଅର୍ଥନୈତିକ ତାରତମ୍ୟ ଖୁବ୍ ଅଧିକ, ସେଠାରେ 'ଗୋଟିଏ ଦେଶ ଗୋଟିଏ କର' ବ୍ୟବସ୍ଥା ଆଶାନୁରୂପ ସଫଳ ହୋଇପାରି ନ ଥିଲା। ଜିଏସ୍‌ଟି-୧ରେ ୦, ୫, ୧୨, ୧୮ ଓ ୨୮ ପ୍ରତିଶତ ହାରରେ ୫ଟି ସ୍ଲାବ୍ ନିର୍ଦ୍ଧାରିତ ହୋଇଥିବା ବେଳେ ସୁନା ଉପରେ ସ୍ୱତନ୍ତ୍ର ଭାବରେ ୩ ପ୍ରତିଶତ ଜିଏସ୍‌ଟି ଲାଗୁ ହୋଇଥିଲା। ଏତେଗୁଡ଼ିକଏ ସ୍ଲାବ୍ ରହିଥିବାରୁ ଅନେକ ସମୟରେ ନିର୍ଦ୍ଦିଷ୍ଟ ସାମଗ୍ରୀର ଟିକସ ହାର ନେଇ ବିଭ୍ରାଟ, ଟିକସ ଫାଙ୍କି ଏବଂ କିଛି ସାମଗ୍ରୀ ଉପରେ ମାତ୍ରାଧିକ ଟିକସ ଆଦି ପାଇଁ ସରକାର ସମାଲୋଚନାର ଶରବ୍ୟ ହେଉଥିଲେ। ତେଣୁ ପରିବର୍ତ୍ତିତ ସ୍ଥିତିକୁ ଅନୁଧ୍ୟାନ କରି ସରକାର ୨୮ ପ୍ରତିଶତ ଓ ୧୨ ପ୍ରତିଶତ ସ୍ଲାବ୍‌କୁ ଉଚ୍ଛେଦ କରି ବର୍ତ୍ତମାନ ମେରିଟ୍ ଗୁଡ୍‌ସ ଉପରେ ୫ ପ୍ରତିଶତ ଓ ଷ୍ଟାଣ୍ଡାର୍ଡ ଗୁଡ୍‌ସ ଉପରେ ୧୮ ପ୍ରତିଶତ - ଏହିଭଳି ମାତ୍ର ଦୁଇଟି ସ୍ଲାବ୍ ସ୍ଥିର କରିଛନ୍ତି। ଏହାବ୍ୟତୀତ ସିଗାରେଟ୍, ଗୁଟ୍‌ଖା, ମଦ, ବିଳାସ ସାମଗ୍ରୀ, ବଡ଼ କାର ଇତ୍ୟାଦି ଉପରେ ସିନ୍ ଗୁଡ୍‌ସ ଟିକସ ଭାବରେ ୪୦ ପ୍ରତିଶତ ଟିକସ ନିର୍ଦ୍ଧାରିତ କରିଛନ୍ତି। ପ୍ରଚଳିତ ସମସ୍ତ ସେସ୍‌କୁ ବି ସମାପ୍ତ କରାଯାଇଛି। ଜିଏସ୍‌ଟି ଟିକସ କମ୍ ହେବା ଫଳରେ ଦରଦାମ ହ୍ରାସ ପାଇବା ସହ ମୁଦ୍ରାସ୍ଫୀତି ମଧ୍ୟ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ସରକାର ଚଳିତ ବର୍ଷ ଏଥିଯୋଗୁଁ ୪୮, ୦୦୦କୋଟି ଟଙ୍କା ଏବଂ ଆସନ୍ତା ବର୍ଷ ୧, ୫୦, ୦୦୦ କୋଟି ଟଙ୍କାର ରାଜସ୍ୱ ହରାଇବେ ବୋଲି ଆକଳନ କରାଯାଇଛି।

ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରେ ପ୍ରାଥମିକ ପର୍ଯ୍ୟାୟରେ ୬୬.୫ ଲକ୍ଷ ବ୍ୟବସାୟିକ ପ୍ରତିଷ୍ଠାନ ଅନ୍ତର୍ଭୁକ୍ତ ହୋଇଥିଲେ, ଯାହା ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧.୫୧ କୋଟିରେ ପହଞ୍ଚିଛି। ରାଜସ୍ୱ ମଧ୍ୟ ଆଶାନୁରୂପକ ବୃଦ୍ଧି ପାଇ ୨୨.୦୪ ଲକ୍ଷ କୋଟି ଟଙ୍କା ହୋଇଛି। କ୍ଷୁଦ୍ର ବ୍ୟବସାୟୀ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଇତ୍ୟାଦିଙ୍କ ପାଇଁ ଜିଏସ୍‌ଟିର ଜଟିଳ ପ୍ରକ୍ରିୟା ସବୁକୁ ପାଳନ କରିବା ବ୍ୟୟସାପେକ୍ଷ ଓ କଷ୍ଟସାଧ୍ୟ ହେଉଥିଲା। ତେଣୁ ଏହାକୁ ସରଳ କରାଯାଇଛି। ଯେଉଁମାନଙ୍କର ମାସିକ କାରବାର ୨.୫ଲକ୍ଷ ଟଙ୍କାରୁ କମ୍ ହେବ ସେମାନଙ୍କୁ ସ୍ୱୟଂଚାଳିତ ପ୍ରକ୍ରିୟାରେ ମାତ୍ର ୩ ଦିନ ଭିତରେ ପଞ୍ଜିକରଣ କରାଯିବ। ଆବଶ୍ୟକତା ଅନୁଯାୟୀ, ଏଥିରୁ କୌଣସି ସମୟରେ ସେମାନେ ଓହରି ପାରିବେ ଓ ପ୍ରତ୍ୟାବର୍ତ୍ତନ ମଧ୍ୟ କରି ପାରିବେ। ଏହାଦ୍ୱାରା ହାରାହାରି ୯୬ ପ୍ରତିଶତ ପ୍ରତିଷ୍ଠାନ ଉପକୃତ ହେବେ। ବିଦେଶକୁ ରପ୍ତାନୀ କରୁଥିବା ସାମଗ୍ରୀ ଓ ଏସ୍‌ଇଜେଡ୍‌ରୁ ବିକ୍ରି ହେଉଥିବା ସାମଗ୍ରୀ ଉପରେ ୯୦ ପ୍ରତିଶତ କର ସ୍ୱୟଂଚାଳିତ ଯାନ୍ତ୍ରିକ ପ୍ରକ୍ରିୟାରେ ଏହାର ମୂଲ୍ୟାୟନ କରି ତୁରନ୍ତ କର ପ୍ରାପ୍ୟ ଫେରସ୍ତ ହୋଇଯିବ, ଯାହାକି ରପ୍ତାନି କ୍ଷେତ୍ରରେ ୩୮ ପ୍ରତିଶତ ଯୋଗଦାନ କରୁଥିବା କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ଗୋଷ୍ଠୀ ବିଶେଷ ଲାଭବାନ ହେବେ।

ଜିଏସ୍‌ଟି ପ୍ରଚଳନ ହେବା ପରଠାରୁ ଟିକସ ହାରରେ ସଂଶୋଧନ ହୋଇଚାଲିଛି ଏବଂ ପୂର୍ବର ହାରାହାରି ୧୫.୫ ପ୍ରତିଶତ ସାମଗ୍ରିକ ଟିକସରୁ ନୂତନ ହାର ଭିତ୍ତିରେ ମାତ୍ର ୧୦.୫ ପ୍ରତିଶତ ହୋଇଯିବ। ସେହିପରି ଭାବରେ ପୂର୍ବରୁ ମୋଟ ଘରୋଇ ଉତ୍ପାଦନର ୬.୫ ପ୍ରତିଶତ ରାଜସ୍ୱ ଆୟ ବର୍ତ୍ତମାନ ୫.୪ ପ୍ରତିଶତକୁ ଖସିଯିବ। ଆଗାମୀ ଆର୍ଥିକ ବର୍ଷ ୨୦୨୬-୨୭ରେ ୧.୫ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ରାଜସ୍ୱ ସଂକୁଚିତ ହେବ। ତେଣୁ ରାଜସ୍ୱ ବୃଦ୍ଧି ପାଇଁ କେତେକ ସୁନା, ରୁପା ପରି ମୁଲ୍ୟବାନ ଧାତୁ ଉପରେ ୩ ପ୍ରତିଶତରୁ ୫ ପ୍ରତିଶତ ଏବଂ ଆୟର କେତେକ ଆବଶ୍ୟକୀୟ ସାମଗ୍ରୀ ଉପରେ ଲାଗୁଥିବା ୫ ପ୍ରତିଶତ ଟିକସକୁ ୮ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ମଧ୍ୟ ମତ ପ୍ରକାଶ ପାଇଛି। ଅନେକ ରାଜ୍ୟରେ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ରାଜସ୍ୱ ହ୍ରାସ ଫଳରେ ସେମାନଙ୍କର ବିତ୍ତୀୟ ନିଅଣ୍ଟ ବୃଦ୍ଧି ପାଇବ ଏବଂ ଦେଶରେ ଏକକ କର ବ୍ୟବସ୍ଥା ଲାଗୁ ହେଲା ପରେ ତାଙ୍କର କୌଣସି ନୂତନ ଟିକସ ଆଦାୟ କରିବା ସାର୍ବଭୌମିକ କ୍ଷମତା ନାହିଁ। ସବୁ ରାଜ୍ୟର ଅର୍ଥମନ୍ତ୍ରୀଙ୍କୁ ନେଇ ଜିଏସ୍‌ଟି ପରିଷଦ ଗଠିତ। ସମସ୍ତ ନିଷ୍ପତ୍ତି ଏହି ପରିଷଦ ନିର୍ଦ୍ଧାରଣ କରିଥାଏ। କିନ୍ତୁ ଚଳିତ ଟିକସ ହ୍ରାସର ଘୋଷଣା ବା ପ୍ରତିଶ୍ରୁତି ପ୍ରଧାନମନ୍ତ୍ରୀ ଲାଲ୍ କିଲ୍ଲାରୁ ସ୍ୱାଧୀନତା ଦିବସ ଉଦ୍‌ବୋଧନୀ ଭାଷଣରେ ଦେଲେ, ଯାହାକି ଏକ ସଂଘୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମାନ୍ୟ ବ୍ୟତିକ୍ରମ ହୋଲି ଅନୁଭୂତ ହୁଏ।

ଟିକସ ହାରରେ ହ୍ରାସ ଫଳରେ ଜନସାଧାରଣ ଅଧିକ କ୍ରୟ କଲେ ବ୍ୟବସାୟିକ ପ୍ରତିଷ୍ଠାନମାନଙ୍କର ଲାଭ ବୃଦ୍ଧି ପାଇବ ଏବଂ ସରକାର ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ ଭାବରେ କିଛିମାତ୍ରାରେ ଭରଣା କରିବେ। ଟିକସ ହାର ହ୍ରାସ ପାଇବା ପରେ ପୂର୍ଣ୍ଣମାତ୍ରାରେ ଜନସାଧାରଣ ଯେପରି ଏହାର ଲାଭ ପାଇବାରିବେ ସରକାର ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। କାରଣ ବିଗତ ଦିନରେ ଏହାର ବ୍ୟତିକ୍ରମ ଅନେକ ଦୃଷ୍ଟାନ୍ତ ଅଛି। ଯଦିଓ ଭାରତର ସମସ୍ତ ଉତ୍ପାଦିତ ସାମଗ୍ରୀ ଓ ସେବା ଜିଏସ୍‌ଟି ଅନ୍ତର୍ଭୁକ୍ତ ହୋଇଛି; କିନ୍ତୁ ପେଟ୍ରୋଲିୟମ୍ ସାମଗ୍ରୀ, ବିଦ୍ୟୁତ ଓ ଜମିକିଣା ବିକା ଇତ୍ୟାଦି ଏହି ବ୍ୟବସ୍ଥା ଅଧୀନକୁ ଆସିପାରିନାହିଁ। ଆଗାମୀ ଦିନରେ ଅନ୍ତତଃ ପେଟ୍ରୋଲିୟମ୍ ସାମଗ୍ରୀକୁ ଜିଏସ୍‌ଟି ଅଧୀନକୁ ଆଣିବା ପାଇଁ ଦାବି ହେଉଛି। କିନ୍ତୁ ପେଟ୍ରୋଲିୟମ ସାମଗ୍ରୀ ଉପରେ ବର୍ତ୍ତମାନ ହାରାହାରି ୫୮ ପ୍ରତିଶତ ଟିକସ ଆଦାୟ ହେଉଥିବାରୁ ଏବଂ ରାଜ୍ୟମାନେ ମଧ୍ୟ ଅଧିକ ରାଜସ୍ୱ ପାଉଥିବାରୁ ଏହାକୁ ଅନ୍ତତଃ ୪୦ ପ୍ରତିଶତ ସ୍ଲାବ୍‌ରେ ସାମିଲ କରି ଅତିରିକ୍ତ ସେସ୍ ମାଧ୍ୟମରେ ଭରଣା କଲେ କେସକେଡିଂ ପ୍ରଭାବ ଦୂର ହେବା ସହ ବ୍ୟବସାୟିକ ଗୋଷ୍ଠୀ ଇନ୍‌ପୁଟ୍ କ୍ରେଡିଟ୍ ପାଇପାରନ୍ତେ। ସମସ୍ତ ବ୍ୟବସାୟିକ ପ୍ରକ୍ରିୟା ସରଳ ହୋଇପାରନ୍ତା।

ଅନୁରୂପ ଭାବରେ ଜିଏସ୍‌ଟିକୁ ମଧ୍ୟ ଫେସ୍ଲେସ୍ କରାଯାଉ। ଅବଶ୍ୟ ସରକାର ସବୁ ରାଜ୍ୟରେ ଏକ ଟ୍ରିବ୍ୟୁନାଲ ସ୍ଥାପନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି, ଯାହା ବିବାଦ ସମାଧାନରେ ସମସ୍ତଙ୍କ ପାଇଁ ସହାୟକ ହେବ। ଜିଏସ୍‌ଟି ପ୍ରଣୟନ ହେବା ସମୟରୁ ମ୍ୟାନୁଫେକ୍‌ଚରିଂ ପାଇଁ ୪୦ ଲକ୍ଷ ଏବଂ ସେବା ପ୍ରଦାନକାରୀଙ୍କ ପାଇଁ ୨୦ ଲକ୍ଷ ବାର୍ଷିକ କାରବାର ଉପରେ ଜିଏସ୍‌ଟି ବହିର୍ଭୂତ ଥିଲା, ଯାହାକି ମୁଦ୍ରାସ୍ଫୀତି ହିସାବକୁ ନେଲେ ଅନ୍ତତଃ ଏହାକୁ ଦୁଇଗୁଣ କରିବାର ଆବଶ୍ୟକତା ଅଛି। ଯାହା ଫଳରେ ଛୋଟ ଛୋଟ ବ୍ୟବସାୟୀ ବିଶେଷଭାବେ ଉପକୃତ ହେବେ। କାରଣ ଜିଏସ୍‌ଟି ଲାଗୁ ପରଠାରୁ ଅତିକ୍ଷୁଦ୍ର ବ୍ୟବସାୟୀ ନିୟମକାନୁନ ପାଳନର ଅସମର୍ଥତା ଯୋଗୁଁ ବହୁମାତ୍ରାରେ ସେମାନଙ୍କ କାରବାର ବନ୍ଦ କରିଦେବା ଅନେକ ଦୃଷ୍ଟାନ୍ତ ଅଛି।

ଗରିବ ଜନସାଧାରଣ ସେମାନଙ୍କର ଆୟର ସିଂହଭାଗ ସାମଗ୍ରୀ କିଣାକିଣିରେ ଖର୍ଚ୍ଚ ହେଉଥିବାରୁ ପରୋକ୍ଷ କର ବାବଦରେ ସେମାନେ ଅଧିକ ଖର୍ଚ୍ଚାନ୍ତ ହୋଇଥା'ନ୍ତି। ଅପରପକ୍ଷେ ଧନିକ ଗୋଷ୍ଠୀ ସେମାନଙ୍କର ଆୟର ଅପେକ୍ଷାକୃତ ଖୁବ୍ କମ୍ ସାମଗ୍ରୀ କିଣାରେ ଖର୍ଚ୍ଚ କରନ୍ତି ଏବଂ ବଳକା ରାଶି ପୁଞ୍ଜିବଜାରରେ ଇତ୍ୟାଦି ବିନିଯୋଗ କରି ଅଧିକ ଲାଭବାନ ହୋଇଥା'ନ୍ତି। ତେଣୁ ପରୋକ୍ଷ କର ଗରିବ ବର୍ଗର ଜନସାଧାରଣଙ୍କୁ ବେଶି ମାତ୍ରାରେ ପ୍ରଭାବିତ କରିଥାଏ। ବିକ୍ରି ହେଉଥିବା ସାମଗ୍ରୀ ବା ସେବାର ମୂଲ୍ୟବୃଦ୍ଧି ମୁଦ୍ରାସ୍ଫୀତି ବୃଦ୍ଧି ଅର୍ଥନୀତିରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ସାମଗ୍ରିକ ଭାବରେ ଦୀର୍ଘ ୮ ବର୍ଷର ଜିଏସ୍‌ଟିର ଯାତ୍ରା ସଂପୂର୍ଣ୍ଣ ତ୍ରୁଟିମୁକ୍ତ ନ ହେଲେ ମଧ୍ୟ ଭାରତରେ ପରୋକ୍ଷ କର ବ୍ୟବସ୍ଥାରେ ସ୍ଥିରତା ଓ ରାଜସ୍ୱ ବୃଦ୍ଧିରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ପାରିଛି। ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାର ଫଳରେ ଜିଏସ୍‌ଟି ଆଗାମୀ ଦିନରେ ଆହୁରି ସହଜ ଓ ସରଳ ହେବ ବୋଲି ଆଶା କରାଯାଏ। ଆଗାମୀ ଦିନରେ ବିକଶିତ ଦେଶମାନଙ୍କର ଅଭିଜ୍ଞତାକୁ ନେଇ ସଂସ୍କାର ପ୍ରକ୍ରିୟାକୁ ନିରବିଚ୍ଛିନ୍ନ ଭାବେ ଚାଲୁରଖିବା ଏକାନ୍ତ ବାଞ୍ଛନୀୟ।


ରାଉରକେଲା, ମୋ: ୯୪୩୭୩୪୪୬୫୪।

# ମହାଜାଗତିକ ବିକିରଣ ଓ ଦୃଷ୍ଟିଶକ୍ତିର ସମ୍ଭାବନା

**ଭୁବନାନନ୍ଦ ସାହୁ**

ଆମେରିକାର ଏରୋନେଟିକ୍ ସ୍ପେସ୍ ଏଜେନ୍ସି (ନାସା) ପ୍ରଥମ ଥର ପାଇଁ ବ୍ରହ୍ମାଣ୍ଡର ଉତ୍ପତ୍ତିକୁ ଜାଣିବା ପାଇଁ ମହାକାଶକୁ କୋବେ ନାମକ ଏକ ସାଟେଲାଇଟ ପଠାଇଥିଲା। ଏହି ସାଟେଲାଇଟ ଅବଲୋହିତ ଓ ମାଇକ୍ରୋୱେଭ୍ ବିକିରଣକୁ ମାପି ୧୩.୭ ବିଲିୟନ(୧ବିଲିୟନ=୧୦୦କୋଟି) ବର୍ଷ ପୂର୍ବେ ବ୍ରହ୍ମାଣ୍ଡର ଉତ୍ପତ୍ତି ହୋଇଛି ବୋଲି ଦର୍ଶାଇଥିଲା। ଏହି ବିକିରଣର ତାପମାତ୍ରା ବ୍ରହ୍ମାଣ୍ଡର ଉତ୍ପତ୍ତି ସମୟରେ ୧.୦ ଗୁଣନ ୧୦କୁ ୨୭ଥର ଗୁଣନ କରିବା ପରେ ଯେଉଁ ସଂଖ୍ୟା ଆସିବ ସେତିକି ଡିଗ୍ରୀ ସେଣ୍ଟିଗ୍ରେଡ୍ ଥିଲା। ଏହି ବିକିରଣ ବ୍ରହ୍ମାଣ୍ଡର ପ୍ରସାରଣ ସହିତ କମି କମି ଆସି ଏବେ ୩ ଡିଗ୍ରୀ କେଲଭିନରେ ଅଛି ବୋଲି କୋବେ ନିଷ୍କର୍ଷରେ ପହଞ୍ଚିଛି। ଏହି ସାଟେଲାଇଟ ଦୂର ବ୍ରହ୍ମାଣ୍ଡରୁ ଆସୁଥିବା ଅବଲୋହିତ ଓ ମାଇକ୍ରୋୱେଭ୍ ଆଲୋକର ଉଷ୍ମତାକୁ କ୍ୟାମେରାରେ ଦେଖି ତା'ର ସଠିକ ମାନଚିତ୍ରକୁ ତିଆରି କଲା।

ଆଜିର ଆମ ବ୍ରହ୍ମାଣ୍ଡଟି ୧୩.୭ ବିଲିୟନ ବର୍ଷ ପୂର୍ବରୁ ଏକ ବହୁତ ଛୋଟ ଓ ଘନ ପଦାର୍ଥରୁ ବିସ୍ଫୋରଣ ପରେ ସୃଷ୍ଟି ହୋଇଛି। ଏହା ହେଉଛି ବଡ଼ ଧରଣର ପ୍ରଥମ ପ୍ରମାଣ ଏବଂ ୨୦୦୬ରେ ଏହି ଆବିଷ୍କାର ପାଇଁ ଦୁଇ ଜଣ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ମିଳିଲା। ଆମେ ସମୁଦାୟ ଆଲୋକର କେବଳ ୦.୦୦୩୫% କୁ ଦେଖିପାରୁ। ଏହି ଦୃଶ୍ୟମାନ ଆଲୋକଟି ଇନ୍ଦ୍ରଧନୁର ସାତଟି ରଙ୍ଗ। ସେହି ସାତଟି



ରଙ୍ଗ ହେଲା ବାଇଗଣୀ, ଘନନୀଳ, ନୀଳ, ସବୁଜ, ହଳଦିଆ, ନାରଙ୍ଗୀ ଓ ଲୋହିତ। ଆମ ଆଖିରେ ନୀଳ, ସବୁଜ ଓ ଲୋହିତ ରଙ୍ଗର କୋଷ ଅଛି। ଏହି କୋଷ ଆମକୁ ଇନ୍ଦ୍ରଧନୁର ସାତଟି ରଙ୍ଗ ଦେଖେଇପାରୁଛି। ଆମର ଆଖି ଅତିବାଇଗଣୀ ଓ ଅବଲୋହିତ ଆଲୋକକୁ ଦେଖି ପାରେନାହିଁ। ସୂର୍ଯ୍ୟାଲୋକରୁ ଆସୁଥିବା କିରଣର ୯୯.୯୯%କୁ ଆମେ ଦେଖିପାରି ନ ଥାଉ। ସେହି ଦେଖିପାରୁ ନଥିବା କିରଣଗୁଡ଼ିକ ହେଲା ଗାମାରେ, ଏକ୍ସରେ, ଅତିବାଇଗଣୀ, ଅବଲୋହିତ, ମାଇକ୍ରୋୱେଭ୍ ଓ ରେଡିଓ ୱେଭ୍। ଆମେ ଯଦି ସୂର୍ଯ୍ୟାଲୋକର ସବୁକିରଣ ଦେଖିପାରନ୍ତେ ପୃଥିବୀଟି ଆମକୁ ପରିରାଇଜ ପରି ଆହୁରି ସୁନ୍ଦର ଦେଖାଯା'ନ୍ତା। ବିଜ୍ଞାନର ଅଭିବୃଦ୍ଧି ବ୍ରହ୍ମାଣ୍ଡରେ ଆମ ପୃଥିବୀ ପରି ଆଉ ଅନେକ ଗ୍ରହର ଆବିଷ୍କାର କରିଛି, ଯେଉଁଠି ଜୀବ ସମାଜ ଥାଇପାରନ୍ତି। ବୋଧେ ସେହି ଜୀବ ସମାଜ ଆମଠୁ ଅଧିକ ସୂର୍ଯ୍ୟାଲୋକ କିରଣ ଦେଖିପାରୁଥିବେ।

କେତେକ ପ୍ରାଣୀ ଅବଲୋହିତ ଓ ଅତିବାଇଗଣୀ ଆଲୋକକୁ ଦେଖିବାର ଅସାଧାରଣ କ୍ଷମତା ରଖନ୍ତି। ଅନ୍ଧାରରେ ଶିକାର ଓ ଶିକାରୀକୁ ସଠିକ୍ ଭାବରେ ଦେଖିବା ପାଇଁ ସାପର ଅବଲୋହିତ ଦର୍ଶନ କ୍ଷମତା ଅଛି। ଏକ ଉଦାହରଣରେ ନିଆଁ ହେଉଛି ଦୃଶ୍ୟମାନ୍ ଆଲୋକ ଏବଂ ଏହାର ଉଷ୍ମତା ହେଉଛି ଅବଲୋହିତ ଆଲୋକ। ଆଖି ଓ ନାକ ମଧ୍ୟରେ ସାପର ଏକ ବିଶେଷ ଅଙ୍ଗ ଅଛି, ଯାହାକୁ ପିଟ୍ କିମ୍ବା ଗର୍ତ୍ତ କୁହାଯାଏ। ଏହି ଗର୍ତ୍ତ ସାହାଯ୍ୟରେ ସାପ ପ୍ରାଣୀର ଉଷ୍ମତାକୁ ମାପି ତା'ର ଚିତ୍ରପଟ ତିଆରି କରେ। ଏହି ଗର୍ତ୍ତ ଅଙ୍ଗରେ ଥିବା ସ୍ନାୟୁରେ ଟିଆରପିଏ ୧ନାମକ ଏକ ଶ୍ୱେତସାର ଥାଏ। ଏହି ଟିଆରପିଏ ୧ ହେଉଛି ଏକ ଉତ୍ତାପ ସକ୍ରିୟ ଶ୍ୱେତସାର। ଉଷ୍ମ ରକ୍ତ ପ୍ରାଣୀର ଶରୀରରୁ ଆସୁଥିବା ଅବଲୋହିତ ଉତ୍ତାପ ଦ୍ୱାରା ଟିଆରପିଏ୧ ସକ୍ରିୟ ହୋଇଯାଏ। ଉତ୍ତାପ ଗ୍ରହଣ ପରେ ମସ୍ତିଷ୍କରେ ଟିଆରପିଏ ୧ ଦ୍ୱାରା ଏକ ତାପଜ ଚିତ୍ର ତିଆରି ହୁଏ।

ଅନ୍ୟ ପ୍ରାଣୀମାନଙ୍କରେ ଅବଲୋହିତ କିରଣକୁ ଦେଖିପାରିବା ଏପର୍ଯ୍ୟନ୍ତ ଅସମ୍ଭବ ଥିଲା। ନାନୋଟେକ୍ନୋଲୋଜି ଜରିଆରେ ଏବେ ଏହି ଅସମ୍ଭବକୁ ସମ୍ଭବ କରା ହୋଇପାରିଛି। ଅନ୍ଧ ମୂଷାମାନଙ୍କ ଉପରେ ଦୀର୍ଘ ଗବେଷଣା ପରେ ତାଙ୍କୁ ପୁନର୍ବାର ଦେଖିବାର କ୍ଷମତା ଦିଆଯାଇ ପାରିଛି। ସାପର ଟିଆରପିଏ ୧ କୁ ଅନ୍ଧ ମୂଷାଙ୍କ ଆଖିରେ ପ୍ରତିରୋପଣ କରି ଉଷ୍ମତାକୁ ଦେଖିବାର ଶକ୍ତିକୁ ଅଣାଯାଇ ପାରିଛି। ଏହି ଆବିଷ୍କାର ଦିନେ ଅନ୍ଧ ଲୋକଙ୍କର ପୁନର୍ବାର ଦୃଷ୍ଟି ଶକ୍ତି ଫେରାଇ ଆଣିପାରିବ - ଏହା ବୈଜ୍ଞାନିକମାନଙ୍କର ବିଶ୍ୱାସ।

(ବୈଜ୍ଞାନିକ-ମାସାଚୁସେଟ, ଆମେରିକା)
ଜାମସେଠ(ପାଇକମାଳ, ବରଗଡ଼)

# ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

## ପଦ୍ମ

**ସୌଭାଗ୍ୟସୁନ୍ଦର**

ପଦ୍ମ ବା କମଳ ହେଉଛି ଏକ ଦେଶୀୟ ଜଳଜ ଉଦ୍ଭିଦ, ଯାହା ଦକ୍ଷିଣ ଭାରତରୁ ଆରମ୍ଭ କରି ଉତ୍ତର ଭାରତ, ହିମାଳୟର ୧, ୪୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସର୍ବତ୍ର ବିଦ୍ୟମାନ। ବର୍ତ୍ତମାନ ଶ୍ରୀଲଙ୍କା, ଦକ୍ଷିଣପୂର୍ବ ଏସିଆ, ନ୍ୟୁ ଗିନି ଏବଂ ଉତ୍ତର ଓ ପୂର୍ବ ଅଷ୍ଟ୍ରେଲିଆରେ ଏହାର ଉପସ୍ଥିତି ରହିଛି। ହିନ୍ଦୁ, ବୌଦ୍ଧ, ଜୈନ, ଇସମାଇଲିବାଦ ଓ ଚୀନ୍ ସଂସ୍କୃତିରେ ଏହା ଗଭୀର ସାଂସ୍କୃତିକ, ଆଧ୍ୟାତ୍ମିକ ଓ ଧାର୍ମିକ ଗୁରୁତ୍ୱ ବହନ କରେ। ପବିତ୍ରତା, ପ୍ରଜ୍ଞା, ଆଧ୍ୟାତ୍ମିକ ଜାଗରଣ ଏବଂ ଦିବ୍ୟସୌନ୍ଦର୍ଯ୍ୟର ପ୍ରତୀକ, ଯାହା କଳା, ସ୍ଥାପତ୍ୟ ଓ ସାହିତ୍ୟ କ୍ଷେତ୍ରରେ ବ୍ୟାପକ ଭାବରେ ଚିତ୍ରିତ ଓ ପ୍ରସ୍ଫୁଟିତ ହୋଇଛି। ପଦ୍ମ ଖାଦ୍ୟ ଉପଯୋଗୀ ବିହନ ଭାବେ ଚାଷ ହେବାର ପ୍ରାୟ ୩, ୦୦୦ ବର୍ଷର ଏକ ଦୀର୍ଘ ଇତିହାସ ରହିଛି। ଏହାର ପ୍ରାୟ ୧୦୦ ପ୍ରକାର ଉପଜାତି ରହିଥିବା କୁହାଯାଏ। ପବିତ୍ର ପଦ୍ମ ଭାରତର ଜାତୀୟ ଫୁଲ ଏବଂ ଅନୌପଚାରିକ ଭାବରେ ଭିଏତନାମର ମଧ୍ୟ ଜାତୀୟ ଫୁଲ। ଚୀନ୍ ଦେଶର ଲୋକମାନେ ଏହି ତୃଣକୁ ଦୀର୍ଘାୟୁର ପ୍ରତୀକ ଭାବରେ ବିଶ୍ୱାସ କରନ୍ତି।

ପଦ୍ମର ଲମ୍ବା କାଣ୍ଡକୁ ରାଇଜୋମ ବା କନ୍ଦ କୁହାଯାଏ, ଯେଉଁଥିରେ ଅନେକ ବାୟୁ ରନ୍ଧ୍ର ଥାଏ। ରାଇଜୋମର ଗଣ୍ଠିରୁ ସୂକ୍ଷ୍ମ ତନ୍ତୁ ପରି ମୂଳ ବାହାରିଥାଏ। ପଦ୍ମ ଗଛର ରାଇଜୋମ ପୋଖରୀ କିମ୍ବା ନଦୀ ତଳ ମାଟିରେ ପାଣି ତଳେ ଅନୁଭୂମିକ ଭାବରେ ସ୍ଥାୟୀ ଭାବରେ ସ୍ଥାନିତ ଥିବା ବେଳେ ପତ୍ର ଓ ଫୁଲଗୁଡ଼ିକ ଜଳପୃଷ୍ଠରେ ଭାସମାନ ଅବସ୍ଥାରେ ଥା'ନ୍ତି। ଏହାର ପତ୍ରଟି ଆକାରରେ ବଡ଼, ଗୋଲାକାର। ପତ୍ର ନାଡ଼ ପ୍ରାୟ ୨୦୦ ସେମି ପର୍ଯ୍ୟନ୍ତ ଲମ୍ବା ହୋଇପାରେ, ଫୁଲଗୁଡ଼ିକ ୩୫ ସେମି ବ୍ୟାସ ପର୍ଯ୍ୟନ୍ତ ବଢ଼ିଥାଏ। ଫୁଲର କ୍ୟାଲିକ୍ସ ବା ବୃତି ମଣ୍ଡଳରେ ୫ ବୃତି, କରୋଲା ବା ଦଳ ମଣ୍ଡଳରେ ୧୦ ରୁ ୩୦ଟି କିମ୍ବା ତା'ଠାରୁ ଅଧିକ ପାଖୁଡ଼ା ଥାଏ, ଯାହା ହଳଦିଆ ଫୁକେଶର ଚକ୍ରକୁ ଘେରି ରହିଥାଏ। ଫୁକେଶର ଚକ୍ର ମଧ୍ୟରେ ଗାଇନୋସିୟମ୍ ବା ଫଳିକା ଚକ୍ର ଅବସ୍ଥିତ। କାର୍ପେଲ ବା ଫଳିକା ଚକ୍ରରେ ଏକ ଡିମ୍ବାଶୟ ଥାଏ, ଯାହା ଡିମ୍ବାଣୁକୁ ଧାରଣ କରେ। ସଫଳ ପରାଗ ସଙ୍ଗମ ପରେ, କାରପେଲ୍ ଏକ ବୀଜପଡ୍ କିମ୍ବା ଫଳକୁ ବିକଶିତ କରେ। ବୀଜପଡ୍ ସାଧାରଣତଃ ସବୁଜ ରଙ୍ଗର ଅନନ୍ୟ ତ୍ରିକୋଣୀୟ ଥାଳି ଆକୃତିର ହୋଇ ଥାଏ। ପରିପକ୍ୱ ହେବା ସହିତ ଏହା ରଙ୍ଗ ପରିବର୍ତ୍ତନ କରେ ଏବଂ କଠିନ ହୁଏ। ଭିତରେ ବିକାଶଶୀଳ ବିହନକୁ ସୁରକ୍ଷା ଦିଏ। ବୀଜପଡ୍ ପ୍ରାୟ ୧୦ ରୁ ୩୦ ବୀଜ ଧାରଣ କରିପାରେ। ବୀଜଗୁଡ଼ିକ ଗୋଲାକାର, ଛୋଟ ଓ ଗାଢ଼ ରଙ୍ଗର। ୧୯୯୪ ମସିହାରେ, ପ୍ରାୟ ୧, ୩୦୦ ବର୍ଷ ପୁରୁଣା ଏକ ପବିତ୍ର ପଦ୍ମରୁ ଏକ ବୀଜ, ଉତ୍ତର-ପୂର୍ବ ଚୀନ୍‌ର ଏକ ଶୁଷ୍କ ହ୍ରଦପଡ଼ିଆରୁ ସଫଳତାର ସହ ଅଙ୍କୁରିତ ହୋଇଥିଲା।

ପଦ୍ମ ଡାଳ, ବିହନ, ପତ୍ର ଓ ଫୁଲ ଦୀର୍ଘବର୍ଷଁ ଧରି ପାରମ୍ପରିକ ଔଷଧ ପ୍ରସ୍ତୁତିରେ ବ୍ୟବହୃତ ହୋଇଆସୁଛି। ପତଳା ଝାଡ଼ା, ସଂକ୍ରମଣ, କାଶ, ଉଚ୍ଚ ରକ୍ତଚାପ, ଜ୍ୱର, କର୍କଟ, ସ୍ମରଣ ଶକ୍ତି ହ୍ରାସ, ମାଢ଼ି ରୋଗ, ....ଚିକିତ୍ସା ପାଇଁ ପଦ୍ମର ବିଭିନ୍ନ ଅଂଶ ବ୍ୟବହାର କରାଯାଏ। ଏହାର ଆଣ୍ଟିଅକ୍ସିଡାଣ୍ଟ କାର୍ଯ୍ୟକଳାପ ବିହନ ଓ ପତ୍ରରେ ସବୁଠାରୁ ଅଧିକ କେନ୍ଦ୍ରିତ ଦେଖାଯାଏ, ଯେଉଁଥିରେ କ୍ୟାମ୍ପଫେରୋଲ୍, କ୍ୟାଟେଚିନ୍, କ୍ଲୋରୋଜେନିକ୍ ଏସିଡ୍ ଓ କ୍ୱେର୍ସେଟିନ୍ ସମେତ ଆଣ୍ଟିଅକ୍ସିଡାଣ୍ଟ ଯୌଗିକ ଜୈବ ରସାୟନ ଥାଏ। ଟୁଥପେଷ୍ଟ ଓ ଅନ୍ୟାନ୍ୟ ମୁଖ ପରିଷ୍କାର ଉତ୍ପାଦରେ ଏକ ଉପାଦାନ ଭାବରେ ଏହାର ଉପଯୋଗ ହୁଏ। ପଦ୍ମ ଶୁଖିଲା ମୂଳ, ଚା, ପାଉଡର, କ୍ୟାପସୁଲ୍ ଓ ନିଶ୍ୱାସନ ସମେତ ଅନେକ ପ୍ରସ୍ତୁତିରେ ଉପଲବ୍ଧ। ପତ୍ରଗୁଡ଼ିକରେ ଫ୍ଲାଭୋନୋଲ୍ ମିକ୍ରେଲିଆନିନ୍ ଏବଂ ଆଲକାଲଏଡ୍ ଯେପରିକି କୋକ୍ଲାଓରିନ୍ ଓ ନରକୋକ୍ଲାଓରିନ୍ ଥାଏ। ସମଗ୍ର ଉଦ୍ଭିଦରେ ନ୍ୟୁସିଫେରିନ୍ ଓ ନେଫେରିନ୍ ସମେତ ଜୈବିକ ସକ୍ରିୟ ଯୌଗିକ ଉପାଦାନ ଥାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଶୋଇଥିବା ବେଳେ ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ହତ୍ୟା

ଆନନ୍ଦପୁର,୨୧।୯ (ସମିସ): ସ୍ୱାମୀ-ସ୍ତ୍ରୀ ଘରେ ଶୋଇଥିବାବେଳେ ଶନିବାର ବିଳମ୍ବିତ ରାତିରେ ହଠାତ୍ କେହି ଦୁର୍ବୃତ୍ତ ଘରେ ପଶି ସ୍ୱାମୀଙ୍କୁ ହାଣି ଦେଇଛି। ରବିବାର ସକାଳେ ଏଭଳି ଅଭାବନୀୟ ଘଟଣା ଆନନ୍ଦପୁର ଥାନା ସିନ୍ଦୁରିଆ ଗାଁରେ ଚହଳ ପକାଇଛି। ମୃତକ ଜଣକ ହେଲେ ଜଗବନ୍ଧୁ ଦେଓଗାମ। ଖବରପାଇ ପୁଲିସ୍ ଘଟଣାର ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପରେ ଅଭିଯୁକ୍ତକୁ ଧରିବା ପାଇଁ ତନାଘନା ଚଳାଇଛି। ପ୍ରକାଶ ଯେ, ଶନିବାର ରାତିରେ ଜଗବନ୍ଧୁ ଓ ତାଙ୍କ ସ୍ତ୍ରୀ ଘରେ ଶୋଇଥିଲେ। ରାତି ସାଢ଼େ ୧୨ଟା ସମୟରେ କେହି ଦୁର୍ବୃତ୍ତ ଘରେ ପଶି ଜଗବନ୍ଧୁଙ୍କୁ ଜଙ୍ଘକୁ ଏକ ଧାରୁଆ ଅସ୍ତ୍ରରେ ହାଣି ଫେରାର୍ ହୋଇଯାଇଥିଲା। ଅନ୍ଧାରର ସୁଯୋଗ ନେଇ ଆକ୍ରମଣକାରୀ ଜଣକ ସେଠାରୁ ଫେରାର୍ ହୋଇଯିବାରେ ସକ୍ଷମ ହୋଇଥିଲା। ସଙ୍ଗେ ସଙ୍ଗେ ଜଗବନ୍ଧୁଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ ପରିବାର ଲୋକେ। ଜଙ୍ଘରେ ଶକ୍ତ ଆଘାତ ଏବଂ ପ୍ରବଳ ରକ୍ତସ୍ରାବ ଯୋଗୁଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ପୂର୍ବରୁ କୌଣସି କାରଣକୁ ନେଇ ଜଗବନ୍ଧୁଙ୍କ ସହ ତାଙ୍କର ଜଣେ ପୁତୁରାର ଝଗଡ଼ା ହୋଇଥିବାରୁ ହତ୍ୟାକାଣ୍ଡରେ ତା'ର ହାତ ଥାଇପାରେ ବୋଲି ସନ୍ଦେହ କରିଛନ୍ତି ଝିଅ ପୂଜାରାଣୀ। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତକୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

## ଟ୍ରେଲର-ଟ୍ରକ୍ ମୁହାଁମୁହିଁ ଧକ୍କା; ଜଣେ ମୃତ

ଝାରସୁଗୁଡ଼ା,୨୧।୯ (ସମିସ): ରବିବାର ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଧୀନ କନକତୋରା ଛକ ନିକଟରେ ଏକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ଅପରାହ୍ଣରେ ଝାରସୁଗୁଡ଼ାରୁ ଛତିଶଗଡ଼ ପଟକୁ ଯାଉଥିବା ଏକ ଟ୍ରେଲର ଏବଂ ଛତିଶଗଡ଼ ପଟୁ ଝାରସୁଗୁଡ଼ାକୁ ଆସୁଥିବା ଏକ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଟ୍ରେଲର ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଖବର ଲେଖାହେବା ସୁଦ୍ଧା ତାଙ୍କ ପରିଚୟ ମିଳିପାରିନାହିଁ। ତେବେ ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଛି। ଜନସାଧାରଣ ରାସ୍ତାରୋକ କରିଥିବାବେଳେ ପୁଲିସ ସେମାନଙ୍କୁ ବୁଝାସୁଝା କରିଛି। ଅନ୍ୟପଟେ ଏହି ଦୁର୍ଘଟଣାରେ ଦୁଇଟି କାର୍ ମଧ୍ୟ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

### ଯୁବକଙ୍କୁ ଅବହେଳା ପ୍ରସଙ୍ଗରେ ବର୍ଷିଲା ଯୁବ ବିଜେଡି

# ସରକାର ବାଣ୍ଟୁଛନ୍ତି ନବୀନ ସରକାରଙ୍କ 'ନିଯୁକ୍ତିପତ୍ର'

ଭୁବନେଶ୍ୱର,୨୧।୯ (ସମିସ): ରାଜ୍ୟରେ ବିଜେପି କ୍ଷମତାକୁ ଆସିବାର ୧୫ ମାସ ବିତି ଯାଇଥିଲେ ମଧ୍ୟ ଯୁବ ବର୍ଗର ବିକାଶ ପାଇଁ ସରକାରଙ୍କ ପାଖରେ କୌଣସି ରୋଡ୍‌ମ୍ୟାପ୍ ନାହିଁ। ଏଥିପାଇଁ ଯୁବବର୍ଗ ସଂପୂର୍ଣ୍ଣ ଅବହେଳିତ ଓ ହତାଶ

- ନିଶାମୁକ୍ତ ନାରା ଦେଇ ସରକାର ଖୋଲୁଛନ୍ତି ନୂଆ ମଦ ଦୋକାନ
- ରାଜଧାନୀରେ ବେକାର ଯୁବକଙ୍କ ସମ୍ମିଳନୀ କରିବ ଯୁବ ବିଜେଡି

ହୋଇପଡିଛନ୍ତି ବୋଲି କହିଛନ୍ତି ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ। ରାଜ୍ୟ ସରକାର ଯୁବକଙ୍କ ପ୍ରତି କରୁଥିବା ଛଳନା ସମ୍ପର୍କରେ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାହୁ କହିଛନ୍ତି ଯେ ରାଜ୍ୟରେ ବେକାରୀ ଆଜି ଚରମ ସୀମାରେ ପହଞ୍ଚିଛି। ରାଜ୍ୟ ସରକାରଙ୍କ କୌଣସି ଯୁବ ନୀତି ନାହିଁ କି ଯୁବବର୍ଗର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପାଖରେ କୌଣସି ରୋଡ୍‌ମ୍ୟାପ ନାହିଁ। ଗୋଟିଏ ପଟେ ରାଜ୍ୟ ସରକାର ନିଶାମୁକ୍ତ ଭାରତ ନାରା ଦେଇ ଗଣଦୌଡ ଆୟୋଜନ କରୁଛନ୍ତି; ଅପରପକ୍ଷରେ ସରକାର ଗତକାଲି ରାଜ୍ୟରେ ବନ୍ଦ ହୋଇଥିବା ପ୍ରାୟ ୭୦ଟି ମଦ ଦୋକାନ ଖୋଲିବ ବୋଲି ସୂଚନା ଦେଇଛନ୍ତି। ଏ ଗୁଡିକ ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ନିକଟରେ ଥିବାରୁ ବିଜେଡି ସରକାର ଏଗୁଡିକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନର ବିଜେପି ସରକାର ଏହାକୁ ପୁଣିଥରେ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ସରକାରଙ୍କ ଦୋମୁହାଁ ଚରିତ୍ରକୁ ପଦାରେ ପକାଇବା ସହିତ ନିଶାମୁକ୍ତ ଭାରତ ଗଠନର ନାରା କେବଳ ଏକ ପ୍ରହସନ ବୋଲି ଶ୍ରୀ ସାହୁ କହିଛନ୍ତି।




ସେ ଆହୁରି କହିଛନ୍ତି ଯେ ରାଜ୍ୟ ବିଜେପି ସରକାରଙ୍କ ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ ହୋଇଛି। ବିଜେପି ତାର ନିର୍ବାଚନୀ ଇସ୍ତାହାରରେ ଦେଢ ଲକ୍ଷ ଖାଲିଥିବା ସରକାରୀ ଚାକିରୀକୁ ଦୁଇ ବର୍ଷରେ ପୂରଣ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଗତ ପନ୍ଦର ମାସରେ ରାଜ୍ୟ ସରକାର ୫୭,୦୦୦ ପଦବୀ ପୂରଣ କଲେଣି ବୋଲି ବାହାସ୍ଫୋଟ ମାରୁଛନ୍ତି। ବାସ୍ତବରେ ଏହି ନିଯୁକ୍ତି ଗୁଡିକର ନିଯୁକ୍ତି ପ୍ରକ୍ରିୟା ନବୀନ ସରକାରଙ୍କ ସମୟରେ ହୋଇଥିଲା। କେବଳ ନିଯୁକ୍ତି ପତ୍ର ବିତରଣ କରି ଏଥିରୁ ବାହାବା ନେବାକୁ ସରକାର ଅପଚେଷ୍ଟା କରୁଛନ୍ତି। ଗତ ପନ୍ଦର ମାସରେ ପନ୍ଦରଟି ପରୀକ୍ଷାରେ ମହାବିଭ୍ରାଟ ଦେଖିବାକୁ ମିଳିଛି। ରାଜ୍ୟ ସରକାର ୧୬ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବ ବୋଲି ଦାବି କରିଥିଲେ। କିନ୍ତୁ ଗୋଟିଏ ବି ପ୍ରକଳ୍ପର ଗ୍ରାଉଣ୍ଡିଙ୍ଗ ହୋଇ ପାରି ନାହିଁ। ଓଲଟି ପୂର୍ବରୁ ଚୁକ୍ତିବଦ୍ଧ ଥିବା ଅନେକ କମ୍ପାନୀ ଓଡିଶା ଛାଡୁଛନ୍ତି। ନବୀନ ପଟ୍ଟନାୟକଙ୍କ ସମୟରେ ଓଡିଶା କ୍ରୀଡା କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ସହିତ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କ୍ରୀଡା କାର୍ଯ୍ୟକ୍ରମ ଆୟୋଜନ କରି ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଖ୍ୟାତି ହାସଲ କରିଥିଲା। ଏବେ କ୍ରୀଡା କ୍ଷେତ୍ରରେ ଓଡିଶା ପଛକୁ ଚାଲି ଯାଇଛି। ପର୍ଯ୍ୟଟନ କ୍ଷେତ୍ରରେ ନବୀନଙ୍କ ନେତୃତ୍ୱରେ ଓଡିଶା ଆଗକୁ ଯାଇଥିଲା, କିନ୍ତୁ ଏବେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବାକୁ ନେଇ ଆମେରିକା ତାଙ୍କ ଦେଶର ଲୋକଙ୍କୁ ଓଡିଶା ଆସିବାକୁ ବାରଣ କରିଛି। ରାଜ୍ୟ ସରକାର ନିଶାମୁକ୍ତ ନାରା ଦେଇ ମାରାଥନ ଆୟୋଜନ କରୁଛନ୍ତି କିନ୍ତୁ ଆଜି ରାଜ୍ୟରେ ନାରୀ ନିର୍ଯାତନା, ଗଣଦୁଷ୍କର୍ମ, ଆଇନ ଶୃଙ୍ଖଳା ସ୍ଥିତିରେ ଅବନତି ମାରାଥନ ଗତିରେ ହୋଇ ଚାଲିଛି। ଯୁବବର୍ଗର ସ୍ୱାର୍ଥକୁ ଏଭଳି ଅଣଦେଖା କଲେ ରାଜ୍ୟର ଯୁବବର୍ଗ ରାଜରାସ୍ତାକୁ ଓହ୍ଲାଇବେ। ଏହାଛଡ଼ା ବିଜୁ ଯୁବ ଜନତା ଦଳ ତରଫରୁ ଏକ ବେକାର ଯୁବକ ମାନଙ୍କ ସମ୍ମିଳନୀ ଅତିଶୀଘ୍ର ଆୟୋଜନ କରି ସେମାନଙ୍କ ସ୍ୱାର୍ଥ ହାସଲ ପାଇଁ ସ୍ୱର ଉତ୍ତୋଳନ କରାଯିବ ବୋଲି ରାଜ୍ୟ ସରକାରଙ୍କୁ ବିଜୁ ଯୁବ ଜନତା ଦଳ ଚେତାବନୀ ଦେଇଛି।

## ବଜ୍ରପାତରେ ମହିଳାଙ୍କ ସମେତ ୨ ମୃତ

ଖଲ୍ଲିକୋଟ,୨୧।୯ (ସମିସ): ଖଲ୍ଲିକୋଟ ଓ ବେଗୁନିଆପଡ଼ା ଥାନା ଅଞ୍ଚଳରେ ବଜ୍ରପାତ ଘଟି ଜଣେ ମହିଳାଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖଲ୍ଲିକୋଟ ଥାନା ଭରସା ନୂଆପଲ୍ଲୀ ଗ୍ରାମର ଚନ୍ଦ୍ରମା ଗୌଡ଼ ଓ ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଅଙ୍ଗାରଗାଁ ଶଙ୍ଖଭୂମି ଗ୍ରାମର ସୁବାସ ଦାସ। ପ୍ରକାଶ ଯେ, ଭରସା ନୂଆପଲ୍ଲୀର ଚନ୍ଦ୍ରମା ଗୌଡ଼ ଓ ଉର୍ମିଳା ଗୌଡ଼ ରବିବାର ବ୍ରଜରାଜପୁର ଗ୍ରାମ ନିକଟରେ ଥିବା ବିଲକୁ କାମ କରିବାକୁ ଯାଇଥିଲେ। ମଧ୍ୟାହ୍ନରେ କାମ କରୁଥିବାବେଳେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ଚନ୍ଦ୍ରମା ଓ ଉର୍ମିଳା ଗୁରୁତର ଆହତ ହୋଇଥିଲେ। ଦୁହିଁଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ଚନ୍ଦ୍ରମାଙ୍କୁ ମୃତ ଘୋଷଣା କରିଥିଲେ। ଉର୍ମିଳାଙ୍କ ଗୁରୁତର ଅବସ୍ଥାରେ ଚିକିତ୍ସା ଚାଲିଛି। ଅପରପକ୍ଷେ ଶନିବାର ଅପରାହ୍ନରେ ଶଙ୍ଖଭୂମି ଗ୍ରାମର ସୁବାସ ଦାସ ଗାଈଗୋଠ ନେଇ ନିକଟସ୍ଥ ବିଲରେ ଚରାଉଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲା। ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

### ଜେଲ୍‌ରୁ ବିଚାରାଧୀନ କଏଦୀ ଫେରାର ଘଟଣା


# ଦୁର୍ଗାପୁର ପାହାଡ଼ରୁ ୪ ଦିନ ପରେ ମିଳିଲା ମୃତଦେହ

ରାଉରକେଲା,୨୧।୯ (ସମିସ): ରାଉରକେଲା ସ୍ୱତନ୍ତ୍ର ଜେଲରୁ ଗତ ୪ ଦିନ ତଳେ ପାଚେରି ଡେଇଁ ଫେରାର ହୋଇଥିବା ବିଚାରାଧୀନ କଏଦୀ ସୁରେଶ ବାର୍ଲା (୩୨)ଙ୍କ କ୍ଷତବିକ୍ଷତ ଗଳିତ ମୃତଦେହକୁ ପୁଲିସ ନିକଟସ୍ଥ ଦୁର୍ଗାପୁର ପାହାଡ଼ ଉପରୁ ଜବତ କରିଛି। ରଘୁନାଥପାଲୀ ଥାନା ପୁଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଆଜି ଏ ବିଷୟରେ ସୂଚନା ମିଳିବା ପରେ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ପାନପୋଷ ଏସ୍‌ଡିପିଓ ରଶ୍ମୀରଞ୍ଜନ ମହାପାତ୍ର,

### ଜେଲ୍ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ପରିବାର

ରଘୁନାଥପାଲୀ ଆଇଆଇସି ରାଜେନ୍ଦ୍ର କୁମାର ସ୍ୱାଇଁ ଏବଂ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତକଙ୍କ ପରିବାର ଏବଂ ଜେଲ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଶବ ଚିହ୍ନଟ କରିବା ପରେ ତାହା ଜେଲରୁ ଫେରାର ହୋଇଥିବା ସୁରେଶ ବାର୍ଲାଙ୍କର ବୋଲି ସ୍ପଷ୍ଟ ହୋଇଥିଲା।

ମୃତ ସୁରେଶଙ୍କ ଶବ ପଚି ଯାଇଥିଲେ ହେଁ ଶରୀରରେ ଏକାଧିକ କ୍ଷତଚିହ୍ନ ରହିଥିବା ପରିଲକ୍ଷିତ ହୋଇଥିଲା। ସେପଟେ ମୃତ ସୁରେଶଙ୍କ ପରିବାରବର୍ଗ ଏହି ମୃତ୍ୟୁ ପାଇଁ ଜେଲ କର୍ତ୍ତୃପକ୍ଷଙ୍କ ସମେତ ଡ୍ୟୁଟିରେ ଥିବା ଅନ୍ୟ କର୍ମଚାରୀଙ୍କୁ ଦାୟୀ କରି ଉପଯୁକ୍ତ ତଦନ୍ତ ପାଇଁ ଦାବି କରିଛନ୍ତି। ମୃତ ସୁରେଶଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବା ବେଳେ ଅନେକ ପ୍ରଶ୍ନ ଉଠିଛି। ଜେଲ ପାଚେରିର ଉଚ୍ଚତା ପ୍ରାୟ ୩୫ରୁ ୪୦ ଫୁଟ ହୋଇଥିବା ବେଳେ ଏତେ ଉଚ୍ଚରୁ ସୁରେଶ ଡେଇଁ ଥିବାରୁ ଗୁରୁତର ଭାବେ ଆହତ ଅବସ୍ଥାରେ ନିକଟସ୍ଥ ଦୁର୍ଗାପୁର ପାହାଡ଼ ଉପରକୁ ଚାଲିଯିବା ଏବଂ ଚିକିତ୍ସା ଓ ଖାଦ୍ୟ ନ ପାଇ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ସୁରେଶଙ୍କ ମୃତ୍ୟୁ ପଛରେ କେବଳ ଏହି ଘଟଣା ନା ଅନ୍ୟ କିଛି ରହସ୍ୟ ଲୁଚି ରହିଛି ବୋଲି ମଧ୍ୟ ପ୍ରଶ୍ନ ଉଠିଛି। ସେପଟେ ପାନପୋଷ ଏସ୍‌ଡିପିଓ



ଶ୍ରୀ ମହାପାତ୍ର କହିଛନ୍ତି ଯେ ପୁଲିସ ଏବେ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗାସ୍ଥିତ ମାରିଙ୍ଗିପିଢ଼ି ଗ୍ରାମରେ ସୋନିଆ ବାର୍ଲା(୬୦)ଙ୍କ ସହ ତାଙ୍କ ବଡ଼ ପୁଅ କିଶୋର ବାର୍ଲା ଏବଂ ସାନ ପୁଅ ସୁରେଶ ବାର୍ଲା ରହୁଥିଲେ। ସୁରେଶ ବିବାହ ହୋଇ ନଥିବା ବେଳେ ସେ ସବୁବେଳେ ମଦ୍ୟପାନ କରୁଥିଲା। ଗତ ଜୁନ ୨୪ ତାରିଖ ସକାଳେ ସୁରେଶ ମଦ ପିଇବାକୁ ମା' ସୋନିଆଙ୍କୁ ଟଙ୍କା ମାଗିଥିଲା। ସୋନିଆ ମଦ ପାଇଁ ଆଉ ଟଙ୍କା ଦେବାକୁ ମନା କରି ଦେବାରୁ ସେ ତାଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିବା ପାଇଁ ଉଦ୍ୟତ ହେଉଥିବା ବେଳେ ବଡ଼ ପୁଅ କିଶୋର ମା'ଙ୍କୁ ଘର ଭିତରକୁ ଟାଣି ନେଇଥିଲା। ଫଳରେ ସୋନିଆ ଅଳ୍ପକେ ବର୍ତ୍ତି ଯାଇଥିଲେ। ହେଲେ ସୁରେଶ ପୂର୍ବରୁ ମାଡ଼ ମାରିଥିବାରୁ ସୋନିଆ ଆହତ ହୋଇଥିଲେ। ତାଙ୍କୁ ବଡ଼ ପୁଅ କିଶୋର ଡାକ୍ତରଖାନା ନେଇ ଚିକିତ୍ସା କରାଇବା ପରେ ବ୍ରାହ୍ମଣୀ ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଏହାର ତଦନ୍ତ କରିବା ସହ ଜୁନ୍ ୨୫ ତାରିଖରେ ଅଭିଯୁକ୍ତ ସାନ ପୁଅ ସୁରେଶ ବାର୍ଲାକୁ ଗିରଫ କରିବା ସହ ଟାଙ୍ଗିଆକୁ ଜବତ କରି କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାରାଧୀନ କଏଦୀ ଭାବେ ରହିଥିଲା। ତେବେ ସୁଯୋଗ ଦେଖି ସେପ୍ଟେମ୍ବର ୧୭ ସକାଳ ପ୍ରାୟ ସାଢେ ୧୦ଟାରୁ ୧୧ଟା ମଧ୍ୟରେ ଜେଲ ପରିସରରେ ଚାଲିଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମସ୍ତେ ବ୍ୟସ୍ତ ଥିବା ବେଳେ ସୁରେଶ ଜେଲ ଭିତରେ ଥିବା ୱାଚ୍ ଟାୱାର ଉପରେ ଚଢ଼ି ପାଚେରିରୁ ଡେଇଁ ଫେରାର ହୋଇ ଯାଇଥିଲା। ପୁଲିସ ବିଭିନ୍ନ ସ୍ଥାନରେ ତାକୁ ଧରିବା ପାଇଁ ଚଢ଼ଉ ଜାରି ରଖିଥିଲା। ଗତକାଲି ରାତିରେ ଜେଲ ରୋଡ ତଥା ସରକାରୀ ଆଇଟିଆଇ ପଛ ପାଖରେ ଥିବା ପାହାଡ ଉପରେ ଯୁବକଙ୍କ ଶବ ପଡ଼ିଥିବା ଦେଖି ଲୋକେ ପୁଲିସକୁ ସୂଚନା ଦେଇଥିଲେ। ଆଜି ପରିବାର ଲୋକେ ପହଞ୍ଚି ଶବ ଚିହ୍ନଟ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜିଠାରୁ ନୂଆ...

ବିକ୍ରି କରୁଥିବା ସମସ୍ତ ଔଷଧ କମ୍ପାନୀଗୁଡ଼ିକୁ ଔଷଧ, ଫର୍ମୁଲେସନ ଏବଂ ଚିକିତ୍ସା ଉପକରଣର ଏମ୍ଆର୍‌ପି ଅପଡେଟ୍ ହେବ। ଏଥିରେ ବିଚ୍ୟୁତି ଘଟିଲେ ବ୍ୟବସାୟୀଙ୍କୁ ଜେଲ ଓ ଜୋରିମାନାରେ ଦଣ୍ଡିତ ହେବାକୁ ପଡ଼ିବ। ଜିଏସ୍‌ଟି ହ୍ରାସ ପରେ ଜୀବନ ଏବଂ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଉପରେ ଲାଗୁ ହେବନାହିଁ। ସେପ୍ଟେମ୍ବର ୨୨ ପରେ ପୈଠ କରାଯାଇଥିବା ନବୀକରଣ ପ୍ରିମିୟମ ମଧ୍ୟ ଜିଏସ୍‌ଟି ମୁକ୍ତ ହେବ।

### ଜିଏସ୍‌ଟି ବଚତ୍...

ନୂଆ ଆୟକର ବ୍ୟବସ୍ଥା ଲାଗୁ କରାଯାଇଛି। ଏଥିରେ ବ୍ୟକ୍ତିଗତ ଆୟକର ଛାଡ଼ ସୀମାକୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଆୟକର ଛାଡ଼ ସହିତ ଜିଏସ୍‌ଟି ହ୍ରାସ ଦେଶବାସୀଙ୍କ ପାଇଁ ଉତ୍ସାହ ଆଣିବ ବୋଲି ସେ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସ୍ୱଦେଶୀ ସାମଗ୍ରୀ ଉପରେ ଗୁରୁତ୍ୱ ଆରୋପ କରି କହିଛନ୍ତି ଯେ ଏହା ଜାତୀୟ ବିକାଶରେ ସହାୟକ ହେବ। ଜିଏସ୍‌ଟି ସଂସ୍କାର ସହିତ ସ୍ୱଦେଶୀ ସାମଗ୍ରୀ କାରବାର ଅଭିବୃଦ୍ଧିକୁ ଗତିଶୀଳ କରିବ ଏବଂ ଅଧିକରୁ ଅଧିକ ପୁଞ୍ଜି ଆଣିବା ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିବ। ଆତ୍ମନିର୍ଭର ଭାରତ ଏବଂ ସ୍ୱଦେଶୀ ଅଭିଯାନରେ ସାମିଲ ହେବା ଲାଗି ପ୍ରଧାନମନ୍ତ୍ରୀ ସମସ୍ତ ରାଜ୍ୟଙ୍କୁ ଆହ୍ୱାନ ଜଣାଇଛନ୍ତି। ସେ କହିଛନ୍ତି ଯେ ଦେଶକୁ ଯାହା ଆବଶ୍ୟକ ଏବଂ ଭାରତରେ ଯାହା ତିଆରି କରାଯାଇପାରିବ ତାହା ଦେଶ ଭିତରେ ହିଁ ତିଆରି ହେବା ଉଚିତ। ଏହା ଭାରତର ସମୃଦ୍ଧି ସହ ଆତ୍ମନିର୍ଭରଶୀଳତାକୁ ଶକ୍ତି ଦେବ। ଏପରି ସାମଗ୍ରୀ କିଣିବା ଯାହା ଭାରତରେ ତିଆରି ହୋଇଛି।

### ଭାରତରୁ ଚିଙ୍ଗୁଡି...

ଟଙ୍କାର ଚିଙ୍ଗୁଡ଼ି ରପ୍ତାନି କରିଥିଲା। ଏହି ରପ୍ତାନିର ପ୍ରାୟ ଏକ ତୃତୀୟାଂଶ କେବଳ ଆମେରିକାକୁ ହୋଇଥିଲା। ଏହି ସମୟରେ ଆମେରିକା ପ୍ରଶାସନର ଚିଙ୍ଗୁଡ଼ି ଆମଦାନୀ କଟକଣା ରପ୍ତାନିକାରୀ, ମତ୍ସ୍ୟଜୀବୀ ଏବଂ ସରକାରଙ୍କୁ ଚିନ୍ତାରେ ପକାଇଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାର ଚିଙ୍ଗୁଡ଼ି ରପ୍ତାନି ଦ୍ରୁତ ଗତିରେ ବୃଦ୍ଧି ପାଇଛି। ୨୦୦୪-୦୫ ରେ ରାଜ୍ୟର ଚିଙ୍ଗୁଡ଼ି ରପ୍ତାନି ୩୦୦-୪୦୦ କୋଟି ମଧ୍ୟରେ ରହିଥିଲା। ୨୦୨୪-୨୫ରେ ଏହା ୪,୭୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଭାରତରୁ ଚିଙ୍ଗୁଡ଼ି ଆମେରିକା, ୟୁରୋପ, ରୁଷ, ଜାପାନ ଏବଂ ଅନ୍ୟାନ୍ୟ ବିକଶିତ ଦେଶଗୁଡ଼ିକୁ କରାଯାଉଛି ଏବଂ ଏହାର ସିଂହଭାଗ କେବଳ ଆମେରିକାକୁ ପଠାଯାଉଛି। ଭାରତରୁ ବାର୍ଷିକ ୯ ଲକ୍ଷ ଟନ୍ ଚିଙ୍ଗୁଡ଼ି ଉତ୍ପାଦିତ ହୋଇଥାଏ, ଯାହା ସାରା ବିଶ୍ୱରୁ ଉତ୍ପାଦିତ ଚିଙ୍ଗୁଡ଼ିର ୪୦%।

ସମ୍ପ୍ରତି ଆମେରିକୀୟ ସେନେଟରମାନେ ଭାରତୀୟ ଚିଙ୍ଗୁଡ଼ି ରପ୍ତାନି ଉପରେ ଶୁଳ୍କ ଲଗାଇବାକୁ ପ୍ରସ୍ତାବ ଦେଇଛନ୍ତି। ରିପବ୍ଲିକାନ୍ ସେନେଟର ବିଲ୍ କାସିଡି ଏବଂ ସିଣ୍ଡି ହାଇଡ୍-ସ୍ମିଥ୍ ଆମେରିକୀୟ କଂଗ୍ରେସରେ 'ଇଣ୍ଡିଆ ଚିଙ୍ଗୁଡ଼ି ଟାରିଫ୍ ବିଲ୍' ଆଗତ କରିଛନ୍ତି। ଭାରତ ଅନୁଚିତ ବାଣିଜ୍ୟ ଅଭ୍ୟାସ ମାଧ୍ୟମରେ ଆମେରିକା ବଜାରରେ ଚିଙ୍ଗୁଡ଼ି ବିକ୍ରି କରୁଛି, ଯାହା ଦ୍ୱାରା ଲୁଇସିଆନାର ଚିଙ୍ଗୁଡ଼ି ଏବଂ କ୍ୟାଟ୍‌ଫିସ୍ ଶିଳ୍ପକୁ ଯଥେଷ୍ଟ କ୍ଷତି ପହଞ୍ଚୁଥିବା ଏଥିରେ ଉଲ୍ଲେଖ ରହିଛି। ଆମେରିକୀୟ ସେନେଟରମାନେ ଏହି ବିଲ୍ ସାମୁଦ୍ରିକ ଖାଦ୍ୟ ଶିଳ୍ପ ଏବଂ ହଜାର ହଜାର ନିଯୁକ୍ତିକୁ ସୁରକ୍ଷା ଦେବ ବୋଲି ଦାବି କରିଛନ୍ତି।

### ୨୪ ଘଣ୍ଟାରେ...

ତେଣୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ବଙ୍ଗୋପସାଗର ମଧ୍ୟକୁ ନ ଯିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ସୋମବାର କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିବା ବେଳେ ରାଜ୍ୟର ବାକି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି। ଅନ୍ୟପଟେ ଏହି ଲଘୁଚାପ ପ୍ରଭାବ ଯାଉ ଯାଉ ଆସନ୍ତା ୨୫ ସେପ୍ଟେମ୍ବର ପାଖାପାଖି ମିଆଁମାର-ବାଂଲାଦେଶ ଉପକୂଳରେ ଥିବା ପୂର୍ବକେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପୂର୍ବ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପଟି ଅଧିକ ଘନୀଭୂତ ହେବା ନେଇ ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ତେଣୁ ଏହି ଲଘୁଚାପ ଯୋଗୁଁ ପାର୍ବଣ ସମୟରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ ସୂଚନା ଅନୁସାରେ, ୨୫ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ନୂଆ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି। ଏହା ପ୍ରଭାବରେ ୨୫ ତାରିଖରୁ ବର୍ଷା ବଢ଼ିବା ସହ ୨୮ ତାରିଖ ଯାଏଁ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ଓ ଆଉ କିଛି ସ୍ଥାନରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଆଲର୍ଟ ଜାରି କରାଯାଇଛି। ଲଘୁଚାପ ଯୋଗୁଁ ବିଶେଷ କରି ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ଜିଲ୍ଲାଗୁଡ଼ିକରେ ବର୍ଷା ଅଧିକ ହେବାର ସମ୍ଭାବନା ରହିଛି।

### ବନ୍ଦ ହେବ...

ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ବିଇଡି କଲେଜରେ ଆବଶ୍ୟକ ଅଧ୍ୟାପକ ନ ଥିବାରୁ ବହୁ ବିଇଡି କଲେଜର ସ୍ୱୀକୃତି ପ୍ରତ୍ୟାହାର ହୋଇଥିଲା। ଏହାପରେ ବିଇଡି କଲେଜ ପରିଚାଳନା ଭାର ଉଚ୍ଚଶିକ୍ଷା ବିଭାଗ ନେଇଥିଲା। ଏହାପରେ ୩୮୫ଟି ଅଧ୍ୟାପକ ପଦରେ ନିଯୁକ୍ତି ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପ୍ରକ୍ରିୟା ଆରମ୍ଭ କରିଥିଲା। ତହିଁରେ ଗୋଟିଏ ବିଷୟରେ ସ୍ନାତକୋତ୍ତର କରିବା ସହ ବିଇଡି କରିଥିବା ଆବଶ୍ୟକ ବୋଲି ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ କରାଗଲା। ହେଲେ ଏହା ଏନ୍‌ସିଟିଇ ଧାର୍ଯ୍ୟ କରିଥିବା ମାନଦଣ୍ଡକୁ ଉଲଙ୍ଘନ କରିଥିଲା। ଗୋଟିଏ ସ୍ନାତକୋତ୍ତର ଡିଗ୍ରୀ ସହିତ ଏମ୍‌ଇଡି ବାଧ୍ୟତାମୂଳକ ନିୟମକୁ ପାଳନ କରି ନ ଥିଲା। ଫଳରେ ମୋଟ୍ ୩୮୫ ଜଣଙ୍କ ମଧ୍ୟରୁ ଯୋଗ୍ୟତା ନ ଥାଇ ମଧ୍ୟ ପ୍ରାୟ ୨୧୪ ଜଣ ଅଧ୍ୟାପକ ଭାବେ ନିଯୁକ୍ତି ପାଇଛନ୍ତି। ଆବଶ୍ୟକ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଥିବା ଦର୍ଶାଇ ସ୍ୱୀକୃତି ପ୍ରତ୍ୟାହାର ହୋଇଥିବା କଲେଜଗୁଡ଼ିକୁ ପୁନଃ ଖୋଲିବାକୁ ଉଚ୍ଚଶିକ୍ଷା ବିଭାଗ ଏନ୍‌ସିଟିଇକୁ ଅନୁରୋଧ କରାଯାଇଥିଲା। ହେଲେ ଏକାଧିକ ଅଭିଯୋଗ ସହ ଉଚ୍ଚ ନ୍ୟାୟାଳୟରେ ମାମଲା ପହଞ୍ଚିବା ପରେ ଏନ୍‌ସିଟିଇ ଖୋଳତାଡ଼ ଜାରି ରଖିଛି।

ଗତ ଅଗଷ୍ଟ ୨୫ ଓ ୨୬ ତାରିଖରେ ଏନ୍‌ସିଟିଇର ୩୭୪ତମ ବୈଠକରେ ଏନେଇ ବିସ୍ତୃତ ଭାବେ ଆଲୋଚନା ହୋଇଛି। ପୂର୍ବରୁ ଗୋଟିଏ ଥର କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା କଲେଜଗୁଡ଼ିକୁ ଦ୍ୱିତୀୟ ବା ଚୂଡ଼ାନ୍ତ ନୋଟିସ୍ କରିବାକୁ ନିଷ୍ପତି ହୋଇଛି। ଭୁବନେଶ୍ୱରସ୍ଥିତ ନଳିନୀ ଦେବୀ ବିଇଡି କଲେଜ, କଟକସ୍ଥିତ ରାଧାନାଥ କଲେଜ, ଅନୁଗୁଳସ୍ଥିତ ନବକୃଷ୍ଣ ଚୌଧୁରୀ ବିଇଡି କଲେଜ, ସମ୍ବଲପୁରସ୍ଥିତ ପର୍ଶୁରାମ ମିଶ୍ର ଅଗ୍ରଗାମୀ ବିଇଡି କଲେଜ, ଗଞ୍ଜାମ ଭଞ୍ଜନଗରସ୍ଥିତ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ବିଇଡି କଲେଜ, ବଲାଙ୍ଗିର ବିଇଡି କଲେଜ, ବାରିପଦାସ୍ଥିତ ଉତ୍କଳମଣି ଗୋପବନ୍ଧୁ ବିଇଡି କଲେଜ ଏବଂ ବ୍ରହ୍ମପୁରସ୍ଥିତ ଦିବାକର ପଟ୍ଟନାୟକ ବିଇଡି କଲେଜକୁ ନୋଟିସ୍ କରିବାକୁ ନିଷ୍ପତ୍ତି ହୋଇଛି। ଫଳରେ ଆସନ୍ତା ଶିକ୍ଷାବର୍ଷରୁ ଏହି କଲେଜରେ ନାମଲେଖା ବନ୍ଦ ହୋଇଯିବ। ଅଯୋଗ୍ୟ ଅଧ୍ୟାପକ ନିଯୁକ୍ତି ପାଇଁ ସ୍ୱୀକୃତି ପ୍ରତ୍ୟାହାର ପରି ଦୃଢ଼ କାର୍ଯ୍ୟାନୁଷ୍ଠାନ ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ପୂର୍ବରୁ ଗୋଟିଏ ଲେଖାଏଁ ନୋଟିସ୍ ପାଇଥିବା ଏହି ୮ଟି ବିଇଡି କଲେଜ ଉପରେ କାର୍ଯ୍ୟାନୁଷ୍ଠାନ ଖଣ୍ଡା ଝୁଲି ରହିଛି। ଆଗାମୀ ଦିନରେ ଏଗୁଡ଼ିକର ସ୍ୱୀକୃତି ମଧ୍ୟ ପ୍ରତ୍ୟାହାର କରିବା ସୁନିଶ୍ଚିତ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କା କରୁଛନ୍ତି।

### ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ...

ମଧ୍ୟ କେହି ନିଯୁକ୍ତି ପାଇ ନାହାନ୍ତି । ଅନୁରୂପ ଭାବରେ ମୁଖିଆ ଅଭାବରୁ ବିଭିନ୍ନ ନିଗମଗୁଡ଼ିକ ଦିଶାହୀନ ଭାବରେ ଗତି କରୁଛି ।

୧୫ ମାସ ହେଲାଣି ବୋର୍ଡ, ନିଗମ ଏବଂ ଅକାଦେମୀ ସହ ବିଭିନ୍ନ କମିସନରେ ନିଯୁକ୍ତି ଦିଆଯାଉ ନ ଥିବାରୁ ବିକାଶମୂଳକ କାମ ଅଟକି ରହିଛି। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପରି ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ପଡ଼ିଛି। ଏପଟେ ନୂଆ ମନ୍ତ୍ରୀ ହୋଇଥିବା ଏବଂ ଏନେଇ ଆଗରୁ ଆଦୌ ଅଭିଜ୍ଞତା ନ ଥିବା ମନ୍ତ୍ରୀଙ୍କ ଉପରେ ଏକାଧିକ ବିଭାଗ ନ୍ୟସ୍ତ କରାଯାଇଥିବାରୁ ସେମାନେ ଏକପ୍ରକାର ଅଣନିଶ୍ୱାସୀ । ଏହି ପରିପ୍ରେକ୍ଷୀରେ ପ୍ରତି ମାସେ ଦୁଇମାସ ବ୍ୟବଧାନରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବା ନେଇ ଚର୍ଚ୍ଚା ହେଉଛି । ବିଶେଷ ଭାବରେ ରାଜ୍ୟ ବିଜେପି ସଭାପତି ଓ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ସମୟରେ ଏହି ଚର୍ଚ୍ଚା ବେଶି ଦାନା ବାନ୍ଧୁଥିଲେ ହେଁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ସହମତି ହୋଇ ପାରୁ ନ ଥିବା କୁହାଯାଉଛି । ଦଳ ମଧ୍ୟରେ ଗୋଷ୍ଠୀ ବିବାଦ ଓ ପ୍ରବଳ ଲବି ଯୋଗୁଁ ମନ୍ତ୍ରୀ ପଦଗୁଡ଼ିକ ପୂରଣ ହୋଇ ପାରୁ ନ ଥିବା କୁହାଯାଉଛି। ଯାହାକୁ ନେଇ ଦଳୀୟ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି । ଏପରିକି ଖୋଦ ଦଳର କର୍ମୀ ଓ କର୍ମକର୍ତ୍ତା ସରକାର ଓ ସଙ୍ଗଠନର ନିଷ୍ପତ୍ତି ନେବାର କ୍ଷମତାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ।

ଗତ ସପ୍ତାହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରସଙ୍ଗରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ଏପରିକି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସଂକ୍ରାନ୍ତରେ ଦିଲ୍ଲୀରେ କୌଣସି ଆଲୋଚନା ହୋଇନାହିଁ ଓ ନିଗମ ନିଯୁକ୍ତି ସମ୍ପର୍କରେ କୌଣସି ନିଷ୍ପତ୍ତି ହୋଇ ନ ଥିବା ସୂଚନା ଦେଇଥିଲେ। ମନମୋହନଙ୍କ ଏହି ସଂକ୍ଷିପ୍ତ ମନ୍ତବ୍ୟ ମନ୍ତ୍ରୀ ଆଶାୟୀଙ୍କୁ ନିରାଶ କରିଥିବାବେଳେ ନିଗମ ଓ ବୋଡର୍‌ରେ ଥଇଥାନ ହେବାକୁ ଆଶା ବାନ୍ଧିଥିବା ଅନେକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି । ଏହା ସତ୍ତ୍ୱେ ଚଳିତ ମାସ ଶେଷ ସପ୍ତାହରେ ଦୁର୍ଗାପୂଜା ଅବକାଶ ପୂର୍ବରୁ ରାଜ୍ୟରେ ନିଗମ ଓ ବୋଡର୍ ନିଯୁକ୍ତି ସହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଅନେକ ଆଶା କରୁଛନ୍ତି।

### ବିଷ ବି...

ହୋଇଥିବା ଜଣାପଡ଼ିଛି। ଚାଷ ଜମିକୁ ରୋଗ ଦାଉରୁ ରକ୍ଷା କରିବା ପାଇଁ ଚାଷୀ ଦିନରାତି ପରିଶ୍ରମ କରୁଛି। କୃଷି ବିଭାଗ ବ୍ଲକ୍‌ୱାରୀ ହ୍ୱାଟସ୍‌ଆପ୍ ଗ୍ରୁପ୍ କରିଛି। ଏଥିରେ ଚାଷୀଙ୍କୁ ବିଭିନ୍ନ ପ୍ରକାର ସଚେତନତାଠାରୁ ଆରମ୍ଭ କରି ରୋଗ ପୋକ ବିଷୟରେ ବି ସଚେତନ କରାଯାଉଛି। ମାତ୍ର ସବୁ ଚାଷୀଙ୍କ ପାଖରେ ଏହି ସୂଚନା ପହଞ୍ଚିପାରୁନି। ତେଣୁ ରୋଗ ଦାଉରୁ କେମିତି ରକ୍ଷା ପାଇବେ ଚାଷୀମାନେ ଜାଣିପାରୁନାହାନ୍ତି। କେଉଁ କୀଟନାଶକ ବ୍ୟବହାର କଲେ, ଏହାକୁ ପ୍ରତିହତ କରିହେବ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ମାତ୍ର କୃଷି ବିଭାଗ ପକ୍ଷରୁ ଏନେଇ କୌଣସି ସୂଚନା ମିଳିନଥିବା ଅଭିଯୋଗ ହେଉଛି। ଏହି ରୋଗ ଏବେ ଉପକୂଳ ଓଡ଼ିଶା ସମେତ ନୟାଗଡ଼, ବୌଦ୍ଧ, କନ୍ଧମାଳ ଆଦି ଜିଲ୍ଲାରେ ଏହି ରୋଗ ଦେଖାଦେଇଥିବା ଅଭିଯୋଗ ହେଉଛି। ଚାଷ ଜମିରେ ଅଧିକ ପାଣି ଜମି ରହିବା ଓ ମାତ୍ରାଧିକ ସାରର ପ୍ରୟୋଗ ଯୋଗୁଁ ଏହି ରୋଗ ହେଉଛି। ଏହି ରୋଗର ଲକ୍ଷଣ ୩ ପ୍ରକାରର। ଧାନପତ୍ର ହଳଦିଆ ପଡ଼ିବ, ଧାନପତ୍ରରେ ଚିହ୍ନ ସୃଷ୍ଟି ହେବ ଓ ଧାନ ଉପରୁ ମୂଳ ପର୍ଯ୍ୟନ୍ତ ପୋଡ଼ି ପୋଡ଼ି ଆସିବା ହେଉଛି ଏହାର ମୂଳ ଲକ୍ଷଣ। ସେହିପରି ପତ୍ରମୋଡ଼ା ରୋଗ ମଧ୍ୟ ଧାନକୁ ସର୍ବନାଶ କରିଦେଉଛି। ଉପରୁ ଧାନ ଗଛକୁ ଗୋଟେ କରି ପୋକ ଖାଇଦେବ ଓ ଧାନ ବଢିବାକୁ ଦେଉନି।

କୃଷି ବିଶେଷଜ୍ଞ ସୁବ୍ରତ ପାଣିଗ୍ରାହୀଙ୍କ କହିବାନୁସାରେ, ଏହି ରୋଗ ପ୍ରତିହତ କରିବାକୁ ହେଲେ ଏବେ କୀଟନାଶକ ବ୍ୟବହାର କରିବା ପରିବର୍ତ୍ତେ ଜୈବିକ ଉପାୟ ଅବଲମ୍ବନ କରିବା ଜରୁରୀ। ରୋଗ ଲାଗିବା ପରେ ଚାଷୀ ୨ ଶହ ଲିଟର ପାଣିରେ ୨୦କେଜି କଞ୍ଚା ଗୋବର ମିଶାଇ ସିଞ୍ଚନ କଲେ ପୋକ ଦାଉରୁ ରକ୍ଷା ପାଇପାରିବ। ପ୍ରଥମେ ଚାଷୀ ଏହି ଉପାୟକୁ ଅବଲମ୍ବନ କରି ପୋକ ନାଶ କରିବାକୁ ଚେଷ୍ଟା କରିବା ଦରକାର ବୋଲି ସେ କହିଛନ୍ତି। ଜିଲ୍ଲା ଓ ବ୍ଲକ୍‌ସ୍ତରରେ ଥିବା କୃଷି ଅଧିକାରୀମାନେ ତୃଣମୂଳସ୍ତରକୁ ଯାଇ ଚାଷୀଙ୍କୁ ସଚେତନ କରାନ୍ତୁ। କୀଟନାଶକ ପରିବର୍ତ୍ତେ ଜୈବିକ ଉପାୟ ଅବଲମ୍ବନ କରିବା ପାଇଁ ପ୍ରୋତ୍ସାହନ କରନ୍ତୁ ବୋଲି ସେ କହିଛନ୍ତି। ଏନେଇ କୃଷି ବିଭାଗର ଜଣେ ଅଧିକାରୀ କହିଛନ୍ତି, କିଛି ବ୍ଲକ୍‌ରେ ପତ୍ରପୋଡ଼ା ରୋଗ ନେଇ ଅଭିଯୋଗ ଆସିଛି। ଆମେ ଏହା ଉପରେ ଯାଞ୍ଚ କରି ରୋଗ ଦାଉରୁ ରକ୍ଷା କରିବା ପାଇଁ ପଦକ୍ଷେପ ନେବୁ ବୋଲି ସେ କହିଛନ୍ତି।

**AFFIDAVIT**

By virtue of an affidavit sworn before Executive Magistrate, Banpur, vide no-3550, dated 17/09/2025 I, Saikh Firdosh, S/o- Saikh Taher, of At-Badahantuad, Po.- Badahantuad, Ps.-.Banpur, Dist.-Khordha, declare that in my Adhar card my name is wrongly mentioned as Sek Firdos instead of Saikh Firdosh. Henceforth, I shall be known as **Saikh Firdosh** for all purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 20.09.2025, I BABLU BISSOI, S/o- Late Jagat Bissoi, Vill.- Sindhiguda, Po.- Sindhiguda, Ps.- Nabarangpur, Dist.- Nabarangpur, Odisha, Pin - 764063 declare that, I have changed my name from **BABULA BISUI** to **BABLU BISSOI**. Henceforth I shall be known as **BABLU BISSOI** for all purposes.
Sd/- **BABLU BISSOI**

**AFFIDAVIT**

By virtue of an affidavit No, 2459, dtd 20/9/2024 before the Executive Magistrate, Phulbani, I, Sanjiba Mallick, resident At-Dangarapada, Po-Ratanga, Ps-Phiringia, Dist-Kandhamal have changed my minor daughter's name from Sili Mallick to Snehalata Mallick. Henceforth, she shall be known as **Snehalata Mallick** for all purposes.
**Sd/-Sanjiba Mallick**

**AFFIDAVIT**

By virtue of an affidavit sworn before Excutive Magistrate, Soro on 16.09.2025, I Sarojini Mohanty, formerly called Sarojini Jena, W/o Debashish Jena, At- Brahmansahi, Po-Sarasankha, Ps-Soro Balasore, PIN-756045, declare that I have changed my name from Sarojini Jena to Sarojini Mohanty. Henceforth, I shall be known as **Sarojini Mohanty** for all further purposes.

**AFFIDAVIT**

By virtue of an affidavit no.285, dtd. 17.09.2025 before the Executive Magistrate, Dharakote, Dist.: Ganjam, I, Tambar Goud, Spouse of Late Balab Goud have changed my name & Date of Birth from Tambal Goud (DOB 10.03.1970) to Tambar Goud (DOB 27.01.1967). Henceforth I shall be known as **Tambar Goud and DOB 27.01.1967** for all purposes.

**AFFIDAVIT**

By virtue of an affidavit sworn before the Notary Public, Baripada, Mayurabhanj, dated 18-09-2025 I Sri Pasupati Dehuri s/o- Tarapada Dehuri, At-khaikhia, Po-Dhemanasole, Ps- Chandua, Dist-Mayurbhanj declare that the actual and correct Date of Birth(DOB) of my daughter Sonali Dehuri (Rakhi) is 10-11-2010. Which is mentioned in her Birth Certificate. But in her SLC the DOB is wrongly mentioned as 12-11-2010, Henceforth her Birth Certificate DOB will be use for all purposes. **Sd/-Pasupati Dehuri**

**AFFIDAVIT**

By virtue of an affidavit before the Executive Magistrate, Nayagarh, I, Mahendra Majhi, At/Po-Subalaya, Ps-Bhapalm, Dist-Nayagarh have changed my minor son's name from Sandipsoyansu Majhi (old name) to Sandep Swayanshu Majhi (new name). Henceforth, he shall be known as Sandep Swayanshu Majhi for all purposes.
**Sd/-Mahendra Majhi**

**AFFIDAVIT**

By virtue of an affidavit sworn before the Notary Public, Nabarangpur vide no.372 dated. 20.09.2025, I Smt. Jochhnarani Nayak @ Jochhana Rani Behera, D/o- Late Radha Krushna Nayak W/o- Susanta Kumar Behera resident of At/Po./Ps.- Papadahandi state that in my son **Baibhav Kumar Behera's** birth certificate my name has been wrongly mentioned as Jochhnarani Nayak. Hence **Jochhnarani Nayak** and **Jochhana Rani Behera** is one and same person.
Sd/- **Jochhana Rani Behera**

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 24/02/2025. I, **Sri Tulasi Nag** (Applicant name), aged about 34 years, S/o- Sashi Nag, Address: At- Makripada, PO-Lebada, PS- Muribahal, Dist-Bolangir (Odisha), PIN- 767033 declare that, my daughter name is **Chutila Nag** which is mentioned in her Aadhar Card bearing No: 2568 3099 3409. That, now I have changed my daughter name from **Chutila Nag to Chunnu Nag.** Henceforth, she shall be known as **CHUNNU NAG** (new name) for all purposes.
**Sri Tulasi Nag**

## କୋରାପୁଟ ପୌରାଞ୍ଚଳରେ ପ୍ରାଥମିକ ଶିକ୍ଷାର ବିକଳଚିତ୍ର

# ଭିତ୍ତିଭୂମି ଅଭାବ; ପରିଚୟ ଗୃହ, ଜରିପାଲ ତଳେ ଚାଲିଛି ପାଠପଢ଼ା

କୋରାପୁଟ,୨୧।୯ (ସମିସ): ସରକାରଙ୍କ ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ ନାରା ପୌରାଞ୍ଚଳରେ ଫେଲ୍ ମାରିଥିବା ନଜରକୁ ଆସିଛି। ସ୍କୁଲଘର ନଥିବାରୁ ୩ ବର୍ଷ ହେଲା ପରିଚୟ ଗୃହ ଓ ରୋଷେଇ ଘରର ଜରିପାଲ ତଳେ ପିଲାଙ୍କ ଭବିଷ୍ୟତ ଗଢ଼ା ଚାଲିଛି। ଏଭଳି ପ୍ରାଥମିକ ଶିକ୍ଷାର ବିକଳ ଚିତ୍ର ଖୋଦ୍ କୋରାପୁଟ ପୌରପାଳିକା ଅନ୍ତର୍ଗତ ଦୁଇଟି ୱାର୍ଡର ପ୍ରାଥମିକ ସ୍କୁଲରେ ଦେଖିବାକୁ ମିଳିଛି। ଗୋଟିଏ ପଟେ ବିଦ୍ୟାଳୟ ଭିତ୍ତିଭୂମିର ପରିବର୍ତ୍ତନ ସହ ଛାତ୍ରଛାତ୍ରୀଙ୍କୁ ଏକ ଉତ୍ତମ ପରିବେଶରେ ଶିକ୍ଷା ଦେବା ପାଇଁ ରାଜ୍ୟ ସରକାର ପ୍ରତିବର୍ଷ ନୂଆ ନୂଆ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କେଉଁଠି ଡିଜିଟାଲ କ୍ଲାସ ରୁମ୍ ତିଆରି କରାଯାଉଛି ତ ଆଉ କେଉଁଠି ନୂଆକରି ସ୍କୁଲ ଘର ନିର୍ମାଣ କରୁଛନ୍ତି। ହେଲେ ଏସବୁ ସତ୍ତ୍ୱେ କୋରାପୁଟ ପୌରାଞ୍ଚଳରେ ସ୍କୁଲ ଘର ନଥିବାରୁ ପିଲା ଅତ୍ୟନ୍ତ ଅସୁବିଧାରେ ପାଠପଢ଼ିବା ଦୃଶ୍ୟ ଶିକ୍ଷାବିତ୍‌ଙ୍କ ମହଲରେ ଆଲୋଡନ ସୃଷ୍ଟି କରିଛି। ସୂଚନାନୁଯାୟୀ, କୋରାପୁଟ ସଦରମହକୁମାର ୧୬ ନମ୍ବର ୱାର୍ଡରେ ଥିବା ଚିନ୍ଦ୍ରୀ ମାଳିଗୁଡ଼ା ପ୍ରାଥମିକ ବିଦ୍ୟାଳୟ ୧୯୭୧ ମସିହାରେ ନିର୍ମାଣ କରାଯାଇଥିଲା। ଏହି ବିଦ୍ୟାଳୟରରେ ଶିଶୁବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୩ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ଶିକ୍ଷାଦାନ ପାଇଁ ଏଠାରେ ୨ ଜଣ ଶିକ୍ଷୟିତ୍ରୀ ଅଛନ୍ତି। ୫ ବର୍ଷ ତଳେ ସ୍କୁଲର ପୁରୁଣା କୋଠା ଭାଙ୍ଗିଯାଇଥିଲେ ମଧ୍ୟ ନୂଆ କୋଠା ତିଆରି ହେଉନି। ଏଥିଯୋଗୁଁ ଦୀର୍ଘ ୩ ବର୍ଷ ହେଲା କମ୍ୟୁନିଟି ବା ପରିଚୟ ଗୃହ ସେଣ୍ଟରର ଛାତ ତଳେ ଛାତ୍ରଛାତ୍ରୀଙ୍କୁ ବସାଇ ସେମାନଙ୍କ ଭବିଷ୍ୟତ ଗଢା ଚାଲିଛି। ନୂଆ କୋଠା ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଏଦିଗରେ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ପୌର ପରିଷଦର ୱାର୍ଡ ନମ୍ବର ୧୫ରେ ଥିବା ଗୁଣ୍ଡାଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଅନୁରୂପ ଦୃଶ୍ୟ ଦେଖିବାକୁ ମିଳିଛି। ୧୫ ଜଣ ଛାତ୍ରଛାତ୍ରୀ ଏଠାରେ ପାଠପଢୁଥିବା ବେଳେ ଜଣେ ଶିକ୍ଷକ ଅଛନ୍ତି। ସ୍କୁଲ ଘର ଅସୁରକ୍ଷିତ ଥିବାରୁ ରୋଷେଇ ଘରେ ଚାଲିଛି ପାଠପଢ଼ା। ସେଇଟା ବି ଜରିପାଲ ତଳେ। ସ୍କୁଲ ଛାତରୁ ସିମେଣ୍ଟ ଖଣ୍ଡ ଖସୁଛି, ବର୍ଷା ହେଲେ ପାଣି ଗଳୁଛି, ରୋଷେଇ ଘରେ ଜରିପାଲ ତଳେ ବସି ଶିଶୁ ପାଠ ପଢୁଛନ୍ତି। ଜିଲ୍ଲା ଶିକ୍ଷା ବିଭାଗର ନାକ ତଳେ କୋରାପୁଟ ପୌର ପରିଷଦରେ ୨ ଟି ୱାର୍ଡରେ ଥିବା ବିଦ୍ୟାଳୟର ଭିତ୍ତିଭୂମି ଯଦି ଏମିତି ତେବେ ଦୁର୍ଗମ ଗ୍ରାମାଞ୍ଚଳରେ ଥିବା ବିଦ୍ୟାଳୟର ଭିତ୍ତିଭୂମି କିପରି ଥିବ ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏନେଇ କୋରାପୁଟ ପୌରପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଏ ବିଷୟରେ ପୂରା ଅବଗତ ଥିବା କହିବା ସହ ଶିକ୍ଷା ଅଧିକାରୀ ଓ ପ୍ରଶାସନକୁ ଅନୁଦାନ ଦେବାପାଇଁ କହିଥିଲେ ମଧ୍ୟ ସେମାନେ ଧ୍ୟାନ ଦେଉନାହାଁନ୍ତି ବୋଲି କହିଛନ୍ତି। ଅପରପକ୍ଷରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି କହିଛନ୍ତି, ଏ ବିଷୟରେ ଅବଗତ ଅଛି। ଏବେ ଅର୍ବାନ ଡିପାର୍ଟମେଣ୍ଟ ତରଫରୁ ଅନୁଦାନ ଆସିଛି। ସେମାନେ ଫଣ୍ଡ ପ୍ଲେସ କରିବେ। ଫଣ୍ଡ ଆସିଲେ ନୂଆ ବିଲ୍ଡିଂ ନିର୍ମାଣ ହବ, ଏପରି ଯେତେ ସ୍କୁଲ ଅଛି ସେ ସବୁକୁ ସରକାର ଧିରେ ଧିରେ ନିର୍ମାଣ କରିବେ ବୋଲି ସେ କହିଛନ୍ତି।



## ପ୍ରଦୂଷିତ ହେଉଛି ଜାନିଗୁଡ଼ା ନଦୀ ଜଳ

ସେମିଳିଗୁଡ଼ା,୨୧।୯ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡାରୁ ନନ୍ଦପୁର ଯିବା ରାସ୍ତାରେ ପଡୁଥିବା ଜାନିଗୁଡ଼ା ନଦୀ ଜଳ ଧୀରେ ଧୀରେ ପ୍ରଦୂଷିତ ହେଉଥିବା ଦେଖିବାକୁ ମିଳିଛି। ଗତମାସରେ ଅନୁଷ୍ଠିତ ଗଣେଶ ବିସର୍ଜନ ଉତ୍ସବ, ବିଭିନ୍ନ ପର୍ବର ମୂର୍ତ୍ତି ଓ ଅନ୍ୟାନ୍ୟ ସାମଗ୍ରୀ ବିସର୍ଜନ ଏହି ନଦୀରେ କରାଯାଉଥିବାରୁ ଏହି ନଦୀ ଜଳ ପ୍ରଦୂଷିତ ହେଉଥିବା ନଜରକୁ ଆସୁଛି। ଏହି ନଦୀର ଜଳ ଆଖପାଖର ଚାଷ ଜମିରେ ଜଳସେଚନ ପାଇଁ ବ୍ୟବହାର ହେଉଛି। ନଦୀ ଜଳ ପ୍ରଦୂଷିତ ହେବା ଫଳରେ ଅନେକ ଚାଷ ଜମିରେ ଉତ୍ପାଦିତ ଫସଲ ନଷ୍ଟ ହେବାର ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଗାଇଗୋରୁଙ୍କ ପାଇଁ ଏହି ପାଣି ଅଭିଶାପ ପାଲଟିଛି। ଏହି ପ୍ରଦୂଷିତ ଜଳ କୋଲାବ ନଦୀରେ ମିଶୁଥିବାରୁ ସମଗ୍ର ନଦୀ ଅଞ୍ଚଳରୁ ଏକ ଦୁର୍ଗନ୍ଧ ବାହାରୁଥିବା ନଜରକୁ ଆସୁଛି। ଜଳ ପ୍ରଦୂଷଣ ଯୋଗୁଁ ଏବେ ନଦୀରେ ରହୁଥିବା ମାଛମାନଙ୍କ ପାଇଁ ମଧ୍ୟ ଏହା ବିପଦ ସୃଷ୍ଟି କରିଛି। ନଦୀ ପାଣି ପ୍ରଦୂଷିତ ହେବା ଯୋଗୁଁ ପ୍ରକୃତି ପ୍ରେମୀ ଚିନ୍ତା ପ୍ରକଟ କରିଛନ୍ତି। କିଛି ବର୍ଷ ପୂର୍ବରୁ ସୁନାବେଡ଼ା ପୌର ଅଧିକାରୀମାନେ ସତର୍କ ସୂଚନା ଜାରି କରୁଥିଲେ। ଯଦି ପାଣି ପ୍ରଦୂଷିତ କରେ, ତେବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଜରିମାନା ଆଦାୟ କରାଯିବ ବୋଲି ଚେତାବନୀ ଦେଇଥିଲେ। ଅଧିକାରୀମାନେ ସୁନାବେଡା -୧ ପାର୍କର ପୋଖରୀରେ ମୂର୍ତ୍ତି ବିସର୍ଜନ କରିବାର ବ୍ୟବସ୍ଥା କରିଥିଲେ। କିନ୍ତୁ କିଛି ବର୍ଷ ଧରି କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। କିନ୍ତୁ ଏବେ ନଦୀ ପାଣି ଦୂଷିତ ହେଉଥିଲେ ମଧ୍ୟ ପୌର ପରିଷଦ ପକ୍ଷରୁ ନୀରବତା ଅବଲମ୍ବନ କରାଯାଉଛି। ନଦୀ ଜଳ ସଫା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।



# ବଲେଙ୍ଗା-ଡକରାଗୁଡ଼ା ରାସ୍ତା ମରଣଯନ୍ତା

## ରାସ୍ତା ଅବରୋଧ ପାଇଁ ଗ୍ରାମବାସୀଙ୍କ ଚେତାବନୀ

କୋଷାଗୁମୁଡା,୨୧।୯ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ପଞ୍ଚାୟତ ବାଲେଙ୍ଗା ଠାରୁ ଡକରାଗୁଡ଼ା ରାସ୍ତା ମରଣ ଯନ୍ତା ପାଲଟିଛି। ଉକ୍ତ ରାସ୍ତାର ଅବସ୍ଥା ବହୁତ ଦୟନୀୟ ହୋଇଛି। ଡକରାଗୁଡା ଗ୍ରାମର ଜନସାଧାରଣ ମେଡିକାଲକୁ ଯାତାୟାତ କରିବା, ଆମ୍ବୁଲାନ୍ସ ଆସିବାରେ ବହୁତ ଅସୁବିଧା ହେଉଛି। ପାଠପଢିବା ପାଇଁ କଲେଜ ଯିବା, ଥାନାକୁ ଯିବା, ତହସିଲକୁ ଯିବା, ପଞ୍ଚାୟତକୁ ଚାଉଳ ଓ ପେନସନ ପାଇଁ ଯିବାରେ ପଞ୍ଚାୟତର ଆଖପାଖର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ସାରା ବଡ଼ବଡ଼ ଖାଲ, ଖମ୍ବା ହୋଇ ବର୍ଷା ଦିନେ ପାଣି ଜମା ହୋଇ ରହିଯାଉଛି। ତୁରନ୍ତ ଏହି ରାସ୍ତାକୁ ମରାମତି ପାଇଁ ଗ୍ରାମବାସି ଦାବି କରିଛନ୍ତି। ଯଦି ଏଥିପ୍ରତି ପ୍ରଶାସନ ଦୃଷ୍ଟି ନ ଦିଏ ତାହାହେଲେ ଆଗାମୀ ଦିନରେ ରାସ୍ତା ଅବରୋଧ କରିବାକୁ ବାଧ୍ୟ ହେବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ରାସ୍ତାରେ ଯିବା ପାଇଁ ଯେଉଁ ବ୍ରିଜ ନିର୍ମାଣ ହୋଇଥିଲା ତାହା ସଂପୂର୍ଣ୍ଣ ନଷ୍ଟ ହୋଇସାରିଛି, ବର୍ତ୍ତମାନ ଜନସାଧାରଣ ସେହି ରାସ୍ତାରେ ଯିବା ଆସିବା କରିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ରାସ୍ତା ନିର୍ମାଣ ସହ ବ୍ରିଜ୍‌କୁ ମଧ୍ୟ ତୁରନ୍ତ ନିର୍ମାଣ କରିବାକୁ ଡକରାଗୁଡା ଗ୍ରାମର ମଙ୍ଗଳସାଇ ରନ୍ଧାରି, ଚମରା ଦାସ, ରଘୁନାଥ ରନ୍ଧାରି, କୋଡ଼ି ଦାଶ, ନେପୁର ଦାଶ, ସନିଆ ରନ୍ଧାରୀ, ପୁରୁଷୋତ୍ତମ ଦାସ, ୱାର୍ଡମେମ୍ବର ତୁଲାରମ୍ ଭତରା ଓ ଗ୍ରାମର ମହିଳା ଦାବି କରିଛନ୍ତି।



# ଦୃଷ୍ଟିବାଧିତ ଛାତ୍ରଙ୍କୁ ବେଡ୍‌ସିଟ୍ ଓ ଗାମୁଛା ବଣ୍ଟନ

କୋରାପୁଟ,୨୧।୯ (ସମିସ): ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଲାଣ୍ଡିଗୁଡ଼ା ତରଫରୁ କୋରାପୁଟ ଦୃଷ୍ଟିବାଧିତ ବିଦ୍ୟାଳୟର ଛାତ୍ରମାନଙ୍କୁ ବେଡସିଟ ଓ ଗାମୁଛା ବଣ୍ଟନ କରାଯାଇଛି। ବିଦ୍ୟାଳୟର ଅଧକ୍ଷା ମିଲାନି ମିତ୍ରା ଉପସ୍ଥିତ ରହି ଦୃଷ୍ଟିବାଧିତ ବିଦ୍ୟାଳୟର ୬୫ ଜଣ ଛାତ୍ରଙ୍କୁ ବେଡସିଟ ଓ ଗାମୁଛା ବାଣ୍ଟିବା ସହିତ ସେମାନଙ୍କର ଭଲ ମନ୍ଦ ପଚାରି ବୁଝିଥିଲେ। ପିଲାମାନଙ୍କ ସହ ବାର୍ତ୍ତାଳାପ ସମୟରେ ଅଧକ୍ଷା ଭାବବିହ୍ୱଳ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଲାଣ୍ଡିଗୁଡ଼ାର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଏଥିପାଇଁ ଦୃଷ୍ଟିବାଧିତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ମହାପାତ୍ର ଜବାହର ନବୋଦୟ ବିଦ୍ୟାଳୟର ଅଧକ୍ଷା ଓ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ।



# ଅସୁରକ୍ଷିତ ମାର୍କେଟ କମ୍ପ୍ଲେକ୍ସ କୋଠା

ସେମିଳିଗୁଡ଼ା,୨୧।୯ (ସମିସ): କୋରାପୁଟ ଜିଲ୍ଲାର ସୁନାବେଡ଼ା ପୌର ପରିଷଦର ସେମିଳିଗୁଡା, ସୁନାବେଡ଼ା ବସ୍‌ଷ୍ଟାଣ୍ଡ ଓ ପୌର ପରିଷଦ ଛକରେ ଥିବା ମାର୍କେଟ କମ୍ପେ୍ଲକ୍ସ କୋଠା ଅସୁରକ୍ଷିତ ହୋଇରହିଛି। ସପ୍ତାହକ ପୂର୍ବରୁ କୋରାପୁଟ ଏସ୍‌ପି କାର୍ଯ୍ୟାଳୟ ଆଗରେ ଥିବା ମାର୍କେଟ କମ୍ପେ୍ଲକ୍ସ ଭୁଶୁଡ଼ି ଜଣଙ୍କର ମୃତ୍ୟୁ ହୋଇଥିଲା। ଏଭଳି ବଡ ଅଘଟଣ ପରେ ମଧ୍ୟ ସୁନାବେଡ଼ା ପୌର ପରିଷଦର ଅସୁରକ୍ଷିତ ଅବସ୍ଥାରେ ଥିବା ମାର୍କେଟ କମ୍ପ୍ଲେକ୍ସର ବିପଦସଙ୍କୁଳ କୋଠା ଗୁଡିକର ମରାମତି ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଯାହାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁଯାୟୀ, ସେମିଳିଗୁଡା ବସ୍‌ଷ୍ଟାଣ୍ଡ, ସୁନାବେଡ଼ା -୧ରେ ଥିବା ପୌର ପରିଷଦ ଛକରେ ଥିବା ମାର୍କେଟ କମ୍ପେ୍ଲକ୍ସର ପୁରୁଣା କୋଠା ଦୁର୍ବଳ ହୋଇପଡ଼ିଛି। ଭିତର ଓ ବାହାର କାନ୍ଥରେ ଫାଟ ସୃଷ୍ଟି ହୋଇଛି। ଛାତରୁ ପଲସ୍ତରା ଖସୁଛି। ବର୍ଷାରେ ପାଣି ଗଳୁଛି। କୋଠାଟି ସମ୍ପୂର୍ଣ୍ଣ ଅସୁରକ୍ଷିତ ଅବସ୍ଥାରେ ରହିଛି। କେତେବେଳେ ଭୁଶୁଡ଼ିଯିବ କହିବା ମୁସ୍‌କିଲ୍। ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ନିକଟରେ ଖବର ରହିଥିଲେ ମଧ୍ୟ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହୋଇଛି। ମରାମତି ପାଇଁ ବ୍ୟବସାୟୀମାନେ ଅନୁରୋଧ କରିଲେ ମଧ୍ୟ କେହି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। କିଛି ଦଶନ୍ଧି ପୂର୍ବରୁ ନିର୍ମିତ ଏହି କମ୍ପେ୍ଲକ୍ସଗୁଡ଼ିକ ବର୍ଷ ବର୍ଷ ଧରି ମରାମତି କରାଯାଇ ନାହିଁ। ସେଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାରୁ ଦୁର୍ଘଟଣାର ଭୟ ରହୁଛି। କିଛି ଦିନ ତଳେ ମରାମତି କରିବା ଉଦ୍ଦେଶ୍ୟରେ ପୌର ପରିଷଦ ଅଧ୍ୟକ୍ଷ ଓ ଅଧିକାରୀମାନେ ସମସ୍ତ ମାର୍କେଟ କମ୍ପେ୍ଲକ୍ସ ପରିଦର୍ଶନ କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବିପଦପୂର୍ଣ୍ଣ ଭାବେ ଥିବା ବସ୍‌ଷ୍ଟାଣ୍ଡ ଦୋକାନ, କୋଠାର ଅବସ୍ଥା ଅତି ଶୋଚନୀୟ ହୋଇ ରହିଛି। ସୁନାବେଡ଼ା ଓ ସେମିଳିଗୁଡ଼ା ଅଞ୍ଚଳରେ ଅବସ୍ଥିତ ମାର୍କେଟ କମ୍ପେ୍ଲକ୍ସ କୋଠା ବିପଦସଙ୍କୁଳ ଭାବେ ରହିଥିବା ବେଳେ ସବୁ ବେଳେ ପ୍ରବଳ ଜନଗହଳି ରହୁଛି। ତେଣୁ ଏହି ମାର୍କେଟ କମ୍ପେ୍ଲକ୍ସରେ କୋରାପୁଟ ପରି ଘଟଣାର ପୁନରାବୃତ୍ତି ଘଟିବାର ଭୟ ରହିଛି। ପୌର ପରିଷଦ ଏହି ମାର୍କେଟ କମ୍ପେ୍ଲକ୍ସର ଦୋକାନ ଗୁଡିକରୁ ପ୍ରତି ମାସରେ ଲକ୍ଷ ଲକ୍ଷ ଟଙ୍କା ଟିକସ ଆଦାୟ କରୁଥିଲେ ମଧ୍ୟ ଦୋକାନଗୁଡ଼ିକର ପୌର ପ୍ରଶାସନ ପକ୍ଷରୁ ଯତ୍ନ ନିଆ ନଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଦୁର୍ଘଟଣା ଘଟିବା ପୂର୍ବରୁ ଏଗୁଡ଼ିକର ମରାମତି କରାଯିବାକୁ ସାଧାରଣରେ ଦାବି ହୋଇଛି।



# ଆଞ୍ଚଳିକ ଖେଳକୁଦ ଚୟନ କାର୍ଯ୍ୟକ୍ରମ

କୁନ୍ଦୁରା,୨୧।୯ (ସମିସ): କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ ଆସନା ଉଚ୍ଚ ବିଦ୍ୟାଳୟରେ ଆଞ୍ଚଳିକ ଖେଳ କୁଦ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଗତି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏବିଇଓ ପପେୟା ବେହେରା ଯୋଗଦେଇ ଶୁଭାରମ୍ଭ କରିଥିଲେ। ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ହୋଇଥିବା ଖେଳକୁଦ କାର୍ଯ୍ୟକ୍ରମରେ କବାଡି, ଖୋଖୋ, ଫୁଟ୍‌ବଲ୍, ୧୦୦,୨୦୦,୪୦୦ ମିଟର ଦୌଡ଼, ଲମ୍ବ ଓ ଉଚ୍ଚ ଡିଆଁ, ସଟ୍‌ପୁଟ ଆଦି ଖେଳା ଯାଇଥିଲା। ଏଥିରୁ ଚୟନ ହୋଇଥିବା ଛାତ୍ରଛାତ୍ରୀ ବ୍ଲକ୍‌ସ୍ତରରେ ଖେଳିବେ। ଏଥିରେ ଲିମା, ଆସନା, କେରମେଟି ଓ ଗୁଣ୍ଡାଳ ଆଦି ପଞ୍ଚାୟତରୁ ଚାରୋଟି ଉଚ୍ଚ ବିଦ୍ୟାଳୟ ଓ ଆଠଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସିଆର୍‌ସିସି ସଞ୍ଜୟ ସାମନ୍ତରାୟ, ରାଧା ପ୍ରସାଦ ସେନାପତି, ଖେଳ ଶିକ୍ଷକ ଦେବେନ୍ଦ୍ର ସେନାପତି, ପ୍ରଧାନ ଶିକ୍ଷକ ଗୋପିନାଥ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ଆସନା ଖେଳ ଶିକ୍ଷକ ଗୁଣନିଧି ବଡ଼େଇଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳିତ ହୋଇଥିଲା। ଖେଳ ଶିକ୍ଷକ ଅନିଲ ମହାନ୍ତି, ଶୁଭମ୍ ହୋତା, ଗଙ୍ଗାଧର ଟୁଡୁ, ବିପିନ ବରିହା, ନାରାୟଣ ଭଟ୍ଟ, ଆସନା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ପ୍ରମୁଖ ସହଯୋଗ କରିଥିଲେ। ଖେଳ ଶିକ୍ଷକ ଶ୍ରୀ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।



# ବ୍ଲକ୍‌ସ୍ତରୀୟ ସମତା ଓ ଅନ୍ତର୍ନିବେଶୀ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବୋରିଗୁମ୍ମା, ୨୧।୯ (ସମିସ): ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର ୯୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ନିଷ୍ଠା -ସମତା ଅନ୍ତର୍ନିବେଶୀ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଏଥିରେ କୋରାପୁଟ ଜିଲ୍ଲା ଅନ୍ତର୍ନିବେଶୀ ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତୀ, ବୋରିଗୁମ୍ମା କ୍ଲଷ୍ଟରର ଆଶିଷ କୁମାର ହୋତା, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଟେଙ୍କର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ପେଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ପ୍ରମାଣ ପତ୍ର ଓ ପୁସ୍ତକ ପ୍ରଦାନ କରିଥିଲେ। ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଟେଙ୍କରଠାରେ ଏହି ଗତ ୧୬ ତାରିଖରୁ ଆରମ୍ଭ ହୋଇ ୫ ଦିନ ଧରି ଚାଲିଥିଲା। ଉଦଘାଟନୀ ଦିବସରେ ଟେଙ୍କର ସ୍କୁଲର ବରିଷ୍ଠ ଶିକ୍ଷକ ଖଗପତି ଗଦବା, ବେଣାଗାଁ ସି÷ଆରସିସି ପ୍ରଫୁଲ୍ଲ କୁମାର ନାୟକ ଏବଂ କୁମୁଲି ଉଜଉଡ ଶ୍ରୀ ଆଲୋକ କୁମାର ନାଗ ପ୍ରମୁଖ ଉପସ୍ଥିତ ରହି ଶୁଭ ଉଦଘାଟନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସୁଭାଷ ମାଝୀ ଉପସ୍ଥିତ ରହି ସାର୍ବଜନୀନ ଶିକ୍ଷଣ ଢାଞ୍ଚା ସମ୍ପର୍କରେ ସମ୍ୟକ ଧାରଣା ପ୍ରଦାନ କରିଥିଲେ। ସମ୍ବଳ ଶିକ୍ଷକ ରୂପେ ତରକେଶ୍ୱର ପାତ୍ର, ମଳୟ ତ୍ରିପାଠୀ, ଶିବ ପ୍ରସାଦ ସାହୁ, ନିବେଦିତା ପଣ୍ଡା, ପ୍ରିତିପ୍ରଜ୍ଞା ସାହୁ, ମୋନାଲିସା ଦାସ ପ୍ରମୁଖ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଜଗଦୀଶ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତେବେ ବୋରିଗୁମ୍ମା ବ୍ଲକର ୨୪୩ ଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉକ୍ତ ତାଲିମ ଦିଆଯାଇଥିବା ଜଣାପଡ଼ିଛି।



# ଉମରକୋଟରେ ବୁଦ୍ଧିଜୀବୀ ସମ୍ମିଳନୀ



ଉମରକୋଟ,୨୧।୯ (ସମିସ): ନବରଙ୍ଗପୁର ଜିଲ୍ଲା ବିଜେପି ପକ୍ଷରୁ ସଶକ୍ତ ଭାରତ ସମୃଦ୍ଧ ଭାରତ ସମ୍ପର୍କରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଉମରକୋଟଠାରେ ଅନୁଷ୍ଠିତ ହୋଇଛି। ଏହି ବୁଦ୍ଧିଜୀବୀ ସମ୍ମିଳନୀରେ ସାଂସଦ ବଳଭଦ୍ର ମାଝୀ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ଜିଲ୍ଲା ବିଜେପି ସଭାପତି କୁଞ୍ଜ ବିହାରୀ ଦାସ, ସମାଜସେବୀ ଜୟଦେବ ପରିଡ଼ା, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢ଼ୀ ମଞ୍ଚାସୀନ ଥିଲେ। ୧୧ ବର୍ଷରେ ମୋଦୀ ସରକାରଙ୍କ ବିକଶିତ ଭାରତ ଗଠନ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଉପସ୍ଥିତ ବୁଦ୍ଧିଜୀବୀ ଆଲୋଚନା କରିଥିଲେ। ସମୃଦ୍ଧ ନବରଙ୍ଗପୁର, ଓଡ଼ିଶା ଓ ଭାରତ ଗଠନ ପାଇଁ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ବୁଦ୍ଧିଜୀବୀମାନେ ମତାମତ ପ୍ରଦାନ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମାନାଗମନ ବ୍ୟବସ୍ଥାର ସୁଦୃଢ଼ୀକାରଣ ସହ ଜିଲ୍ଲର କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଓ ଇକୋ ଟ୍ୟୁରିଜମ୍ ବ୍ୟବସ୍ଥା ପାଇଁ ଏହି ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଥିଲା।

# ଐତିହାସିକ ଦଶହରା ପାଇଁ ଚଳଚଞ୍ଚଳ ଜୟପୁର

## ଆଜିଠୁ ଦେବୀ ପୀଠ ଓ ପୂଜାମଣ୍ଡପରେ ନବରାତ୍ର ପୂଜା

ଜୟପୁର,୨୧।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଶାରଦୀୟ ନବରାତ୍ର ପୂଜା ସୋମବାର ଠାରୁ ରୀତିନିତିରେ ଶୁଭାରମ୍ଭ ହେବ। ଏଥିସହ ଜୟପୁର ସହରର ଐତିହାସିକ ଦଶହରା ପର୍ବର ମଧ୍ୟ ଶୁଭାରମ୍ଭ ହେବ। ଯାହାକୁ ନେଇ ରବିବାରଠାରୁ ଜୟପୁର ସହରର ଚଳଚଞ୍ଚଳ ହୋଇଉଠିଛି। ସହରର ବିଭିନ୍ନ ଦୈବୀପୀଠ ସମେତ ୪ଟି ପୂଜାମଣ୍ଡପରେ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ ଓ ପୂଜାର୍ଚ୍ଚନା ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ସହର ବିଭିନ୍ନ ଦେବୀପୀଠ ଗୁଡିକ ବିଦ୍ୟୁତ ରଙ୍ଗୀନ ଲାଇଟରେ ଝଲସୁଛି। ଦେବୀପୀଠମାନଙ୍କରେ ଗତ ମୂଳାଷ୍ଟମୀ ଠାରୁ ଆରମ୍ଭ ହୋଇଥିବା ଷୋଡଶ ଉପଚାର ପୂଜା ରବିବାର ମହାଳିୟା ଅମାବାସ୍ୟାରେ ଶେଷ ହୋଇଛି। ସୋମବାର ରାତିରୁ ସହରର ରଥପଡିଆ ଛକ, ଘରୋଇ ବସ୍‌ଷ୍ଟାଣ୍ଡ, ଆକାଶବାଣୀ ଛକଠାରେ ମହିଷାସୂରମର୍ଦ୍ଦନୀଙ୍କ ମୃଣ୍ମୟୀ ମୂର୍ତ୍ତି ଏବଂ ସ୍ଥାନୀୟ ଗୁଜରାଟି କଲୋନୀଠାରେ ବ୍ୟାଘ୍ର ଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜାପାଇବେ। ଏଥିପାଇଁ ପୂଜାମଣ୍ଡପରେ ମୂର୍ତ୍ତି ନିର୍ମାଣ ଶେଷ ହୋଇଥିବା ବେଳେ ମଣ୍ଡପଗୁଡିକର ସାଜସଜ୍ଜା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ପୂର୍ବାହ୍ନ ଠାରୁ ସୂର୍ଯ୍ୟପୂଜା, ଶୁଭକୁମ୍ଭ ସ୍ଥାପନ, ଆବାହନ, ପ୍ରାଣପ୍ରତିଷ୍ଠା, ବିଲ୍ୱପତ୍ର ବରଣ, ପଞ୍ଚ ଏବଂ ଷୋଡଶ ଉପଚାରରେ ପୂଜା, ପୂର୍ଣ୍ଣ କଳସ ସ୍ଥାପନ, ଚଣ୍ଡୀପାଠ, ହୋମଯଜ୍ଞ ଏବଂ ଅନ୍ନଭୋଗ ସହିତ ପୂଜାର୍ଚ୍ଚନା ଶୁଭାରମ୍ଭ ହେବ। ଆସନ୍ତା ଅଷ୍ଟମୀ ତିଥି ପର୍ଯ୍ୟନ୍ତ ଦେବୀଙ୍କ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ ଅନୁଷ୍ଠିତ ହେବ। ଶେଷରେ ବୋଦାବଳିରେ ଶେଷ ହେବା ପରେ ନବମୀ ତିଥିରେ ଶାନ୍ତି ହୋମ ପରେ ଦଶହରାରେ ଅପରାଜିତା ପୂଜାରେ ଶେଷ ହେବ ଜୟପୁରର ଐତିହାସିକ ଦଶହରା ପର୍ବ। ସୋମବାର ରାତି ଠାରୁ ମାନସିକଧାରୀ ଏବଂ ନବରାତ୍ର ବ୍ରତାଧାରୀମାନେ ବିଭିନ୍ନ ଦେବୀ ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ ସହିତ ଗୋଟିଏ ଓଳି ଅନ୍ନଭୋଗ ଖାଇବା ଏବଂ ଲାଲବସ୍ତ୍ର ଧାରଣ , ଖାଲିପାଦରେ ଭକ୍ତିର ସହିତ ପୂଜାର୍ଚ୍ଚନା କରିବେ। ଜୟପୁର ସହରର ଅଧିଷ୍ଠାତ୍ରୀ ଦେବୀ ଭଗବତୀ, ଦକ୍ଷିଣ କାଳୀ, ଜଗତଜନନୀ, ବସନ୍ତାୟୀ, ଭୂପତିସାହି କନକଦୁର୍ଗା, ବେହେରାସାହି କାଳୀ ମନ୍ଦିରରେ, ପୁରୁଣାଗଡ଼ ଡଙ୍ଗରଦେବୀ ମନ୍ଦିର ପୀଠ, ଲୋକେଶ୍ୱରୀ ମନ୍ଦିରରେ ନବରାତ୍ର ଅବସରରେ ହୋମଯଜ୍ଞ ପୂଜାର୍ଚ୍ଚନା ଆରମ୍ଭ ହେବ।



## ମହାଳୟାରେ ବଜ୍ରମହାକାଳୀ ବେଶରେ ଦର୍ଶନ ଦେଲେ କନକ ଦୁର୍ଗା

ଜୟପୁର,୨୧।୯ (ସମିସ): ଜୟପୁର ସହରରେ ରବିବାର ମହାଳୟା ଅମାବାସ୍ୟା ଅବସରରେ ସହରର ଭୂପତିସାହିସ୍ଥିତ ଦେବୀ କନକଦୁର୍ଗା ପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ମା’ ବଜ୍ରମହାକାଳୀ ବେଶରେ ଦର୍ଶନ ଦେଇଥିଲେ। ଜୟପୁର ସହରରେ ବିଭିନ୍ନ ଦେବାଦେବୀଙ୍କ ମନ୍ଦିର ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇ ବିଭିନ୍ନ ପର୍ବପର୍ବାଣିରେ ରୀତିନୀତି ଏବଂ ପରମ୍ପରା ପୂଜାବିଧି ଅନୁଯାୟୀ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ। ଜୟପୁର ରାଜାଙ୍କ ଇଷ୍ଟଦେବୀ କନକ ଦୁର୍ଗାଙ୍କ ମୁଖ୍ୟ ମନ୍ଦିର ରାଜପ୍ରସାଦ ପରିସରରେ ରହିଥିବା ଯୋଗୁଁ ସାଧାରଣ ଲୋକଙ୍କୁ ରାଜପ୍ରସାଦ ପରିସର ଭିତରକୁ ପ୍ରବେଶ ଅନ୍ୟାନ୍ୟ ଦିବସରେ ନିଷେଧ ରହିଛି। ତେଣୁ ଭୂପତି ସାହିଠାରେ ବାଲିଯାତ୍ରା ପାଳନ ଅବସରରେ ରାଜପ୍ରସାଦରୁ ଦେବୀ କନକ ଦୁର୍ଗାଙ୍କ ମୂଳପୀଠରୁ ଆଜ୍ଞାମାଳ ଅଣାଯାଇ ଏଠାରେ ପୂଜାର୍ଚ୍ଚନା କରାଯାଉଥିଲା। ଗତ ୪୨ ବର୍ଷ ପୂର୍ବରୁ ଏଠାରେ ଦେବୀଙ୍କ ଅସ୍ଥାୟୀ ମୃଣ୍ମୟୀ ମହିଷାସୂରମର୍ଦ୍ଦନୀଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ କରାଯାଇ ଷଷ୍ଠୀ ତିଥିର ଦଶହରା ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରାଯାଉଥିଲା। କିନ୍ତୁ ଗତ ୨୦୧୭ ମସିହା ଠାରୁ ଦେବୀଙ୍କ ସ୍ଥାୟୀ କନକଦୁର୍ଗାଙ୍କ ମନ୍ଦିର ଏବଂ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ନିୟମିତ ଓ ଦୈନିଦିନ ପୂଜାର୍ଚ୍ଚନା କରାଯାଉଛି। ଚଳିତ ବର୍ଷ ମୂଳାଷ୍ଟମୀ ଠାରୁ ଷୋଡଶ ଉପଚାରରେ କନକଦୁର୍ଗା ମନ୍ଦିର ଦେବୀପୀଠରେ ପୂଜାର୍ଚ୍ଚନା ଶୁଭାରମ୍ଭ ହୋଇଯାଇଛି। ରବିବାର ପବିତ୍ର ମହାଳୟା ଅମାବାସ୍ୟା ତିଥିରେ ଦେବୀ କନକଦୁର୍ଗା ବଜ୍ରମହାକାଳୀ ବେଶରେ ସଜ୍ଜିତ ହୋଇଥିଲେ। ସଂଧ୍ୟାରେ ବାଜାବଜଣା, ଘଣ୍ଟ ହୁଳହୁଳି ଓ ଆଳିତୀରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପୁରୋହିତଙ୍କ ଦ୍ୱାରା ସପ୍ତଚଣ୍ଡୀ ପାଠ ଏବଂ ମହାଳିୟା ଅମାବାସ୍ୟା ବିଧି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ମଧ୍ୟାହ୍ନରେ ଅନ୍ନ ପ୍ରସାଦ ଏବଂ ଦେବୀଙ୍କ ପହଡ ପରେ ଅପରାହ୍ନ ସାଢେ ୪ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ପୁରୋହିତଙ୍କ ଦ୍ୱାରା ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଶେଷରେ ଅନ୍ନଭୋଗ ପୂଜାପରେ ବିଳମ୍ବିତ ରାତ୍ରୀରେ ମନ୍ଦିରର ସମସ୍ତ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ଏହି ଷୋଡଶ ଉପଚାର ରୀତିନୀତିର ପୂଜାର୍ଚ୍ଚନା ଓ ହୋମଯଜ୍ଞ ମୁଖ୍ୟ ପୁରୋହିତ ପଣ୍ଡିତ ଗଣେଶ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ସହାୟକମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ସୋମବାର ଠାରୁ ଶାରଦୀୟ ଦେବୀଙ୍କ ନବରାତ୍ର ପୂଜା ଶୁଭାରମ୍ଭ ହେବାକୁ ଥିବା ଜଣାପଡ଼ିଛି।



## ବଜ୍ରପାତରେ ୨ ଗୋରୁ, ୩ ମେଣ୍ଢା ମୃତ

ବୈପାରିଗୁଡ଼ା,୨୧।୯ (ସମିସ): ବୈପାରିଗୁଡ଼ା ବ୍ଲକର ବାଲିଗାଁ ପଞ୍ଚାୟତର କୁରକୁଟିଗୁଡ଼ା ଗ୍ରାମରେ ବଜ୍ରପାତରେ ୨ଟି ଗୋରୁ ଓ ୩ଟି ମେଣ୍ଢାର ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ବୈପାରିଗୁଡା ବ୍ଲକ୍ ବାଲିଗାଁ ପଞ୍ଚାୟତର କୁରକୁଟିଗୁଡା ଗ୍ରାମର ଗାଈ ଚୋରାଳି କିଛି ଗାଈଗୋରୁ ଓ ମେଣ୍ଢାକୁ ନେଇ ଗାଁ ନିକଟସ୍ଥ କାଜୁ ଜଙ୍ଗଲକୁ ଚରାଇବାକୁ ନେଇଥିଲେ। ଆଜି ଅପରାହ୍ନ ୪ଟାରେ ବର୍ଷା ହୋଇଥିଲା। ବର୍ଷା ଯୋଗୁଁ ଗାଇଚରାଳି ଗୋଟିଏ ଗଛମୂଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ଗାଈଗୋରୁ ଓ ମେଣ୍ଢା ଚରୁଥିବା ସ୍ଥାନରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ହିଁ ୨ଟି ଗୋରୁ ଓ ୩ଟି ମେଣ୍ଢା ମୃତ୍ୟୁବରଣ କରିଥିଲେ। ବଜ୍ରାଘାତରେ ମୃତ ଗୋରୁ ଓ ମେଣ୍ଢା ମାଲିକ ଗଙ୍ଗାଧର ଶାନ୍ତା ଏବଂ ଦିଉଡୁ ଶାନ୍ତା ସରକାରଙ୍କ ତରଫରୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଦଶହରା ପାଇଁ ପ୍ରଶାସନର ପ୍ରସ୍ତୁତି

ଉମରକୋଟ,୨୧।୯ (ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ମୋଟ ୨୬ ଗୋଟି ସ୍ଥାନରେ ଦୂର୍ଗା ପୂଜା ହେବାକୁ ଥିବା ବେଳେ କେବଳ ଉମରକୋଟ ପୌର ପରିଷଦରେ ୧୧ ଟି ସ୍ଥାନରେ ପୂଜା ଅନୁଷ୍ଠିତ ହେବ। ଏହି ଅବସରରେ ଉମରକୋଟ ପୋଲିସ ପ୍ରଶାସନ ପକ୍ଷରୁ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥର ପ୍ରଶାସନ ତରଫରୁ ପୂଜା କମିଟିମାନଙ୍କୁ ଭଷାଣୀ ଉତ୍ସବରେ ଡିଜେ ଓ ବାଣ ଫୁଟାଇବା ପାଇଁ ମନା କରାଯାଇଛି। ପୂଜା ସମୟରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଅପରାହ୍ନ ୪ଟା ସମୟରୁ ରାତି ୧୨ ଟା ପର୍ଯ୍ୟନ୍ତ ସହର ମଧ୍ୟ ଦେଇ ଭାରିଯାନ ଚଳାଚଳ ବନ୍ଦ ରଖିବା ପାଇଁ ମତ ପ୍ରକାଶ ପାଇଥିଲା। ସେହିପରି ସକାଳ ୧୦ଟା ଠାରୁ ରାତ୍ର ୧୧ ଘଣ୍ଟା ପର୍ଯ୍ୟନ୍ତ ସହରର ମୁଖ୍ୟ ରାସ୍ତାରେ କୌଣସି ଯାନ ବାହନ ଲୋଡିଂ ଅନଲୋଡିଂ କରିପାରିବେ ନାହିଁ। ସେହିଭଳି ପୂଜାରେ ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ପ୍ରତ୍ୟେକ ପୂଜା ମଣ୍ଡପ ଗୁଡିକ ପେଣ୍ଡଲରେ ସିସିଟିଭି କ୍ୟାମେରା ଲଗେଇବା ପାଇଁ ଥାନା ଅଧିକାରୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉମରକୋଟ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ଶବର, ଥାନା ଅଧିକାରୀ ରମାକାନ୍ତ ସାଏ, ବରିଷ୍ଠ ସାମ୍ବାଦିକ ନଳିନୀ ରଞ୍ଜନ ମିଶ୍ର, ଏସଆଇ ଅକ୍ଷୟ ମିଶ୍ର, ସୈମେନ୍ଦ୍ର ସେଠ,ଏଏସଆଇ ନରେନ୍ଦ୍ର ଗୋଲାପିଙ୍କ ସହ ସମସ୍ତ ପୂଜା କମିଟିର ସଦସ୍ୟ, ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ଚିତାପାରି-୧ ଯାତ୍ରୀ ପ୍ରତୀକ୍ଷାଳୟ

### ନୀରବଦ୍ରଷ୍ଟା ପଞ୍ଚାୟତ ଓ ବ୍ଲକ୍ କର୍ତ୍ତୃପକ୍ଷ




କୋରୁକୋଣ୍ଡା,୨୧।୯ (ସମିସ): ଯାତ୍ରୀ ଓ ଲୋକଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ କିଛି ବର୍ଷ ପୂର୍ବେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଚିତାପାରି-୩ ଗ୍ରାମ ପଞ୍ଚାୟତ ଅଧିନସ୍ତ ବାଲିମେଳା-ମାଲକାନଗିରି ମୁଖ୍ୟ ରାସ୍ତା ପାଶ୍ୱର୍ ତଥା ଚିତାପାରି -୧ ଗ୍ରାମ ଛକରେ ଏକ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯାଇଥିଲା। ଲୋକେ ବସକୁ ଅପେକ୍ଷା କରି ସେଠାରେ ବସିବା ପାଇଁ ଷ୍ଟିଲ ଚେୟାର, ଚତୁଃପାଶ୍ୱର୍ରେ ରେଲିଙ୍ଗ ସହ ଲୁହାରେ ପିଲର ସହ ଟିଣରେ ଛାତ ନିର୍ମାଣ କରାଯାଇଥିଲା। କିନ୍ତୁ ବିଡମ୍ବନାର ବିଷୟ ଚିତାପାରି-୩ ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ଏହି ଯାତ୍ରୀ ପ୍ରତୀକ୍ଷାଳୟର ଉଚିତ ରକ୍ଷଣାବେକ୍ଷଣ ଦିଗରେ ଦୃଷ୍ଟି ଦିଆଯାଉ ନଥିବାରୁ ଉକ୍ତ ବିଶ୍ରାମଗାରାରେ ଲାଗିଥିବା ଷ୍ଟିଲ ଚେୟାର ଗୁଡିକ ଭାଙ୍ଗି ରୁଜି ଯିବା ସହ ସେଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଉକ୍ତ ପ୍ରତୀକ୍ଷାଳୟ ପରିସରରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିବା ସହ ସେଠାରେ ଏକ କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏହି ଯାତ୍ରୀ ପ୍ରତୀକ୍ଷାଳୟ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ ଏବଂ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଯାତ୍ରୀ ଏବଂ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଚିତାପାର-୩ର ପଞ୍ଚାୟତ ନିର୍ବାହୀ ଅଧିକାରୀ ମନ୍ଦାକିନୀ ସାହୁଙ୍କୁ ପଚାରିବାରୁ, ଉକ୍ତ ପ୍ରତୀକ୍ଷାଳୟର ସ୍ଥିତି ଅନୁଧ୍ୟାନ କରିବା ପରେ ତାହାର ମରାମତି ଏବଂ ରକ୍ଷଣା ବେକ୍ଷଣ କିପରି ତୁରନ୍ତ କରାଯାଇ ପାରିବ ସେ ସମ୍ପର୍କରେ ବିଡ଼ିଓଙ୍କ ସହ ଆଲୋଚନ କରିବି ବୋଲି କହିଛନ୍ତି।

# 'ସେବା ପଖୱାଡ଼ା' ଉପଲକ୍ଷେ ଜିଲ୍ଲାସ୍ତରୀୟ ଗଣଦୌଡ଼

### ୫୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ବାବୁପାତ୍ର ପ୍ରଥମ



ନବରଙ୍ଗପୁର,୨୧।୯ (ସମିସ):

"ସେବା ପଖୱାଡ଼ା' ଉତ୍ସବ ଅବସରରେ ନବରଙ୍ଗପୁର ଜିଲ୍ଲାସଦର ମହକୁମାର ସଦାଶିବ ପାର୍କ ଠାରୁ ଏକ ବିଶାଳ ଜିଲ୍ଲାସ୍ତରୀୟ ମାରାଥନ ଦୌଡ଼ ପୁଲିସ ପଡିଆ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ଗଣ ଶିକ୍ଷା ବିଭାଗ ଏବଂ ଜିଲ୍ଲା ମଙ୍ଗଳ ବିଭାଗର ଛାତ୍ରଛାତ୍ରୀଙ୍କ ସମେତ ଜିଲ୍ଲାର ବିଭିନ୍ନ ଶିକ୍ଷା, କ୍ରୀଡା ଓ ଅନେକ ବେସରକାରୀ ଅନୁଷ୍ଠାନର ସଭ୍ୟସଭ୍ୟା ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା କ୍ରୀଡ଼ା ସଂଘ ଏବଂ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଗଣଦୌଡ଼ରେ ମୁଖ୍ୟଅତିଥି ଭାବରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି ଯୋଗ ଦେଇଥିବା ବେଳେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ପୌରାଧକ୍ଷ କୁନୁ ନାୟକ, ପୌରପାଳିକା ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ବରିଷ୍ଠ ଅଧିବକ୍ତା ଝାଡେଶ୍ୱର ଖାଡଙ୍ଗା, ଜିଲ୍ଲା କ୍ରୀଡ଼ା ସଂଘର ସଂପାଦକ ପ୍ରହ୍ଲାଦ ତ୍ରିପାଠୀ, ଉପସଭାପତି ଏମ୍ ବାଲାକୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କାଉନସିଲର ଶର୍ମିଷ୍ଠା ଦେଓ, କାଉନସିଲର ନଗେନ୍ଦ୍ର ପଟ୍ଟନାୟକ, ମାରାଥନ ଧାବକ ଚିତ୍ତ ପାତ୍ର, ସୁଷମା ଜୈନ ପ୍ରମୁଖ ପତାକା ଦେଖାଇ ମାରାଥନ ଦୌଡ଼ର ଶୁଭାରମ୍ଭ କରିଥିଲେ। ଦୌଡ଼ ଶେଷରେ ୫୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ଅଶୋକ ପାତ୍ର, ବରିଷ୍ଠ ବର୍ଗରେ ନୀଳାମ୍ବର ଭତରା, କନିଷ୍ଠ ବର୍ଗରେ ମହେଶ ଚାଲାନ୍ ଏବଂ ମହିଳା ବର୍ଗରେ ଆଲିଫା ହିଆଲ ଅତିଥିମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ନିଜ ଅଭିଭାଷଣରେ ସାଂସଦ ଶ୍ରୀ ମାଝୀ ଆଗାମୀ ଦିନରେ ପଞ୍ଚାୟତସ୍ତରରୁ ସାଂସଦ କ୍ଷେତ୍ର ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ବର୍ଗର ଖେଳରେ ସମସ୍ତ ଯୁବ ବର୍ଗଙ୍କୁ ଭାଗ ନେବା ନିମନ୍ତେ ଅନୁରୋଧ କରିଥିଲେ। ପୌର ପରିଷଦ ପକ୍ଷରୁ ଜ୍ୟୋତି ପରିଛା, ଶଶାଙ୍କ ଶେଖର ବେହେରା, ରାମ ଦାସ ସମେତ ଗଣଶିକ୍ଷା ଏବଂ ମଙ୍ଗଳ ବିଭାଗର କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

## ୨ ଗୁଣାର ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ



ଡାବୁଗାଁ,୨୧।୯ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଞ୍ଚଳରେ ୧ ବର୍ଷରେ ଟଙ୍କା ୨ ଗୁଣ ହେବାର ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ କରାଯାଇଥିବା ନେଇ ରବିବାର ରାତିରେ ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଚଳିତ ମାସ ପ୍ରଥମ ସପ୍ତାହରେ କୋଡ଼ିଗାଁ ଥାନା ଅଧୀନ କଟାଗାଁ ଗ୍ରାମର ସମ୍ବଲ ନାୟକ ଡାବୁଗାଁ ଥାନା ଅଧୀନ ବିଜାପୁର ଡଙ୍ଗରୀଗୁଡା ଗ୍ରାମର ଡମ୍ବରୁ ଭତ୍ରାଙ୍କୁ ଏଲ୍‌ଏଫ ୱାର୍କ ସଂସ୍ଥାର ମ୍ୟାନେଜର ବୋଲି ପରିଚୟ ଦେବା ସହ ଏହି ସଂସ୍ଥାରେ ଟଙ୍କା ବିନିଯୋଗ କଲେ ୧ ବର୍ଷରେ ଟଙ୍କା ୨ ଗୁଣା ହେବ ବୋଲି ପ୍ରଲୋଭନ ଦେଖାଇଥିଲେ। ଏହି ଟଙ୍କା ପ୍ରତି ମାସକୁ ମାସ ନିଜ ଆକାଉଣ୍ଟରେ ଫେରି ପାଇବ ବୋଲି କହିଥିଲେ। ଏହାପରେ ସମ୍ବଲ ନାୟକ ଏକ ଲିଙ୍କ ଡମ୍ବରୁ ଭତ୍ରାଙ୍କ ମୋବାଇଲକୁ ଛାଡିଥିଲେ। ଉକ୍ତ ଲିଙ୍କରେ ଟଙ୍କା ଛାଡ଼ିବାକୁ କହିଥିଲେ। ଏହାପରେ ଡମ୍ବରୁ ଲିଙ୍କ୍‌ରେ ୪୫ ହଜାର ୫୦୦ ଟଙ୍କା ପଠାଇଥିଲେ। ସେହିପରି ସେହି ଗ୍ରାମର ବିଶ୍ୱଜିତ ସାବତ ମଧ୍ୟ ୨ ଗୁଣା ଟଙ୍କା ପାଇବା ଆଶାରେ ୪୩ ହଜାର ୧୦୦ ଟଙ୍କା ଲିଙ୍କ୍‌ରେ ଛାଡ଼ିଥିଲେ। ସେହିପରି ଆଖପାଖ ଗ୍ରାମର ପ୍ରାୟ ୧୩ ଜଣ ଯୁବକ ଉକ୍ତ ଲିଙ୍କ୍‌ରେ ଟଙ୍କା ଜମା କରିଥିଲେ। ୧ ବର୍ଷରେ ଟଙ୍କା ୨ ଗୁଣା ହେବା ଆଶାରେ ୧୩ ଜଣ ଯୁବକଙ୍କ ପ୍ରାୟ ଲକ୍ଷାଧିକ ଟଙ୍କା ଜମା କରିଛନ୍ତି। ପରେ ଯୁବକମାନେ ଜାଣିବାକୁ ପାଇଥିଲେ ଯେ, ଏଲଏଫ ୱାର୍କ ସଂସ୍ଥା ଦ୍ୱାରା ତାଙ୍କୁ ଠକେଇ କରାଯାଇଛି। ଏନେଇ ଯୁବକମାନେ ରବିବାର ରାତିରେ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି।

## ଜୟପୁର ଦଶହରାରେ ମୁଖ୍ୟ ଆକର୍ଷଣ ସାଜିବେ ମୁମ୍ବାଇ କଳାକାର

ଜୟପୁର,୨୧।୯ (ସମିସ):

ଆସନ୍ତା ଜୟପୁର ଦଶହରା ଉତ୍ସବ ପାଳନ ଅବସରରେ ମୁମ୍ବାଇର କଳାକାରମାନେ ଏଠାକୁ ଆସି ମଞ୍ଚରେ କଳା ପ୍ରଦର୍ଶନ କରିବେ। ଯାହା ଚଳିତ ବର୍ଷ ଦଶହରା ମହୋତ୍ସବର ମୁଖ୍ୟ ଆକର୍ଷଣ ପାଲଟିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ଅକ୍ଟୋବର ୧ ତାରିଖ ନବମୀ ତିଥିରେ ରାଜନହର ଛକଠାରେ ମୁମ୍ବାଇର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନେଇ ନିର୍ଦ୍ଧାରିତ ହୋଇଛି। ଏଥିରେ ଇଣ୍ଡିଆନ ଆଇଡଲ ସିଜନ-୧୫ର କଳାକାର ମାନସୀ ଘୋଷ ଏବଂ ତାଙ୍କ ଦଳ ସହିତ ଶ୍ରେଷ୍ଠ କଳାକାର ଅମିତାଭ ବଚନଙ୍କ ନକଲ କରୁଥିବା ଶଶିକାନ୍ତ ପାଡୱାଲ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଜୟପୁର ଦଶହରା ମହୋତ୍ସବ ପୂଜା କମିଟିର ସଭାପତି ତଥା ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସୂଚନା ଅନୁଯାୟୀ, ଆସନ୍ତା ୨୭ ତାରିଖ ଠାରୁ ଜୟପୁର ଦଶହରା ପୂଜା କମିଟି ପକ୍ଷରୁ ସହରର ବିଭିନ୍ନ ପୂଜା ମଣ୍ଡପ ଏବଂ ଦେବୀ ପୀଠ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯିବ। ଏଥିରେ ବିଭିନ୍ନ ପର୍ଯ୍ୟାୟରେ ଭୁବନେଶ୍ୱର ଏବଂ ଜୟପୁର ସହରର କଳାକାରମାନେ ସଙ୍ଗୀତ ପରିବେଷଣ କରିବେ। ପ୍ରତ୍ୟେକବର୍ଷ ଭଳି ଚଳିତ ବର୍ଷ ୨୭ ତାରିଖ ପଞ୍ଚମୀ ତିଥିରେ ସୌରସାହି ବସନ୍ତାୟୀ ମନ୍ଦିର ନିକଟରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ। ସେହିପରି ଷଷ୍ଠୀ ଏବଂ ସପ୍ତମୀରେ ଜଗତଜନୀ ମନ୍ଦିର ଛକ, ଅଷ୍ଟମୀରେ ସ୍ଥାନୀୟ ସ୍ୱର ଘୁଙ୍ଗୁର କଳାକାରଙ୍କ ଦ୍ୱାରା ରାଜାନହର ଛକଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବିଧାୟକ ସୂଚାଇଛନ୍ତି।

## ରୋଟାରୀ କ୍ଲବ ତରଫରୁ ଅନ୍ନପୂର୍ଣ୍ଣା ଦିବସ



ମାଲକାନଗିରି,୨୧।୯ (ସମିସ): ରୋଟାରୀ କ୍ଲବ ତରଫରୁ ଆଜି ଆଓମା ଗୁରୁକୁଳରେ ଅନ୍ନପୂର୍ଣ୍ଣା ଦିବସ ପାଳନ କରାଯାଇଛି। କ୍ଲବର ଅଧ୍ୟକ୍ଷ ଲବ ସାହୁ ଓ ସମ୍ପାଦକ ଦିଲିପ ସୋମାନୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ସଦସ୍ୟମାନେ ଗୁରୁକୁଳରେ ଥିବା ଅନାଥ ଶିଶୁମାନଙ୍କ ସହିତ ଏକାସାଥିରେ ମଧ୍ୟାହ୍ନ ଭୋଜନ କରିଥିଲେ। ଏହି ସମୟରେ ସଦସ୍ୟମାନେ ଶିଶୁମାନଙ୍କୁ ଖାଇବା ପରସିଲେ, ଭୋଜନ ପରେ ସଦସ୍ୟମାନେ ଶିଶୁମାନଙ୍କ ସହିତ ସମୟ କାଟିଥିଲେ। ଅଧ୍ୟକ୍ଷ ଲବ ସାହୁ ଅନ୍ନପୂର୍ଣ୍ଣା ଦିବସ ପାଳନ ମାଧ୍ୟମରେ ସମାଜରେ ଆହାରର ଅଧିକାର ଉପରେ ସଚେତନତା ସୃଷ୍ଟି ହେବା ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ସଚିବ ଦିଲିପ ସୋମାନୀ ଏପରି ସାମାଜିକ କାର୍ଯ୍ୟକ୍ରମକୁ ଆଗକୁ ମଧ୍ୟ ଜାରି ରଖିବା ନେଇ ସୂଚାଇଥିଲେ। ରୋଟାରୀ କ୍ଲବ ସଦସ୍ୟ, ଗୁରୁକୁଳର ଶିକ୍ଷକ-ଶିକ୍ଷିକା ଓ ଶିଶୁମାନେ ଯୋଗଦେଇଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଜମି ପଟ୍ଟା ପ୍ରଦାନ



ରାମନାଗୁଡ଼ା,୨୧।୯ (ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାମନାଗୁଡ଼ାଠାରେ ଏକ ନୂତନ ଖେଳ ପଡିଆ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୋଠା ନିର୍ମାଣ ନିମନ୍ତେ ଜମି ପଟ୍ଟା ପ୍ରଦାନ କରିଛନ୍ତି। ଗୋସାଇଁ ଗୁଲୁମୁଣ୍ଡା ମୌଜାର ପ୍ଲଟ ନଂ: ୨୦୩/୧, ଖତିଆନ୍ କ୍ରମିକ ନଂ: ୧୨୨ ଅନୁଯାୟୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୧ ଏକର ୨୦ ସେଣ୍ଟ ଖାଲି ଜମି ପ୍ରଦାନ କରାଯାଇଛି। ପଟ୍ଟା ଗ୍ରହଣ ସମୟରେ ବିଦ୍ୟାଳୟର ଅଧ୍ୟକ୍ଷ ଗୌରୀ ପ୍ରସାଦ ପଣ୍ଡା ଓ ବରିଷ୍ଠ ଶିକ୍ଷକ ମୃତ୍ୟୁଞ୍ଜୟ ଶତପଥୀ ବିଦ୍ୟାଳୟ ତରଫରୁ ଏହି ଜମି ପଟ୍ଟାକୁ ଗ୍ରହଣ କରିଥିଲେ। ଏଥିପାଇଁ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବ୍ଲକ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ, ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ପଣ୍ଡା, ବରିଷ୍ଠ ଶିକ୍ଷକ ଶ୍ରୀ ଶତପଥୀ, ସ୍ମିତାରାଣୀ ତୁଳ, ଜଗଦୀଶ ମାନ୍ଦ୍ରାଡା, ଶାନ୍ତି ବେହେରା, ଅଧର ବେହେରା, ଦିଲ୍ଲୀପ ରାଉତ, ଅମୃଜ୍ ଜେନା, ରଂଜିତା ସାହୁ, ଚନ୍ଦନ ଲିମାଲା, ନାନାଜି ମାଣ୍ଡାଙ୍ଗି, ସ୍ୱର୍ଣ୍ଣ ପ୍ରଭା ମଲ୍ଲିକ, ସୁମନ୍ତି ଶବର, ମନୀଷା ପାତ୍ରଙ୍କ ସମେତ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ତହସିଲଦାରଙ୍କୁ ସାଧୁବାଦ୍ ଜଣାଇଛନ୍ତି।

## ଆଇଏଏସ୍ ପ୍ରବେଶନାରୀଙ୍କ ଏସ୍‌ଏଲ୍‌ଏନ୍ ପ୍ରତିଯୋଗିତାମୂଳକ ପରୀକ୍ଷା କେନ୍ଦ୍ର ପରିଦର୍ଶନ



ସେମିଳିଗୁଡ଼ା,୨୧।୯ (ସମିସ):

କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସ୍ଥିତ ସହୀଦ ଲକ୍ଷ୍ମଣ ନାୟକ୍(ଏସ୍‌ଏଲ୍‌ଏନ୍) ପ୍ରତିଯୋଗିତାମୂଳକ ପରୀକ୍ଷା କେନ୍ଦ୍ରକୁ ଆଇଏଏସ୍ ପ୍ରବେଶନାରୀ ସନ୍ତୋଷ ପାତ୍ର ରବିବାର ପରିଦର୍ଶନ କରିଛନ୍ତି। ଶ୍ରୀ ପାତ୍ର ଏହ÷ ଅବସରରେ ଆଗାମୀ ଓଏଏସ ପ୍ରିଲିମ୍ସ ପାଇଁ ଏକ ସ୍ୱଷ୍ଟ ପ୍ରସ୍ତୁତି ରଣନୀତି ରୂପରେଖ ପ୍ରଦାନ କରିଥିଲେ। ପରୀକ୍ଷା ପ୍ରସ୍ତୁତି ଏବଂ ସମୟ ପରିଚାଳନାକୁ ଦୈନିକ ରୁଟିନ୍ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ଶ୍ରୀ ପାତ୍ର ନିର୍ମାଣାଧୀନ ଲାଇବ୍ରେରୀ ଭବନକୁ ପରିଦର୍ଶନ କରିଥିଲେ। ସେ ଅନ୍ୟ ସମସ୍ୟା ଉପରେ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ କେନ୍ଦ୍ର ସମ୍ପାଦକ ଡ. ନବୀନ୍ ଚନ୍ଦ୍ର ଗରଡ଼ା ଉପସ୍ଥିତ ଥିଲେ। କୋସ୍‌ର୍ କୋଅର୍ଡିନେଟର୍ ଡ. ଚନ୍ଦ୍ର ଖେମୁଣ୍ଡୁ, କେନ୍ଦ୍ରର ସହ ସମ୍ପାଦକ ଭଗବାନ୍ ପେଟିଆ ଉପସ୍ଥିତ ଥିଲେ।

## ସେମିଳିଗୁଡା ପଞ୍ଚାୟତ ସମିତିର ସ୍ୱଚ୍ଛ ଉତ୍ସବ

ସେମିଳିଗୁଡ଼ା,୨୧।୯ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ପଞ୍ଚାୟତ ସମିତି ପକ୍ଷରୁ ସ୍ୱଚ୍ଛ ଉତ୍ସବ ପାଳନ କରାଯାଇଛି। ରବିବାର ସକାଳେ ସେମିଳିଗୁଡ଼ା ସମିତି କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ବେହେରା ଆରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଆସିଷ୍ଟାଣ୍ଟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତୋଫନ୍ ନାୟକ, ସିଡିପିଓ ବିନୋଦିନୀ ବେହେରା, ବ୍ଲକ୍ ସଂଯୋଜକ ଦିବ୍ୟ ଜ୍ୟୋତି ରାୟ, ବ୍ଲକ୍ ପ୍ରଶାସନ ଅଧିକାରୀମାନେ, ଜନ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବ୍ଲକ୍ କାର୍ଯ୍ୟାଳୟ ପରିସରର ଅଳିଆ ଆବର୍ଜନାକୁ ସଫା କରାଯାଇଥିଲା।

# ନେତାଜୀ ସଂସଦ ପକ୍ଷରୁ ସିପକଟାକ୍ରୋ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ବିଷମ କଟକ, ୨୧।୯ (ସମିସ): ପୁରୀ ଜିଲ୍ଲା ତାଳବଣିଆ ଇଣ୍ଡୋର ଷ୍ଟାଡିୟମଠାରେ ଆୟୋଜିତ ସିପକଟାକ୍ରୋ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ କିସ୍ ଦଳକୁ ହାରାଇ ରାୟଗଡା ଦଳ ବିଜୟ ଟ୍ରଫି ହାସଲ କରିଛି। ଏହି ଅବସରରେ ରାୟଗଡା ଜିଲ୍ଲାକୁ ଗୌରବ ଆଣିଥିବା ଖେଳାଳିମାନଙ୍କୁ ଆଜି ବିଷମକଟକ ନେତାଜୀ ସଂସଦ ତଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଷମ କଟକ ତହସିଲଦାର କେ.ଭେଙ୍କେଟେଶ୍ୱର ରେଡି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢୀ, ପୂର୍ବତନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ତଥା ପୂର୍ବତନ ଜିଲ୍ଲା ସଭାପତି ସୁଧିର କୁମାର ଦାଶ, ନେତାଜୀ ସଂସଦର ସଭାପତି ପୃଥ୍ୱିରାଜ ସାହୁ, ସିପକଟାକ୍ରୋ ସଂଘର ଜିଲ୍ଲା ସଭାପତି ରବିନ୍ଦ୍ର ନାଥ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ରାୟଗଡ଼ା ଦଳର ଖେଳାଳି ଦିପକ ହିଆଳ, ମଳୟ ନାୟକ, ବିକାଶ କୁମାର ରେଡି, ଆକାଶ କୁମାର ରେଡି, ଦିପସେନ୍ ଖୋରାଙ୍କୁ ଉପଢୌକନ ଦେଇ ଅତିଥିମାନେ ସମ୍ମାନିତ କରିଛନ୍ତି । ଆଗାମୀ ଦିନରେ ଏହି ଖେଳର ଖେଳାଳିମାନେ ଯେକୌଣସି ପ୍ରତିଯୋଗିତାରେ ଭାଗ ନେଲେ ନେତାଜୀ ସଂସଦ ତଫରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସଂସଦର ସଭାପତି ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ଏ ଅବସରରେ ସଂସଦର ସିବରାମ ନାୟକ, ଶଶୀ ଭୂଷଣ ପଟ୍ଟନାୟକ, ରାଧାକାନ୍ତ ଗୁରୁ, ଜ୍ୟୋତି କୁମାର ସାହୁ, ଡି.ଶିବପ୍ରସାଦ, ସନ୍ତୋଷ କୁମାର ନାୟକ, ସମର କୁମାର ସାହୁଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।



# ଦଶହରା ପାଇଁ ପୁଲିସ ପ୍ରଶାସନର ପ୍ରସ୍ତୁତି

ଜୟପୁର,୨୧।୯ (ସମିସ): ସୋମବାରଠାରୁ ଦଶହରା ନବରାତ୍ର ଆରମ୍ଭ ହେଉଥିବା ବେଳେ ସହରରେ ଜନଗହଳି ବୃଦ୍ଧିପାଇବ। ସହର ସମେତ ଜିଲ୍ଲା ଓ ବାହାର ଜିଲ୍ଲାର ଲୋକମାନେ ଜୟପୁର ଦଶହରା ଦେଖିବା ପାଇଁ ଏଠାରେ ଭିଡ ଜମାଇବେ। ତେଣୁ ଏହା ପୂର୍ବରୁ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସୁରକ୍ଷା ବ୍ୟବସ୍ଥା ନେଇ ଯୋଜନା ପ୍ରସ୍ତୁତ କରାଯାଇଛି। ସହରର ସମସ୍ତ ପୂଜାମଣ୍ଡପ ସମ୍ମୁଖରେ ପୁଲିସ ଉପସ୍ଥିତ ରହିବା ସହ ସିସି କ୍ୟାମେରା ଗୁଡିକ ସଂଯୋଗ କରାଯାଇଛି। ପୁଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ ମଧ୍ୟ କଡାକଡି କରାଯାଇଛି। ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିବା ମାତ୍ରେ ପୁଲିସ ଥାନାକୁ ଆଣି ପଚରାଉଚରା କରିବା ସହ ଅନ୍ୟାନ୍ୟ ଯାଞ୍ଚ କରିବ। ଜୁଆ ଆଡ୍ଡା ଓ ବେଆଇନ ମଦ ବିକ୍ରି କେନ୍ଦ୍ର ଉପରେ ଚଢ଼ଉ କରାଯିବା ସହ ସ୍ଥାନୀୟ ଅପରାଧିମାନଙ୍କୁ ଆବଶ୍ୟକ ସ୍ଥଳେ ଅଟକ ରଖାଯିବ। ଟାଉନଥାନା ପକ୍ଷରୁ ସହରର ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ବେଳେ ଗ୍ରାମାଞ୍ଚଳର ଅପରାଧିମାନଙ୍କୁ ନିୟନ୍ତ୍ରଣ ପାଇଁ ସଦରଥାନା ପୁଲିସ ସତର୍କ ରହିଛି। ଏକାଧିକ ମାମଲା ରହିଥିବା ଦୁର୍ଦ୍ଧାନ୍ତ ଅପରାଧୀମାନଙ୍କ ଉପରେ ସତର୍କ ଦୃଷ୍ଟି ରଖିବା ସହ ସେମାନଙ୍କୁ କୌଣସି ଅଘଟଣ ସାମିଲ ନ ହେବା ପାଇଁ ତାଗିଦ କରାଯାଇଛି। ସହରରେ ଅନ୍ୟାନ୍ୟ ଚୋରି, ଲୁଟେରାରଙ୍କ ସମେତ ଗଞ୍ଜେଇ ମାଫିଆଙ୍କ ଉପରେ ଅଧିକ ଦୃଷ୍ଟି ରଖାଯାଇଛି। ସେହିପରି ପିସିଆର ଗାଡି ୨୪ ଘଣ୍ଟିଆ ପଇଁତରା ମାରିବା ସହ ଦ୍ରୁତଗତିରେ ବାଇକ ଚାଳକଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ପାୱାର ହାଉସ ଛକ ଠାରୁ ହାତୀଶାଳ ଛକ, ପୁରୁଣାଗଡ ଛକ ଏବଂ ଗାନ୍ଧୀ ଛକ ପର୍ଯ୍ୟନ୍ତ, ଖ୍ରୀଷ୍ଟିଆନ ସାହି ଛକ ଠାରୁ ପଞ୍ଚାନନ ମନ୍ଦିର, ଜୟନଗର ଛକ ଠାରୁ ଗ୍ଲୋକାଲ ହସପିଟାଲ ଛକ ଏବଂ ଗାନ୍ଧୀଛକ କେନାଲ ରାସ୍ତା ଠାରୁ ତେଲିଗୁଡ଼ା ରାସ୍ତା ଛକ ପର୍ଯ୍ୟନ୍ତ ପୁଲିସ ଗାଡି ପକ୍ଷରୁ ପଇଁତରା ମରାଯିବ। ସହରରେ ରହିଥିବା ୯ଟି ପୂଜା ମଣ୍ଡପଠାରେ ପୁଲିସ ପକ୍ଷରୁ ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଛି। କିଛି ଚିହ୍ନଟ ସ୍ଥାନରେ ଅସ୍ଥାୟୀ ଚାରି, ତିନି ଏବଂ ଦୁଇ ଚକିଆ ପାର୍କିଂ ବ୍ୟବସ୍ଥା କରାଯାଇଛି। ଜୟପୁର ବାସିନ୍ଦା ପକ୍ଷରୁ କୌଣସି ସନ୍ଦିଗ୍ଧ ଲୋକ କିମ୍ବା କୌଣସି ଅଘଟଣ ଘଟିଲେ ପୁଲିସକୁ ସୂଚନା ଦେବାକୁ ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚାଇଛନ୍ତି।

# ସୁଙ୍ଗେର ଗ୍ରାମରେ ନେଟୱର୍କ ସମସ୍ୟା; ଜିଓ ଟାୱାର କାର୍ଯ୍ୟକ୍ଷମ ଦାବି

ଟିକିରି,୨୧।୯ (ସମିସ):

ରାୟଗଡା ଜିଲ୍ଲା କାଶିପୁର ବ୍ଲକ୍ ସୁଙ୍ଗେର ପଞ୍ଚାୟତ ସଦର ମହକୁମାରେ ନେଟୱର୍କ ସମସ୍ୟା ଲାଗି ରହିଛି। ଗ୍ରାମରେ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଜନ ସଂଖ୍ୟା ରହିଥିବା ବେଳେ ଏଠାରେ ଦୁଇ ଦୁଇଟି ମୋବାଇଲ ନେଟୱର୍କ ଟାୱାର ରହିଛି। ସେଥିରୁ ଗୋଟିଏ ଚାଲୁଥିବା ବେଳେ ଅନ୍ୟଟି ସ୍ଥାପନ ପରଠୁ କାର୍ଯ୍ୟକ୍ଷମ ନ ହୋଇ ପଡିରହିଛି। ସୁଙ୍ଗେର ଗ୍ରାମବାସୀ ଏକ ମାତ୍ର ବିଏସ୍‌ଏନ୍‌ଏଲ୍ ନେଟୱର୍କ ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଅନେକ ସମୟରେ ବିଏସ୍‌ଏନ୍‌ଏଲ୍ ନେଟୱର୍କ ରହୁନଥିବାରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ କହିଛନ୍ତି। ବହୁ ବର୍ଷ ଧରି ଏହି ଅସୁବିଧା ଲାଗିରହିଛି। କିନ୍ତୁ ଆଜି ଯାଏଁ କାହାର ନଜର ପଡ଼ିନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ନେଟୱର୍କ ସମସ୍ୟା ଯୋଗୁଁ ଅନଲାଇନ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ସୁଙ୍ଗେର ଗ୍ରାମର ଛାତ୍ରଛାତ୍ରୀମାନେ କହିଛନ୍ତି। ଏହି ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଓ ଗୋଟିଏ ଉଚ୍ଚ ବିଦ୍ୟାଳୟ ରହିଥିବା ବେଳେ ଭାରତୀୟ ଷ୍ଟେଟବ୍ୟାଙ୍କ ଏକ ଶାଖା ଓ ପଞ୍ଚାୟତ କାର୍ଯ୍ୟାଳୟ ରହିଛି। ସମସ୍ତ ଅନଲାଇନ ସରକାରୀ କାର୍ଯ୍ୟ ପାଇଁ ବିଏସଏନଏଲ ଉପରେ ହିଁ ନିର୍ଭର କରନ୍ତି। ବିଏସ୍‌ଏନ୍‌ଏଲ୍ ନେଟୱର୍କ ସବୁବେଳେ ରହୁ ନଥିବାରୁ ସବୁ ସମୟରେ ଅସୁବିଧା ହେଉଥିବା ଗ୍ରାମବାସୀ କହିଛନ୍ତି। ସୁଙ୍ଗେର ଗ୍ରାମରେ ବହୁବର୍ଷ ପୂର୍ବରୁ ଏକ ଜିଓ ଟାୱାର ରହିଥିଲେ ମଧ୍ୟ ଯନ୍ତ୍ରାଂଶ ଲାଗି ନଥିବାରୁ ସେବା ମିଳିପାରୁ ନାହିଁ । ଆଖପାଖ ଅଞ୍ଚଳରେ ଜିଓ ନେଟୱର୍କ ରହିଥିବା ବେଳେ ପଞ୍ଚାୟତସଦର ମହକୁମାଠାରେ ନେଟୱର୍କ ନଥିବା ଦୁର୍ଭାଗ୍ୟର ବିଷୟ ବୋଲି ଅଞ୍ଚଳବାସୀ କହିଛନ୍ତି। ତୁରନ୍ତ ଜିଓ ଟାୱାରକୁ କାର୍ଯ୍ୟକ୍ଷମ କରି ଅଞ୍ଚଳର ନେଟୱର୍କ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



**ନିଶାମୁକ୍ତ ଭାରତ ଅଭିଯାନ**

# ଗଣ ଦୌଡ଼ରେ ଅଂଶଗ୍ରହଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୧।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ "ନିଶାମୁକ୍ତ ଭାରତ ଅଭିଯାନ'ରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିଅମଠାରୁ ଏକ ଗଣଦୌଡ଼ ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ଏହି ଗଣ ଦୌଡ଼ରେ ସାମିଲ ହୋଇଥିଲେ। କଳିଙ୍ଗ ଷ୍ଟାଡିଅମ ଠାରୁ ଜନତା ମୈଦାନ ପର୍ଯ୍ୟନ୍ତ ଆୟୋଜିତ ମାରାଥନରେ ମୁଖ୍ୟମନ୍ତ୍ରୀ ନିଜେ ସମସ୍ତ ଛାତ୍ରଛାତ୍ରୀ, ଖେଳାଳି, ଯୁବବର୍ଗ ଓ ଅନେକ ନେତୃବୃନ୍ଦଙ୍କ ସହ ସାମିଲ ହୋଇ ନିଶାମୁକ୍ତ ଭାରତର ସଚେତନତା ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ନିଶାମୁକ୍ତି ଅଭିଯାନ ବିଷୟରେ କହିଥିଲେ। ଆଜିର ସମାଜରେ ମଦ୍ୟପାନ, ଗୁଟଖା, ଧୂମପାନ, ଗଞ୍ଜେଇ ଏବଂ ବିଭିନ୍ନ ଡ୍ରଗ୍ସ ପରି ବିଭିନ୍ନ ମାଦକଦ୍ରବ୍ୟର ପ୍ରଭାବ ଭୟଙ୍କର ଭାବରେ ବଢୁଛି। ନିଶା କେବଳ ଜଣେ ବ୍ୟକ୍ତିଙ୍କୁ ନଷ୍ଟ କରେନାହିଁ, ନିଶା ନିଜ ସହିତ ନିଜ ପରିବାରକୁ ଛାରଖାର କରିଦିଏ। ତେଣୁ ନିଶା ପାଇଁ ପାଠପଢ଼ାରେ ଅସଫଳତା, ସ୍ୱାସ୍ଥ୍ୟର ଅବନତି, ଅପରାଧ ପ୍ରବୃତ୍ତିରେ ବୃଦ୍ଧି, ପରିବାରରେ ଅଶାନ୍ତି ଆଣିଥାଏ। ଜଣେ ନିଶାସକ୍ତ ଯୁବକ, ତାଙ୍କର ପିତାମାତାଙ୍କ ସ୍ୱପ୍ନକୁ ଭାଙ୍ଗିଦେଇଥାଏ ବୋଲି କହିଥିଲେ।

ଉକ୍ତ କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ମେ ଫେୟାର ଛକ ଠାରେ ଥିବା ଏକ ଚା ଦୋକାନ ପାଖରେ ଚା ପିଇବା ସହିତ ସେଠାରେ ଥିବା ଜନସାଧାରଣଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କ୍ରୀଡା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ରାଜ୍ୟରେ ବେକାରୀ ସମସ୍ୟା ଅସମ୍ଭାଳ

## ଗୃହରକ୍ଷୀ ପଦ ପାଇଁ ସ୍ନାତକ ଓ ସ୍ନାତକୋତ୍ତର ପ୍ରାର୍ଥୀଙ୍କ ଆବେଦନ

**୯୦ ହଜାର ଆବେଦନ ମଧ୍ୟରୁ ୭୦ ହଜାର ପିଲା ଉଚ୍ଚଶିକ୍ଷିତ**

ଭୁବନେଶ୍ୱର,୨୧।୯ (ସମିସ): ରାଜ୍ୟରେ ଉତ୍କଟ ହୋଇଛି ବେକାରୀ ସମସ୍ୟା। ନିଜ ଯୋଗ୍ୟତା ଅନୁସାରେ ଚାକିରି ମିଳୁନାହିଁ, ଫଳରେ ଛୋଟମୋଟ ଚାକିରି ପାଇଁ ପିଲାଙ୍କ ଲମ୍ବା ଧାଡ଼ି ଲାଗୁଛି। ନିକଟରେ ହୋମଗାର୍ଡ ନିଯୁକ୍ତି ସଂକ୍ରାନ୍ତ ଆବେଦନ ଦେଖିଲେ ଏହା ସ୍ପଷ୍ଟ ହୋଇଛି। ନିକଟରେ ଓଡ଼ିଶାରେ ୨୦ ହଜାରରୁ ଅଧିକ ହୋମଗାର୍ଡ ପଦବୀ ପାଇଁ ନିଯୁକ୍ତି ବାହାରିଥିଲା ଓ ଏଥିପାଇଁ ୯୦ ହଜାରରୁ ଅଧିକ ପିଲା ଆବେଦନ କରିଥିଲେ। ହେଲେ ଆବେଦନକାରୀଙ୍କ ମଧ୍ୟରେ ୭୦ ହଜାରଥିଲେ ଉଚ୍ଚ ଶିକ୍ଷିତ । କାହାର ଯୋଗ୍ୟତା ସ୍ନାତକ ତ କାହାର ଯୋଗ୍ୟତା ସ୍ନାତକୋତ୍ତର।

କୋରାପୁଟରେ ହୋମଗାର୍ଡ ପଦବୀ ପାଇଁ ହୋଇଥିଲା ପରୀକ୍ଷା। ୧୨୫ପଦ ପାଇଁ ପରୀକ୍ଷା ଦେଇଛନ୍ତି ୭୦୮୨। ରବିବାର କୋରାପୁଟ ଡିଏଭି ସରକାରୀ ମହାବିଦ୍ୟାଳୟ ପଡ଼ିଆରେ ୧୨୫ଟି ହୋମଗାର୍ଡ ପଦବୀ ପୂରଣ ପାଇଁ ଲିଖିତ ପରୀକ୍ଷା ହୋଇଥିଲା। ଶିକ୍ଷାଗତ ଯୋଗ୍ୟତା ଥିଲା ୫ମ ପାସ୍। ଓ ବୟସ ସୀମା ଥିଲା ୨୦ରୁ ୬୦ ବର୍ଷ। ସରକାରୀ ଚାକିରି ଟିଏ ପାଇବା ପାଇଁ ଏହି ପରୀକ୍ଷାରେ ଭାଗ ନେଇଥିଲେ ୭୦୮୨ ଜଣ। ଯେଉଁଥିରେ ଅଧିକାଂଶ ଥିଲେ ଉଚ୍ଚଶିକ୍ଷିତ। ଚାକିରି ଲୋଭରେ ନିଜ ଶିକ୍ଷାଗତ ଯୋଗ୍ୟତା ଠାରୁ କମ୍ ପଦବୀ ପାଇଁ ଆବେଦନ କରିଥିଲେ ଗ୍ରାଜୁଏଟ୍ ଓ ପୋଷ୍ଟଗ୍ରାଜୁଏଟ୍ ପିଲା। ହୋମଗାର୍ଡ ହୋଇ ରାତିରେ ପହରା ଦେବା, କିମ୍ବା ଡ୍ରାଇଭର ଭାବେ ଗାଡି ଚଳାଇବା ଭଳି କାମ ପାଇଁ ସେମାନେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରି ସାରିଛନ୍ତି। ସେପଟେ ପଞ୍ଚମ ପାସ୍ ଶିକ୍ଷାଗତ ଯୋଗ୍ୟତା ଥିବା ଚାକିରି ପାଇଁ ଉଚ୍ଚଶିକ୍ଷିତ ଆବେଦନ କରିବା ଘଟଣାକୁ ସ୍ୱାଗତ କରିଛନ୍ତି ଏସପି। ତେବେ ହୋମଗାର୍ଡ ଚାକିରି ପାଇଁ ଗ୍ରାଜୁଏଟ୍ ପୋଷ୍ଟଗ୍ରାଜୁଏଟ୍ ସମେତ ଅନେକ ଉଚ୍ଚ ଶିକ୍ଷିତ ବେକାର ଯୁବକ ଯୁବତୀ ଆବେଦନ କରୁଥିବା ଦେଖି ବୁଦ୍ଧିଜୀବୀ ମହଲରେ ଉଠିଛି ପ୍ରଶ୍ନ। କାରଣ ନିଜ ଯୋଗ୍ୟତା ଅନୁସାରେ ଚାକିରି କରିବା ବଦଳରେ ସେମାନେ ତଳ ପଦବୀରେ ଚାକିରି କରୁଛନ୍ତି।

# କଂଗ୍ରେସର ଦସ୍ତଖତ ସଂଗ୍ରହ କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୧।୯ (ସମିସ): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଉଠାଇଥିବା ଭୋଟ ଚୋର ଗାଦି ଛାଡ଼ ବିଷୟକୁ ରାଜ୍ୟର ଘରେ ଘରେ ପହଞ୍ଚାଇବା ପାଇଁ କଂଗ୍ରେସ ଦଳ ଅଣ୍ଟା ଭିଡ଼ିଛି। ଏହି କ୍ରମରେ ଓଡ଼ିଶା ପ୍ରଦେଶ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଆଜି କଂଗ୍ରେସ ଭବନ ଠାରେ ଦସ୍ତଖତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଦସ୍ତଖତ କାର୍ଯ୍ୟକ୍ରମରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ ଭୋଟର ତାଲିକାରେ ଅନିୟମିତତା କରି ମୋଦୀ ସରକାର ଏବଂ ମୋହନ ସରକାର କ୍ଷମତାକୁ ଆସିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଦେଶରେ ଏବଂ ରାଜ୍ୟରେ ଏକ ନିର୍ବାଚିତ ସରକାର ନୁହେଁ ବରଂ ବର୍ତ୍ତମାନ ଏକ ଭୋଟ ଲୁଣ୍ଠନକାରୀ ସରକାର କ୍ଷମତାରେ ଅଛି ବୋଲି କହିଥିଲେ। ଭୋଟ ଚୋରି ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବାପାଇଁ ପ୍ରଦେଶ ଅନୁସୂଚିତ ଜାତି ବିଭାଗ ପଞ୍ଚାୟତ ସ୍ତରକୁ ଯିବ ଏବଂ ସାଧାରଣ ଲୋକଙ୍କୁ ସଚେତନ କରାଇବ ବୋଲି ବିଭାଗ ଅଧ୍ୟକ୍ଷ ଆଇନଜୀବୀ ମାସନ କୁମାର ମଲ୍ଲିକ ମତପ୍ରକାଶ କରିଥିଲେ। ଉକ୍ତ ବିଷୟକୁ ନେଇ ଓଡ଼ିଶାର ୧୧ଟି ଜନବହୁଳ ସହରରେ ଆଗାମୀ ଦିନରେ ଏକା ସାଙ୍ଗରେ ସାମ୍ବାଦିକ ସମ୍ମିଳନୀ କରାଯିବ ବୋଲି ଆଇନଜୀବୀ ଶ୍ରୀ ମଲ୍ଲିକ ସୂଚନା ଦେଇଥିଲେ।

## ଯୁବକଙ୍କୁ ଅବହେଳା ପ୍ରସଙ୍ଗରେ ବର୍ଷିଲା ଯୁବ ବିଜେଡି

# ନିଶାମୁକ୍ତ ନାରା ଦେଇ ସରକାର ଖୋଲୁଛନ୍ତି ନୂଆ ମଦ ଦୋକାନ

ଭୁବନେଶ୍ୱର,୨୧।୯ (ସମିସ): ରାଜ୍ୟରେ ବିଜେପି କ୍ଷମତାକୁ ଆସିବାର ୧୫ ମାସ ବିତି ଯାଇଥିଲେ ମଧ୍ୟ ଯୁବ ବର୍ଗର ବିକାଶ ପାଇଁ ସରକାରଙ୍କ ପାଖରେ କୌଣସି ରୋଡ୍‌ମ୍ୟାପ୍ ନାହିଁ। ଏଥିପାଇଁ ଯୁବବର୍ଗ ସଂପୂର୍ଣ୍ଣ ଅବହେଳିତ ଓ ହତାଶ ହୋଇପଡିଛନ୍ତି ବୋଲି କହିଛନ୍ତି ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ

**ରାଜଧାନୀରେ ବେକାର ଯୁବକଙ୍କ ସମ୍ମିଳନୀ କରିବ ଯୁବ ବିଜେଡି**

ସମ୍ମିଳନୀରେ ଶ୍ରୀ ସାହୁ କହିଛନ୍ତି ଯେ ରାଜ୍ୟରେ ବେକାରୀ ଆଜି ଚରମ ସୀମାରେ ପହଞ୍ଚିଛି। ରାଜ୍ୟ ସରକାରଙ୍କ କୌଣସି ଯୁବ ନୀତି ନାହିଁ କି ଯୁବବର୍ଗର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପାଖରେ କୌଣସି ରୋଡ୍‌ମ୍ୟାପ ନାହିଁ। ଗୋଟିଏ ପଟେ ରାଜ୍ୟ ସରକାର ନିଶାମୁକ୍ତ ଭାରତ ନାରା ଦେଇ ଗଣଦୌଡ ଆୟୋଜନ କରୁଛନ୍ତି; ଅପରପକ୍ଷରେ ସରକାର ଗତକାଲି ରାଜ୍ୟରେ ବନ୍ଦ ହୋଇଥିବା ପ୍ରାୟ ୭୦ଟି ମଦ ଦୋକାନ ଖୋଲିବ ବୋଲି ସୂଚନା ଦେଇଛନ୍ତି। ଏ ଗୁଡିକ ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ନିକଟରେ ଥିବାରୁ ବିଜେଡି ସରକାର ଏଗୁଡିକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନର ବିଜେପି ସରକାର ଏହାକୁ ପୁଣିଥରେ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ସରକାରଙ୍କ




ଦୋମୁହାଁ ଚରିତ୍ରକୁ ପଦାରେ ପକାଇବା ସହିତ ନିଶାମୁକ୍ତ ଭାରତ ଗଠନର ନାରା କେବଳ ଏକ ପ୍ରହସନ ବୋଲି ଶ୍ରୀ ସାହୁ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ରାଜ୍ୟ ବିଜେପି ସରକାରଙ୍କ ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ ହୋଇଛି। ଗତ ପନ୍ଦର ମାସରେ ରାଜ୍ୟ ସରକାର ୫୭,୦୦୦ ପଦବୀ ପୂରଣ କଲେଣି ବୋଲି ବାହାସ୍ଫୋଟ ମାରୁଛନ୍ତି। ବାସ୍ତବରେ ଏହି ନିଯୁକ୍ତି ଗୁଡିକର ନିଯୁକ୍ତି ପ୍ରକ୍ରିୟା ନବୀନ ସରକାରଙ୍କ ସମୟରେ ହୋଇଥିଲା। କେବଳ ନିଯୁକ୍ତି ପତ୍ର ବିତରଣ କରି ଏଥିରୁ ବାହାବା ନେବାକୁ ସରକାର ଅପଚେଷ୍ଟା କରୁଛନ୍ତି। ଗତ ପନ୍ଦର ମାସରେ ପନ୍ଦରଟି ପରୀକ୍ଷାରେ ମହାବିଭ୍ରାଟ ଦେଖିବାକୁ ମିଳିଛି। ରାଜ୍ୟ ସରକାର ୧୬ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବ ବୋଲି ଦାବି କରିଥିଲେ। କିନ୍ତୁ ଗୋଟିଏ ବି ପ୍ରକଳ୍ପର ଗ୍ରାଉଣ୍ଡିଙ୍ଗ ହୋଇ ପାରି ନାହିଁ। ଓଲଟି ପୂର୍ବରୁ ଚୁକ୍ତିବଦ୍ଧ ଥିବା ଅନେକ କମ୍ପାନୀ ଓଡିଶା ଛାଡୁଛନ୍ତି। ନବୀନ ପଟ୍ଟନାୟକଙ୍କ ସମୟରେ ଓଡିଶା କ୍ରୀଡା କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ସହିତ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କ୍ରୀଡା କାର୍ଯ୍ୟକ୍ରମ ଆୟୋଜନ କରି ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଖ୍ୟାତି ହାସଲ କରିଥିଲା। ଏବେ କ୍ରୀଡା କ୍ଷେତ୍ରରେଓଡିଶା ପଛକୁ ଚାଲିଯାଇଛି। ଯୁବବର୍ଗର ସ୍ୱାର୍ଥକୁ ଏଭଳି ଅଣଦେଖା କଲେ ରାଜ୍ୟର ଯୁବବର୍ଗ ରାଜରାସ୍ତାକୁ ଓହ୍ଲାଇବେ। ଏହାଛଡ଼ା ବିଜୁ ଯୁବ ଜନତା ଦଳ ତରଫରୁ ଏକ ବେକାର ଯୁବକ ମାନଙ୍କ ସମ୍ମିଳନୀ ଅତିଶୀଘ୍ର ଆୟୋଜନ କରି ସେମାନଙ୍କ ସ୍ୱାର୍ଥ ହାସଲ ପାଇଁ ସ୍ୱର ଉତ୍ତୋଳନ କରାଯିବ ବୋଲି ସେ କହିଛନ୍ତି।

# ପ୍ରଦୀପ ଜେନା ଭୁବନେଶ୍ୱର କ୍ଲବ ସଭାପତି ନିର୍ବାଚିତ


ଭୁବନେଶ୍ୱର,୨୧।୯ (ସମିସ): ଭୁବନେଶ୍ୱର କ୍ଲବର ସଭାପତି ଭାବେ ନିର୍ବଚିତ ହୋଇଛନ୍ତି ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଓଇଆର୍‌ସି ଅଧ୍ୟକ୍ଷ ପ୍ରଦୀପ ଜେନା। ସେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ୨ ଥରର ଭୁବନେଶ୍ୱର କ୍ଲବ ସଭାପତି ଅସିତ ତ୍ରିପାଠୀଙ୍କୁ ପରାସ୍ତ କରି ନୂତନ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଶ୍ରୀ ଜେନା ୮୯୧ଖଣ୍ଡ ଭୋଟ ପାଇଥିବା ବେଳେ ଶ୍ରୀ ତ୍ରିପାଠୀ ୮୭୩ ଖଣ୍ଡ ଭୋଟ ମିଳିଛି। ଏକ କଡ଼ା ନିର୍ବାଚନରେ ମାତ୍ର ୧୮ ଟି ଭୋଟ୍ ବ୍ୟବଧାନରେ ଶ୍ରୀ ଜେନା ବିଜୟୀ ହୋଇଛନ୍ତି।



ଅନ୍ୟପଟେ ପରାଜିତ ସଭାପତି ପ୍ରାର୍ଥୀ ଅସିତ ତ୍ରିପାଠୀଙ୍କ ପ୍ୟାନେଲରୁ ନିର୍ବାଚନ ଲଢୁଥିବା ପ୍ରଗତି ମହାନ୍ତି ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ୬୦ ଟି ଭୋଟ୍ ବ୍ୟବଧାନରେ ନିର୍ବାଚନ ଜିତିଛନ୍ତି। ସମ୍ପାଦକ ଭାବେ ଅବସରପ୍ରାପ୍ତ ଆଇପିଏସ୍ ଲଳିତ ଦାସ ବିଜୟୀ ହୋଇଥିବା ବେଳେ ଯୁଗ୍ମ ସମ୍ପାଦକ ଭାବେ ଅସିତ ତ୍ରିପାଠୀଙ୍କ ପ୍ୟାନେଲରୁ ସମ୍ବିତ ମହାନ୍ତି ନିର୍ବାଚନ ଜିତିଛନ୍ତି। ସେ ୬୮ ଟି ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି।

ସଭାପତି ଭାବେ ନିର୍ବାଚନ ଜିତିବା ପରେ ଶ୍ରୀ ଜେନା କହିଛନ୍ତି ଯେ ସବୁ ମେମ୍ବରଙ୍କୁ ଧନ୍ୟବାଦ ଦେବି। ପାଖାପାଖି ୧୬୦୦ ଲୋକଙ୍କୁ ବ୍ୟକ୍ତିଗତ ଭାବେ ଟେଲିଫୋନ୍ କରିଥିଲି। ମେମ୍ବର ମାନେ ଯାହା ନିଷ୍ପତ୍ତି ନେଇଛନ୍ତି ତାହାକୁ ସମ୍ମାନ ଜଣାଉଛି। ୨ ମାସ ମଧ୍ୟରେ ସାଧାରଣ ପରିଷଦ ବୈଠକ ବସିବ ଓ ସଭାପତି ଏବଂ ସମ୍ପାଦକ ଜୀବନ କାଳ ମଧ୍ୟ ୨ ଥର ହିଁ ରହିପାରିବେ ବୋଲି ନିୟମ ଅଣାଯିବ। କ୍ଲବର ଅନ୍ୟ ସମସ୍ୟା ସମାଧାନ ଦିଗରେ ମଧ୍ୟ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।

ରାଜ୍ୟର ସବୁଠୁ ସଂଭ୍ରାନ୍ତ କ୍ଲବ୍ ଭାବରେ ଭୁବନେଶ୍ୱର କ୍ଲବର ପରିଚୟ ରହିଛି। ୨୦ ତାରିଖଠାରୁ ସଭାପତି ନିର୍ବାଚନ ପାଇଁ ଭୋଟ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ କାଲି ଇ-ଭୋଟିଂରେ ୫୯୬ ଭୋଟ୍ ପଡ଼ିବା ପରେ ଆଜି କ୍ଲବ ଆସି ବାଲାଟରେ ୧୧୭୮ ଭୋଟ୍ ଦେଇଥିଲେ। ଏଥିପାଇଁ ସକାଳ ୧୦ଟା ପରେ ଭୁବନେଶ୍ୱର କ୍ଲବ ପରିସରରେ ସୃଷ୍ଟି ହୋଇଥିଲା ଖଚାଖଚ ଭିଡ଼। ନିର୍ବାଚନରେ ଭାଗ ନେବାକୁ କ୍ଲବ୍‌କୁ ଜଣକ ପରେ ନାମୀଦାମୀ ବ୍ୟକ୍ତି ବିଶେଷ ଆସି ଭୋଟ୍ ଦେଇଥିଲେ। ଏଥିପାଇଁ ଏଜି ଛକ ଟ୍ରାଫିକ୍ ପୋଷ୍ଟରୁ ଭୁବନେଶ୍ୱର କ୍ଲବ ପର୍ଯ୍ୟନ୍ତ ରାସ୍ତା ବି ଜାମ୍ ହୋଇଯାଇଥିଲା। ଏଥର ନିର୍ବାଚନରେ ପ୍ରଦୀପ ଜେନାଙ୍କ ନାରା 'ଭୋଟ୍ ଫର୍ ଚେଞ୍ଜ୍' ରହିଥିବା ବେଳେ ଅସିତ ତ୍ରିପାଠୀଙ୍କ ସ୍ଲୋଗାନ୍ 'ବିକାଶ ଏକ ଯାତ୍ରା' ରହିଥିଲା।



ମହାଳୟାରେ ମା' ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ

# ସ୍ୱାମୀର ଠେଙ୍ଗାମାଡ଼ରେ ସ୍ତ୍ରୀ ମୃତ

ବେତନଟୀ,୨୧।୯ (ସମିସ): ସ୍ୱାମୀର ଠେଙ୍ଗାମାଡ଼ରେ ସ୍ତ୍ରୀର ମୃତ୍ୟୁ ଘଟିଛି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ ପୁରିନ୍ଦା ପଞ୍ଚାୟତର ସଂସା ଗାଁରେ ପାରିବାରିକ କଳହରୁ ଏଭଳି କରୁଣ ପରିସ୍ଥିତି ଘଟିଛି। ମୃତକ ହେଲେ ସତ୍ୟଭାମା ମହାନ୍ତ। ରବିବାର ଦ୍ୱିପହରରେ ସ୍ୱାମୀ ଗଣେଶ ମହାନ୍ତ ସାମାନ୍ୟ କଥାରୁ ଉତ୍‌କ୍ଷିପ୍ତ ହୋଇ ପତ୍ନୀ ସତ୍ୟଭାମାଙ୍କୁ ମାଡ଼ ମାରିଥିଲେ। ମନଦୁଃଖରେ ଖଟିଆରେ ସତ୍ୟଭାମା ଶୋଇଥିବାବେଳେ ଗଣେଶ ପୁଣି ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ। ଫଳରେ ଘଟଣାସ୍ଥଳରେ ସତ୍ୟଭାମାଙ୍କର ମୃତ୍ୟୁ ଘଟିଛି।

# ୨୭ରେ ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ

ଝାରସୁଗୁଡ଼ା,୨୧।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖରେ ଝାରସୁଗୁଡ଼ା ଆସିବେ। ଝାରସୁଗୁଡ଼ାର ଅମଲିପାଲି ଠାରେ ଥିବା ରିଜର୍ଭ ପଡିଆରେ ଆୟୋଜିତ ହେବାକୁ ଥିବା ଯୁବ ସମାବେଶର ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ଭାଷଣ ଦେବେ। ଏଥିପାଇଁ ଆଜି ଆନୁଷ୍ଠାନିକ ସୂଚନା ମିଳିବା ପରେ ଅମଲିପାଲି ପଡିଆ ସହ ଅନ୍ୟ ଦୁଇଟି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସହ ଉତ୍ତରାଞ୍ଚଳ ଆଇଜି, ଜିଲ୍ଲାପାଳ ଓ ଏସପି ପଡିଆକୁ ବୁଲି ଦେଖିଛନ୍ତି। ଏହାପରେ ଅମଲିପାଲି ପଡିଆରେ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଆଜି ସନ୍ଧ୍ୟାରେ ସାମ୍ଭାବ୍ୟ କାର୍ଯ୍ୟକ୍ରମ ସକାଶେ ପ୍ରସ୍ତୁତି ଦେଖିବା ପାଇଁ ଝାରସୁଗୁଡ଼ା ପହଞ୍ଚିଛନ୍ତି। ଝାରସୁଗୁଡ଼ାରେ ଯୁବ ସମାବେଶ ଆୟୋଜନ ହେବ ଓ ରାଷ୍ଟ୍ରୀୟ ସ୍ତରରେ ଯୁବକଙ୍କ ମଙ୍ଗଳ ପାଇଁ କିଛି ଯୋଜନା ପ୍ରଧାନମନ୍ତ୍ରୀ ଘୋଷଣା କରିବେ ବୋଲି ସୂଚନା ଦେଇଛନ୍ତି। ଏହି ଅବସରରେ ରାଜ୍ୟର ସବୁ ଅଞ୍ଚଳରୁ ଲକ୍ଷାଧିକ ଯୁବକ କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ସୂଚନା ରହିଛି।

# 'ନିଯୁକ୍ତି ପାଇଁ ଲାଗୁ ହେଉ ୱେଟିଂ ବ୍ୟବସ୍ଥା'

ଭୁବନେଶ୍ୱର, ୨୧।୯ (ସମିସ): ନିର୍ଦ୍ଧାରିତ ପଦ ପାଇଁ ନିଯୁକ୍ତି ପ୍ରକ୍ରିୟା କରାଯାଉଥିବାବେଳେ ସମସ୍ତ ପଦ ପୂରଣ ହେଉନାହିଁ। ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଥିବା ବହୁ ପ୍ରାର୍ଥୀ ଚାକିରିରେ ଯୋଗ ଦେଉ ନ ଥିବାରୁ ବହୁ ପଦ ଖାଲି ପଡୁଛି। ଏପରିକି କାର୍ଯ୍ୟରେ ଯୋଗଦେବା ପୂର୍ବରୁ ଅନ୍ୟ ଚାକିରି ପାଇଲେ ମଧ୍ୟ ଗୋଟିଏ ପଦ ଖାଲି ରହୁଛି। ଏଣୁ ନିଯୁକ୍ତି ସମୟରେ ପୂର୍ବପରି ୱେଟିଂ ଲିଷ୍ଟ ବ୍ୟବସ୍ଥା ଲାଗୁ କରିବାକୁ ଆଶାୟୀମାନେ ଦାବି କରିଛନ୍ତି। ଏନେଇ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ସଚିବଙ୍କୁ ଦାବିପତ୍ର ଦେଇଛନ୍ତି। ଓଡ଼ିଶା ଲୋକ ସେବା ଆୟୋଗ (ଏପିଏସ୍‌ସି), ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ର ନିଯୁକ୍ତି ପାଇଁ ୨୦୨୦ ପୂର୍ବରୁ ୱେଟିଂ ପ୍ରକ୍ରିୟା ଲାଗୁ ହେଉଥିଲା। ଫଳରେ ଫାଙ୍କା ରହି ଯାଉଥିବା ପଦରେ ୱେଟିଂ ତାଲିକାରେ ଥିବା ଆଶାୟୀମାନେ କ୍ରମାନ୍ୱୟରେ ନିଯୁକ୍ତି ପାଉଥିଲେ। ସମସ୍ତ ପଦ ପୂରଣ ହେବା ସହ ବହୁ ପିଲା ନିଯୁକ୍ତି ପାଉଥିଲେ। ଏହା ଉଚ୍ଛେଦ କରିବାରୁ ଅନେକ ପଦ ଖାଲି ରହୁଛି। ନିକଟରେ ବାଟାଲିଅନ୍ ଏବଂ ପୁଲିସ୍ ଡ୍ରାଇଭର୍ ପରୀକ୍ଷା ଫଳ ପ୍ରକାଶ ପାଇଛି। ବାଟାଲିଅନ୍‌ରେ ପାଇଥିବା ପ୍ରାୟ ୬୦ଜଣ ପିଲା ଡ୍ରାଇଭର୍ ମଧ୍ୟ ପାଇଥିବାରୁ କୌଣସି ଗୋଟିଏ ସ୍ଥାନରେ ଯୋଗଦେବେ। ଫଳରେ ଏ ସବୁ ପଦ ଫାଙ୍କା ରହିବ। ଏଣୁ ୱେଟିଂ ତାଲିକା ବ୍ୟବସ୍ଥା ପୁନଃ ଲାଗୁ କରିବା ପାଇଁ ଆଶାୟୀ ସୁନୀଲ କୁମାର ମିଶ୍ର, ଶୁଭ୍ରଜିତ୍ ସାହୁ, ଆଲୋକ ରଥ, ନିବାସ କୁଣ୍ଡୁ, ଶ୍ରଦ୍ଧାଞ୍ଜଳି ମିଶ୍ରଙ୍କ ସମେତ ବହୁ ଆଶାୟୀ ଦାବିପତ୍ର ପ୍ରଦାନ କରିଛନ୍ତି।

## ଉପର ପଡ଼ିଆରେ ହେବନି ବାଲିଯାତ୍ରା

# ସରକାରଙ୍କ ନିଷ୍ପତ୍ତିକୁ ଭର୍ତ୍ତୃହରିଙ୍କ ସମାଲୋଚନା

କଟକ,୨୧।୯ (ସମିସ): ନଭେମ୍ବର ୫ରୁ ଆରମ୍ଭ ହେବ ଐତିହାସିକ କଟକ ବାଲିଯାତ୍ରା। ହେଲେ ଦୀର୍ଘବର୍ଷ ଧରି ଚାଲି ଆସୁଥିବା ଏହି ବାଣିଜ୍ୟମେଳାକୁ ନୂଆ ଢ଼ାଞ୍ଚାରେ ଆୟୋଜନ କରିବାକୁ ଉଦ୍ୟମ କରି ବିରୋଧାଭାଷର ଶିକାର ହେଉଛି କଟକ ଜିଲ୍ଲା ପ୍ରଶାସନ। ଏଥର ଉପର ପଡ଼ିଆ ତଥା କିଲ୍ଲା ପଡ଼ିଆରେ ବାଲିଯାତ୍ରାର ଷ୍ଟଲ ପଡ଼ିବ ନାହିଁ। କେବଳ ତଳ ପଡ଼ିଆରେ ଯାତ୍ରା ଆୟୋଜନ ହେବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି। ସାଂସଦ ଭର୍ତ୍ତୃହରି ମହତାବ ପ୍ରଶାସନର ନିଷ୍ପତ୍ତି ଭୁଲ୍ ବୋଲି ଖୋଲାଖୋଲି ଭାବେ କହିଛନ୍ତି। ଘଟଣା ବାବଦରେ ଗଣମାଧ୍ୟମକୁ ଅଧିକ ପ୍ରତିକ୍ରିୟା ଦେଇ ନଥିଲେ ସୁଦ୍ଧା ବାଲିଯାତ୍ରା ଉପର ପଡ଼ିଆରେ ମଧ୍ୟ ହେବା ଉଚିତ୍ ବୋଲି ଶ୍ରୀ ମହତାବ ମତ ଦେଇଛନ୍ତି।

ବାଲିଯାତ୍ରା ଆୟୋଜନର ତରିକା ବଦଳାଇବା କଟକ ଜିଲ୍ଲା ପ୍ରଶାସନ ପାଇଁ ମହଙ୍ଗା ପଡ଼ିଆରେ। ଦୁଇଟି ପଡ଼ିଆରେ ଲକ୍ଷଲକ୍ଷ ଜନସମାଗମ ହୁଏ। ମାତ୍ର ଏଥର ସମସ୍ତ ଷ୍ଟଲକୁ ଗୋଟିଏ ପଡ଼ିଆରେ ଏକଜୁଟ କରାଯିବ। ଯଦ୍ୱାରା ଭିଡ଼ ନିୟନ୍ତ୍ରଣରେ ପୁଲିସ ଓ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ଉପର ପଡ଼ିଆରେ ମେଳା ଆୟୋଜନ ନକରି କେବଳ ତଳ ପଡ଼ିଆରେ ୧୬୫୪ ଷ୍ଟଲ ବ୍ୟବସ୍ଥା କରିବା ପାଇଁ ପ୍ରଶାସନ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ଏହା ଭିତରେ ରିଂରୋଡରୁ କିଛି ଗଛ କଟାଯିବାକୁ ଯୋଜନା ରହିଛି। ତେବେ ଗୋଟିଏ ପଡ଼ିଆରେ ବାଲିଯାତ୍ରା ଆୟୋଜନର ନିଷ୍ପତ୍ତିକୁ ନେଇ ପ୍ରଶାସନକୁ ଟାର୍ଗେଟ କରାଯାଉଛି। ଦୁଇ ଦିନ ପୂର୍ବେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ପ୍ରଶାସନର ନିଷ୍ପତ୍ତି କଟକିଆଙ୍କ ଭାବାବେଗ ପ୍ରତି କୁଠାରଘାତ ବୋଲି କହିଥିଲେ।

**କାର୍ଯ୍ୟକାରୀ ହେଉନି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

# ୪ ମାସ ପରେ ବି ମିଳିନି କମ୍ବଳ, ମଶାରୀ ଭତ୍ତା

ଭୁବନେଶ୍ୱର,୨୧।୯ (ସମିସ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମା ମାନୁ ନାହାନ୍ତି ସରକାରୀ ଅଧିକାରୀ। ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘ ମୁଖ୍ୟମନ୍ତ୍ରୀଙ୍କୁ କିଛି ଦାବି ଅବଗତ କରାଇଥିଲା। ଏହି ଦାବି ସମୂହକୁ ଅନୁଧ୍ୟାନ କରି ଶୀଘ୍ର ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଚିଠି କରି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ଘଟଣାକୁ ୪ ମାସ ବିତିଯାଇଥିଲେ ମଧ୍ୟ ଏହା ପୂରଣ ହୋଇପାରି ନାହିଁ। ଏହାସହିତ ମୁଖ୍ୟମନ୍ତ୍ରୀ ଗତ ଜୁନ ୩ ତାରିଖରେ ଦେବଗଡରେ ଏକ ସମାବେଶରେ କେନ୍ଦୁପତ୍ର ତୋଳାଳି ମାନଙ୍କୁ ବିଭିନ୍ନ ସାମାଜିକ ନିରାପତ୍ତା ପାଇଁ ୪୬୦ ଓ ବନ୍ଧେଇ ଶ୍ରମିକମାନଙ୍କୁ କମ୍ବଳ ଓ ମଶାରୀ ପାଇଁ ୭୦୦ ଟଙ୍କା ସହାୟତା ଘୋଷଣା କରିଥିଲେ। ଏହି ଘୋଷଣାକୁ ୪ ମାସ ବିତିଯାଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନାହିଁ। ଏଭଳି ଘଟଣାକୁ ନେଇ ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘ ଗଭୀର କ୍ଷୋଭ ପ୍ରକାଶ କରିବା ସହିତ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟ (ଅରଣ୍ୟ ଭବନ) ଘେରଉ କରିବାକୁ ନିଷ୍ପତ୍ତି ନେଇଛି।

ଏହା ପୂର୍ବରୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ଓ ଡିଭିଜନ ସ୍ତରୀୟ କର୍ମକର୍ତ୍ତାମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଘର ରାଜ୍ୟ ସଭାପତି



ବିଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବସିଥିବା ବେଳେ ଏଥିରେ କେନ୍ଦୁପତ୍ର କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। ଏଥିରେ ଉପରୋକ୍ତ ସମସ୍ୟା ସହିତ ୨୦୨୪ ମସିହା ଜୁଲାଇ ୧୮ ତାରିଖରେ ନୂତନ ସର୍ବନିମ୍ନ ମଜୁରୀ ସରକାର ଘୋଷଣା କରିଥିଲେ ମଧ୍ୟ ବର୍ଦ୍ଧିତ ହାରରେ ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରୀ ଏକ ବର୍ଷ ୩ ମାସ ହେବାକୁ ଯାଉଥିଲେ ମଧ୍ୟ ଏହା ସଂଶୋଧନ କିମ୍ବା ବୃଦ୍ଧି ହୋଇନାହିଁ। ଏଥିଯୋଗୁଁ ୧୭/୧୮ ହଜାର ସିଜିନାଲ କର୍ମଚାରୀ କ୍ଷତିଗ୍ରସ୍ତ ହେଉଛନ୍ତି। କେନ୍ଦୁପତ୍ର ତୋଳାଳି ଓ ସିଜିନାଲ କର୍ମଚାରୀ ଏବଂ ବନ୍ଧେଇ ଶ୍ରମିକ ମାନଙ୍କ ୨ ଟି କନ୍ୟାର ବିବାହ ପାଇଁ ୨୫୦୦୦ ଟଙ୍କା ସାମାଜିକ ଆର୍ଥିକ ସହାୟତା ନେଇ ପୂର୍ବ ସରକାର ଘୋଷଣା କରିଥିଲେ। କିନ୍ତୁ ଏହାକୁ ବାତିଲ କରିଦିଆଯାଇଛି। ଏହାସହିତ ୧୦୦ କୋଟିର ବଜେଟ୍ ମଞ୍ଜୁରୀ ଅର୍ଥ ମଧ୍ୟ ୫୦ କୋଟି ଟଙ୍କା କାଟି ଦିଆଯାଇଛି।

ଏ ସବୁ ବିଷୟରେ ବାରମ୍ବାର ଦାବି, ସ୍ମାରକ ପତ୍ର, ଉଚ୍ଚସ୍ତରୀୟ ସାକ୍ଷାତ ଆଲୋଚନା ସ୍ଥଳେ ଏବଂ

**ଅରଣ୍ୟ ଭବନ ଘେରିବ କେନ୍ଦୁପତ୍ର କର୍ମଚାରୀ ସଂଘ**

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଏଥିରେ ଅବହେଳା କରୁଥିବା ସଂଘ କହିଛି। ତେଣୁ ଆସନ୍ତା ଅକ୍ଟୋବର ୧୪ ତାରିଖରେ ଏହି ସଂସ୍ଥାର ସର୍ବୋଚ୍ଚ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟର ଅରଣ୍ୟ ଭବନରେ ଏକ ବିଶାଳ ସମାବେଶ ଓ ଧାରଣା ଆନ୍ଦୋଳନ ହେବ ବୋଲି ସଂଘ ନିଷ୍ପତ୍ତି ନେଇଛି। ଉକ୍ତ କର୍ମକର୍ତ୍ତା ବୈଠକରେ ଉପସଭାପତି ଗୋକୁଳ ମେହେର ରାଜ୍ୟ ସଂଗଠନ ସମ୍ପାଦକ ସଂଜିତ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆକସ୍ମିକ ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୭୯୧- ପ୍ରସିଦ୍ଧ ବୈଜ୍ଞାନିକ ମାଇକେଲ୍ ଫାରାଡେଙ୍କ ଜନ୍ମ।
- ୧୮୮୮- ନେସନ୍ୟାଲ ଜିଓଗ୍ରାଫିକ୍ ପତ୍ରିକାର ପ୍ରଥମ ଅଙ୍କ ପ୍ରକାଶିତ ହୋଇଥିଲା।
- ୧୯୫୫- ବ୍ରିଟେନରେ ପ୍ରଥମ ଥର ଟିଭିରେ ବିଜ୍ଞାପନ ପ୍ରସାରିତ ହେଲା।
- ୧୯୮୦- ଇରାକ୍, ଇରାନ୍ ଉପରେ ଆକ୍ରମଣ କଲା।
- ୨୦୧୩- ପାକିସ୍ତାନର ପେଶୱାରରେ ଏକ ଚର୍ଚ୍ଚ ଉପରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ଅତିକମ୍‌ରେ ୧୨୭ ଜଣଙ୍କ ମୃତ୍ୟୁ।

## 'କଲ୍‌କୀ ୨'ରୁ ବାହାରିଲେ ଦୀପିକା

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ କିଛି ଦିନ ପୂର୍ବରୁ 'ସ୍ପିରିଟ୍'ର ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ସହ ବିବାଦକୁ ନେଇ ଚର୍ଚ୍ଚାରେ ରହିଥିଲେ। ଇତିମଧ୍ୟରେ ଦୀପିକାଙ୍କ ହାତରୁ ଆଉ ଏକ ବଡ଼ ପ୍ରୋଜେକ୍ଟ ମଧ୍ୟ ଚାଲି ଯାଇଛି। 'କଲ୍‌କୀ ୨୮୯୮ ଏଡି'ର ସିକ୍ୱେଲ 'କଲ୍‌କୀ ୨'ରୁ ଏବେ ଦୀପିକା ବାଦ୍ ପଡ଼ିଛନ୍ତି। ନିକଟରେ ପ୍ରଯୋଜନା ସଂସ୍ଥା ବୈଜୟନ୍ତୀ ଫିଲ୍ମସ୍ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର କରି ଏବିଷୟରେ ସୂଚନା ଦିଆଯାଇଛି। ତେବେ ଦୀପିକା 'କଲ୍‌କୀ ୨'ର ନିର୍ମାତାଙ୍କ ପାଖରେ କିଛି ସର୍ତ୍ତ ରଖିଥିଲେ। ଏହି ସର୍ତ୍ତ ପାଇଁ ତାଙ୍କୁ ଫିଲ୍ମରୁ ବାଦ୍ ଦିଆଗଲା ବୋଲି ଜଣାପଡ଼ିଛି। ଦୀପିକା ଏହାର ସିକ୍ୱେଲ ପାଇଁ ୨୫% ଅଧିକ ପାରିଶ୍ରମିକ ଦାବି କରିବା ସହ ସାତଘଣ୍ଟିଆ ସିଫ୍ଟରେ ସୁଟ୍ କରିବେ ବୋଲି କହିଥିଲେ। ତେବେ ଏହା ଏକ ଭିଏଫ୍‌ଏକ୍ସ ଫିଲ୍ମ ହୋଇଥିବାରୁ ଏତେ କମ୍ ସମୟରେ ସୁଟ୍ କରିବା ଦ୍ୱାରା ଫିଲ୍ମର ବଜେଟ୍ ବୃଦ୍ଧି ପାଇବ। ଏହାବାଦ୍ ସେ ତାଙ୍କ ସପୋର୍ଟ ଟିମ୍ ରହିବା ପାଇଁ ପଞ୍ଚ ତାରକା ହୋଟେଲ ଯୋଗାଇ ଦେବାକୁ କହିଥିଲେ। ଦିନକୁ ଦିନ ଦୀପିକାଙ୍କ ସର୍ତ୍ତ ବଢ଼ିବାରୁ ପ୍ରଡକ୍‌ସନ୍ ଟିମ୍ ତାଙ୍କୁ ବାଦ୍ ଦେବା ପାଇଁ ସ୍ଥିର କରିଥିବା ଚର୍ଚ୍ଚା ହେଉଛି। ଫିଲ୍ମ ନିର୍ମାତା ଏହାର କାହାଣୀରେ ପରିବର୍ତ୍ତନ କରି ଦୀପିକାଙ୍କ ଭୂମିକାକୁ ଛୋଟ କରିଦେବାରୁ ସେ ଏହି ଫିଲ୍ମ ଛାଡ଼ି ଦେଇଥିବା ମଧ୍ୟ ଚର୍ଚ୍ଚା ହେଉଛି। ଏହାପୂର୍ବରୁ 'ସ୍ପିରିଟ୍'ରୁ ମଧ୍ୟ ଦୀପିକାଙ୍କ ସର୍ତ୍ତ ପାଇଁ ତାଙ୍କୁ ବାଦ୍ ଦିଆଯାଇଥିଲା।



## ବିଶ୍ୱ ଗୋଲାପ ଦିବସ



### କର୍କଟ ରୋଗୀଙ୍କ ମନୋବଳ ବୃଦ୍ଧି ପାଇଁ ଦିନଟିଏ

ଗୋଲାପ ଫୁଲକୁ ସ୍ନେହ ଓ ପ୍ରେମର ପ୍ରତୀକ ଭାବେ ଧରାଯାଏ। କ୍ୟାନ୍ସର ପରି ଏକ ମାରାତ୍ମକ ବ୍ୟାଧି ସହ ଲଢ଼ୁଥିବା ରୋଗୀଙ୍କୁ ଗୋଲାପ ଫୁଲଟିଏ ଦେଇ ସେମାନଙ୍କ ମନୋବଳ ବୃଦ୍ଧି କରିବା ସହ ଜୀବନ ପ୍ରତି ନୂତନ ଆଶା ସଞ୍ଚାର କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୨ ତାରିଖକୁ 'ବିଶ୍ୱ ଗୋଲାପ ଦିବସ' ଭାବେ ପାଳନ କରାଯାଏ। କର୍କଟ ରୋଗ ସହ ସଂଘର୍ଷ କରୁଥିବା ଲୋକଙ୍କୁ ଜୀଇଁବା ପାଇଁ ପ୍ରେରଣା ଦେବା ତଥା ତାଙ୍କ ଜୀବନରେ ଖୁସି ଆଣିଦେବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଗୋଲାପ ଫୁଲକୁ ଦେଖିବା ମାତ୍ରେ ମନରେ ଏକ ସକାରାତ୍ମକ ଭାବନା ଆସିଥାଏ। ଏହି ଦିନ କର୍କଟ ରୋଗୀଙ୍କୁ ଗୋଲାପ ଫୁଲ ଦେଇ ଏହି ସନ୍ଦେଶ ଦିଆଯାଏ ଯେ, କ୍ୟାନ୍ସର ଜୀବନର ଅନ୍ତ ନୁହେଁ, ଆଉ ଦୃଢ଼ ଇଚ୍ଛା ଶକ୍ତି ଦ୍ୱାରା କ୍ୟାନ୍ସର ଯୁଦ୍ଧକୁ ଜିତିହେବ। ୱାର୍ଲ୍ଡ ରୋଜ୍ ଡେ' ପାଳନର ଆରମ୍ଭ ୧୯୯୪ ମସିହାରୁ ହୋଇଥିଲା। କାନାଡ଼ାର ୧୨ ବର୍ଷୀୟା କ୍ୟାନ୍ସର ପୀଡ଼ିତା ମେଲିଣ୍ଡା ରୋଜ୍‌ଙ୍କ ସ୍ମୃତିରେ ଏହି ଦିବସ ପାଳନ କରାଯାଏ। କୁନି ବୟସରୁ ମେଲିଣ୍ଡା ବ୍ଲଡ୍ କ୍ୟାନ୍ସରର ଏକ ବିରଳ ପ୍ରକାର ଆସ୍କିନ୍ସ ଟ୍ୟୁମରରେ ପୀଡ଼ିତ ଥିଲେ। ଅତି ସାହସର ସହ ସେ ଶେଷ ପର୍ଯ୍ୟନ୍ତ ଏହି ରୋଗ ସହ ଲଢ଼ିଥିଲେ। ମେଲିଣ୍ଡା କ୍ୟାନ୍ସରର ଲାଷ୍ଟ ଷ୍ଟେଜ୍‌ରେ ଥିଲେ। ସେ ଆଉ ଗୋଟିଏ କି ଦୁଇ ସପ୍ତାହ ବଞ୍ଚିବେ ବୋଲି ଡାକ୍ତର କହିଥିଲେ। ମେଲିଣ୍ଡା ତାଙ୍କର ଦୃଢ଼ ଇଚ୍ଛାଶକ୍ତି ବଳରେ ଡାକ୍ତରଙ୍କୁ ଭୁଲ୍ ସାବ୍ୟସ୍ତ କରି ଛଅମାସ ବଞ୍ଚିଥିଲେ। ଏହି ଛଅମାସ ମଧ୍ୟରେ ପ୍ରତି ମୁହୂର୍ତ୍ତକୁ ସ୍ମରଣୀୟ କରିବା ସହ ଖୁସିର ବାର୍ତ୍ତା ବାଣ୍ଟୁଥିଲେ। ସେ ଅନ୍ୟ କର୍କଟ ରୋଗୀଙ୍କ ମନୋବଳ ବଢ଼ାଇବା ପାଇଁ ସେମାନଙ୍କ ଉଦ୍ଦେଶ୍ୟରେ କବିତା, ଇମେଲ୍ ଆଦି ଲେଖୁଥିଲେ। ୧୨ ବର୍ଷର ଏହି ଝିଅ ଜଣକ କ୍ୟାନ୍ସର ରୋଗୀଙ୍କ ପାଇଁ ଏକ ଉଦାହରଣ ହୋଇଗଲେ। ସେ କର୍କଟ ରୋଗ ସହ ଲଢ଼ୁଥିବା ରୋଗୀମାନଙ୍କ ପାଇଁ ଆଶାର କିରଣ ସାଜିଥିଲେ। ମେଲିଣ୍ଡାଙ୍କର ଏହି ଆକର୍ଷଣୀୟ ବ୍ୟକ୍ତିତ୍ୱ ତଥା ତାଙ୍କ ସାହସକୁ ମନେ ପକାଇ ପ୍ରତିବର୍ଷ ସେପ୍ଟେମ୍ବର ୨୨କୁ ବିଶ୍ୱ ଗୋଲାପ ଦିବସ ବା ୱାର୍ଲ୍ଡ ରୋଜ୍ ଡେ' ଭାବେ ପାଳନ କରାଯାଏ। ଏହି ଦିନ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଲୋକେ କ୍ୟାନ୍ସର ରୋଗୀମାନଙ୍କୁ ଗୋଲାପ ଫୁଲ ଦେବା ସହ ସେମାନଙ୍କ ସହ ସମୟ ଅତିବାହିତ କରନ୍ତି।

## ସବୁଠୁ ଦାମୀ ଶାଢ଼ି 'ବିବାହ ପଟ୍ଟୁ'

ଶାଢ଼ି ଭାରତୀୟ ମହିଳାମାନଙ୍କର ଏକ ପାରମ୍ପରିକ ପରିଧାନ। ସାଧାରଣତଃ ଶାଢ଼ିର ଡିଜାଇନ୍ ଓ କପଡ଼ା ଅନୁସାରେ ଏହାର ମୂଲ୍ୟ ନିର୍ଦ୍ଧାରଣ ହୋଇଥାଏ। ଏହି କ୍ରମରେ ବିଶ୍ୱର ସବୁଠୁ ଦାମୀ ଶାଢ଼ି ଭାବେ 'ବିବାହ ପଟ୍ଟୁ' ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। ଏହା ଏକ ଚେନ୍ନାଇ ସିଲ୍କ ଶାଢ଼ି। ଏହାର ଦାମ୍ ୩୯.୯୩ ଲକ୍ଷ। ଏଥିରେ ସୁନା, ରୁପା, ହୀରା ଆଦି ଖଚିତ ହେବା ସହ ପ୍ରସିଦ୍ଧ ଚିତ୍ରକର ରବି ବର୍ମାଙ୍କର ୧୧ଟି ପେଣ୍ଟିଂକୁ ବୁଣାଯାଇଛି। ତନ୍ମଧ୍ୟରୁ ସ୍ୱତନ୍ତ୍ର ହେଉଛି 'ଗାଲାକ୍ସି ଅଫ୍ ମ୍ୟୁଜିସିଆନ୍ସ'। ଏଥିରେ ବିଭିନ୍ନ ରାଜ୍ୟର ମହିଳାମାନେ ନିଜର ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଉଥିବାର ଦେଖାଯାଉଛନ୍ତି। ଏହି ଶାଢ଼ିରେ ୫୯.୭ ଗ୍ରାମ୍ ସୁନା, ୩୧.୯୧୩ କ୍ୟାରେଟ୍ ହୀରା, ୧୨୦ ମିଲିଗ୍ରାମ୍ ପ୍ଲାଟିନମ୍, ୫୬ ସେଟ୍ ପନ୍ନା, ୨.୯୮୫ କ୍ୟାରେଟ୍ ରୁବି, ନବରତ୍ନ ପଥର, ମୋତି, ମୁଙ୍ଗା ଆଦି ଦାମୀ ରତ୍ନର ମଧ୍ୟ ବ୍ୟବହାର କରାଯାଇଛି। ୮ କିଲୋ ଓଜନର ଏହି ଶାଢ଼ିରେ ୬୪ ପ୍ରକାରର ରଙ୍ଗ ଓ ୧୦ଟି ନିଆରା ଡିଜାଇନର ବ୍ୟବହାର କରାଯାଇଛି। ଏହାର ଓଜନ ଅଧିକ ଥିବା ସତ୍ତ୍ୱେ, ଏହାକୁ ସାଧାରଣ ଶାଢ଼ି ଭଳି ପିନ୍ଧାଯାଇ ପାରିବ। ଏହାକୁ ଏଯାବତ୍ ଦୁଇଥର କିଣାଯାଇ ସାରିଛି। ଏହି ଶାଢ଼ି ପ୍ରଥମେ ବେଙ୍ଗାଲୁରୁର ଜଣେ ବ୍ୟବସାୟୀ ୧୦ମ ବିବାହ ବାର୍ଷିକୀ ଅବସରରେ ପତ୍ନୀଙ୍କୁ ଉପହାର ଦେବା ପାଇଁ କିଣିଥିଲେ। ଏହାପରେ କୁଵେତ୍‌ର ଜଣେ ଧନୀ ବ୍ୟବସାୟୀ ବି ଏହି ଶାଢ଼ି ତିଆରି କରିବା ଲାଗି ଅନୁରୋଧ କରିଥିଲେ। ତେବେ ଏହି ଶାଢ଼ି କେବଳ ପିନ୍ଧିବା ପାଇଁ ଉଦ୍ଦିଷ୍ଟ ନୁହେଁ, ଏହା ଏକ ଅମୂଲ୍ୟ କଳାକୃତି, ଯାହା ଭାରତୀୟ ବୟନ କଳା ଗୌରବକୁ ବିଶ୍ୱରେ ଏକ ଭିନ୍ନ ପରିଚୟ ପ୍ରଦାନ କରିଛି।



## ଦୁର୍ଗା ଚାଳିଶା ପାଠର ନିୟମ



ନବରାତ୍ରୀରେ ମା' ଦୁର୍ଗା ନଅଟି ରୂପରେ ପୂଜା ପାଇଥାନ୍ତି। ଏହି ନଅଦିନ ମା' ଦୁର୍ଗା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରୀ ରୂପରେ ପୂଜା ପାଇଥାନ୍ତି। ଏହି ନବଦିନାତ୍ମକ ପୂଜାରେ ମା'ଙ୍କ ପୂଜାର୍ଚ୍ଚନା ସହ ଦୁର୍ଗାସପ୍ତଶତୀ ଏବଂ ଦୁର୍ଗା ଚାଳିଶା ପାଠ କରାଯାଏ। ଦୁର୍ଗା ଚାଳିଶା ପାଠ ଦ୍ୱାରା ମାନସିକ ଶାନ୍ତି ପ୍ରାପ୍ତ ହୁଏ। ଘରୁ ନକାରାତ୍ମକ ଶକ୍ତି ଦୂର ହୁଏ ଏବଂ ଆର୍ଥିକ ଲାଭ ହୁଏ। ତେବେ ଦୁର୍ଗା ଚାଳିଶା କିଭଳି ପାଠ କରିବେ, ସେ ସମ୍ପର୍କରେ ଜାଣିବା।

- ସକାଳୁ ସ୍ନାନ ସାରି ଭଲ ବସ୍ତ୍ର ପରିଧାନ କରନ୍ତୁ।
- ଏହାପରେ ଦେବୀ ମାତାଙ୍କ ପୂଜାର୍ଚ୍ଚନା କରନ୍ତୁ।
- ମା' ଦୁର୍ଗାଙ୍କୁ ଫୁଲ, ଧୂପ, ଦୀପ ଲାଗି କରିବା ସହ ପ୍ରସାଦ ଭୋଗ କରନ୍ତୁ।
- ଏହା ପରେ ଦୁର୍ଗା ଚାଳିଶା ପାଠ କରନ୍ତୁ।
- ଦୁର୍ଗା ଚାଳିଶା ପାଠ କରିସାରିବା ପରେ ମା'ଙ୍କ ଆରତୀ କରି ପ୍ରସାଦ ଗ୍ରହଣ କରନ୍ତୁ।

## ସ୍ୱସ୍ତି

## କନ୍ୟା ପୂଜା



ଖୁବ୍ ଶୀଘ୍ର ଆରମ୍ଭ ହେବ ଶାରଦୀୟ ନବରାତ୍ରୀ। ଆଶ୍ୱିନ ପ୍ରତିପଦାରୁ ନବରାତ୍ରୀ ପ୍ରାରମ୍ଭ ହୋଇଥାଏ ଏବଂ ଏହା ନବମୀ ତିଥି ପର୍ଯ୍ୟନ୍ତ ଚାଲେ। ନବରାତ୍ରୀ କନ୍ୟା ପୂଜାରେ ଶେଷ ହୋଇଥାଏ। ଏହା ପରେ ପାଳନ କରାଯାଏ ଦଶହରା। ତେବେ କନ୍ୟା ପୂଜା ବିନା ନବରାତ୍ରିର ନଅ ଦିନର ସାଧନାର ଫଳ ମିଳି ନ ଥାଏ। ଅଷ୍ଟମୀ ଏବଂ ନବମୀ ପୂଜା ପରେ କନ୍ୟା ପୂଜା କରାଯାଏ। ଏଥିରେ କନ୍ୟାମାନଙ୍କୁ ପୂଜା କରାଯାଇ ଭୋଜନ ଓ ଉପହାର ପ୍ରଦାନ କରାଯାଇ ଆଶୀର୍ବାଦ କାମନା କରାଯାଏ।

- ପ୍ରଥମେ କନ୍ୟାଙ୍କ ପାଦ ପ୍ରକ୍ଷାଳନ କରାଯାଏ।
- ଏହା ପରେ ତିଳକ କରାଯାଏ।
- ଏହାପରେ ଖାଦ୍ୟ ପ୍ରଦାନ କରାଯାଏ ଏବଂ ତା'ପରେ ଉପହାର ଦେବାର ନିୟମ ଅଛି।
- କନ୍ୟା ପୂଜା ଦ୍ୱାରା ଘରେ ମା' ଦୁର୍ଗା ବାସ କରନ୍ତି।
- କୌଣସି କନ୍ୟାଙ୍କୁ ଅପମାନିତ କିମ୍ବା ଦୁଃଖ ଦେବା ଅନୁଚିତ।
- ଉପହାରରେ କୌଣସି କଳା ରଙ୍ଗ ଜିନିଷ ପ୍ରଦାନ କରନ୍ତୁ ନାହିଁ। ଏହା ଦ୍ୱାରା ଶନି ଦୋଷ ଲାଗେ।
- ସେହିପରି କାଚ ଜିନିଷ ଦିଅନ୍ତୁ ନାହିଁ।
- ଚମଡ଼ାରୁ ତିଆରି ଜିନିଷ, ଷ୍ଟିଲ ଏବଂ ଲୁହା ଜିନିଷ ଦିଅନ୍ତୁ ନାହିଁ।
- କନ୍ୟା ସହିତ ଜଣେ ଛୋଟ ବାଳକକୁ ଆମନ୍ତ୍ରିତ କରିବା ଉଚିତ।
- ଉପହାରରେ ପୁରୁଣା ଓ ବ୍ୟବହୃତ ଜିନିଷ ପ୍ରଦାନ କରନ୍ତୁ ନାହିଁ।

## ନବରାତ୍ରୀରେ ଦୀପ ପ୍ରଜ୍ୱଳନ



ନବରାତ୍ରୀର ନଅଦିନରେ ନିତିଦିନ ଦେବୀଙ୍କ ଅଲଗା ଅଲଗା ରୂପକୁ ପୂଜା କରାଯାଏ। ଏଥିରେ ଅଖଣ୍ଡ ଦୀପ ପ୍ରଜ୍ୱଳନର ପରମ୍ପରା ରହିଛି। ଶାସ୍ତ୍ରରେ ଦୀପ ପ୍ରଜ୍ୱଳନର ବିଶେଷ ମହତ୍ତ୍ୱ ରହିଛି। ଏହି ନଅ ଦିନ ଦୀପ ପ୍ରଜ୍ୱଳନ କରିବା ଦ୍ୱାରା ଜୀବନର ଅନ୍ଧକାର ଦୂର ହୁଏ। ଘରେ ସୁଖ ଓ ସମୃଦ୍ଧିର ଆଗମନ ହୁଏ। ଏହି ଅବଧି ମଧ୍ୟରେ କେଉଁ କେଉଁ ସ୍ଥାନରେ ଦୀପ ଜାଳିବା ଦରକାର, ସେ ସମ୍ପର୍କରେ ଜାଣିବା।

### ମୁଖ୍ୟଦ୍ୱାର

ଶାସ୍ତ୍ରରେ ମୁଖ୍ୟ ଦ୍ୱାରରେ ଦୀପ ଜାଳିବା ଶୁଭ। ଏହା ଦ୍ୱାରା ଘରକୁ ଦେବୀଦେବତାଙ୍କର ପ୍ରବେଶ ହୋଇଥାଏ ଏବଂ ପରିବାରରେ ସୁଖ ଶାନ୍ତି ବୃଦ୍ଧି ପାଏ।

### ପୂଜାଘର

ପ୍ରଥମ ଦୀପ ଘରର ମନ୍ଦିର ଏବଂ ପୂଜା ସ୍ଥାନରେ ଜାଳିବା ଉଚିତ। ଏହା ଦ୍ୱାରା ଘରେ ସକାରାତ୍ମକ ଶକ୍ତିର ସଞ୍ଚାର ହୁଏ।

### ରୋଷେଇ ଘର

ନବରାତ୍ରୀରେ ରୋଷେଇ ଘରେ ଦୀପ ଜାଳିବା ଦ୍ୱାରା ମା' ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି। ଘରେ ଅନ୍ନର ଅଭାବ ଦେଖା ଦିଏ ନାହିଁ।

### ତୁଳସୀ ଚଉରା

ହିନ୍ଦୁ ଧର୍ମରେ ତୁଳସୀ ଗଛକୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଇଛି। ଏହି ନଅଦିନ ଯାକ ସନ୍ଧ୍ୟାରେ ଦୀପ ଜାଳିବା ଭଲ।

## ସୂର୍ଯ୍ୟାସ୍ତ ପରେ ଝାଡୁ କରିବା ମନା

**ରାତିରେ ଝାଡୁ ନ କରିବାର ନିୟମ ପ୍ରାଚୀନ କାଳରୁ ରହି ଆସିଛି। ରାତିରେ ଝାଡୁ ନ କରିବାର ମାନ୍ୟତା ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ର ଉପରେ ଆଧାରିତ। ରାତିରେ ଝାଡୁ କରିବା ଦ୍ୱାରା ମା' ଲକ୍ଷ୍ମୀ କୋପ କରନ୍ତି ଏବଂ ଘରେ ଦାରିଦ୍ର୍ୟତା ଦେଖା ଦିଏ ବୋଲି କୁହାଯାଏ।**

ହିନ୍ଦୁ ମାନ୍ୟତାନୁସାରେ, ଝାଡୁକୁ ଦେବୀ ଲକ୍ଷ୍ମୀଙ୍କ ପ୍ରତୀକ ବୋଲି କୁହାଯାଇଛି। ମାନ୍ୟତା ଅଛି ସନ୍ଧ୍ୟାରେ ଏବଂ ଦୀପ ଜଳିବା ପରେ ଦେବୀ ଲକ୍ଷ୍ମୀ ଘରେ ପ୍ରବେଶ କରନ୍ତି। ତେଣୁ ରାତିରେ ଝାଡୁ କରିବା ଦ୍ୱାରା ତାଙ୍କ ପ୍ରତି ଅପମାନିତ ହୁଏ। ଫଳରେ ସେ କୋପ କରି ଘର ଛାଡ଼ି ଚାଲିଯାଆନ୍ତି।

ସେହିପରି ବାସ୍ତୁଶାସ୍ତ୍ର ଅନୁସାରେ, କିଛି ଲୋକ ସନ୍ଧ୍ୟାରେ ଝାଡୁ କରି ଅଳିଆ ବାହାର କରନ୍ତି। ସୂର୍ଯ୍ୟାସ୍ତ ପରେ ଘରେ ଝାଡୁ କରିବା ଅନୁଚିତ। କୌଣସି କାରଣବଶତଃ ଝାଡୁ କରୁଥିଲେ, ଅଳିଆକୁ ଡଷ୍ଟବିନ୍‌ରେ ରଖନ୍ତୁ। ଏହାକୁ ତା'ପରଦିନ ସକାଳୁ ଫିଙ୍ଗିଦିଅନ୍ତୁ।

ତେବେ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ରାହୁ ଓ କେତୁଙ୍କ ପ୍ରଭାବ ରାତିରେ ଥିବାରୁ ଏହି ସମୟରେ ଝାଡୁ କରିବା ମନା। ଏହାବାଦ୍ ଏହି ସମୟ ତାମସିକ ଶକ୍ତିର। ଏହି ସମୟରେ ଝାଡୁ ଲଗାଇବା ଦ୍ୱାରା ନକାରାତ୍ମକ ଶକ୍ତି ବୃଦ୍ଧି ପାଇବା ଆଶଙ୍କା ଅଛି।



## ଏସିଆ କପ୍: ଭାରତ-ପାକିସ୍ତାନ ସୁପର-୪ ମୁକାବିଲା

# ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ

ଦୁବାଇ,୨୧।୯ (ଏଜେନ୍ସି)

ଯୁବ ଓପନର ସାହିବଜାଦା ଫରହାନଙ୍କ ଅର୍ଦ୍ଧଶତକ ଓ ଶେଷ ୩ ଓଭରରେ ଦ୍ରୁତ ରନ୍ ସଂଗ୍ରହ ଫଳରେ ଏଠାରେ ରବିବାର ଅନୁଷ୍ଠିତ ଭାରତ ବିପକ୍ଷ ଏସିଆ କପ୍ ମ୍ୟାଚ୍‌ରେ ପାକିସ୍ତାନ ୫ ୱିକେଟରେ ୧୭୧ ରନ୍‌ର ଲଢୁଆ ସ୍କୋର ସଂଗ୍ରହ କରିଛି। ପାକିସ୍ତାନ ପକ୍ଷରୁ ୦ ଓ ୩୨ ରନ୍‌ରେ ଦୁଇଟି ଜୀବନଦାନ ପାଇଥିବା ଫରହାନ ସର୍ବାଧିକ ୫୮ ରନ୍ କରିଥିଲେ ଓ ଦଳ ଶେଷ ୩ ଓଭରରେ ୪୨ ରନ୍ ଉଠାଇବା ଫଳରେ ଦଳ ଏପରି ଏକ ସ୍କୋର କରିଥିଲା। ଜବାବରେ ୧୭୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୯ ଓଭର ଖେଳ ଶେଷ ସୁଦ୍ଧା କୌଣସି ୱିକେଟ ନ ହରାଇ ୧୦୨ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଅଭିଷେକ ଶର୍ମା ୨୯ ବଲରେ ୫୬ ଓ ଶୁବମନ ଗିଲ୍ ୨୦ ବଲରେ ୪୫ ରନ୍ କରିଥିଲେ। ସୁପର-୪'ର ପ୍ରଥମ ମ୍ୟାଚ୍‌ରେ ଗତକାଲି ବାଂଲାଦେଶ ୪ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ଆସନ୍ତାକାଲି ମ୍ୟାଚ୍‌ର ବିଶ୍ରାମ ଦିନ। ପରବର୍ତ୍ତୀ ମ୍ୟାଚ୍‌ରେ ମଙ୍ଗଳବାର ପାକିସ୍ତାନ ସହ ଶ୍ରୀଲଙ୍କା ଓ ବୁଧବାର ଭାରତ ସହ ବାଂଲାଦେଶର ମୁକାବିଲା ହେବ। ସୁପର-୪'ରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳ ମଧ୍ୟରେ ସେପ୍ଟେମ୍ବର ୨୮ରେ ଫାଇନାଲ ମୁକାବିଲା ହେବ।




### ଘଟଣାବହୁଳ ପାକିସ୍ତାନ ଇନିଂସ

ଟସ୍ ହାରି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରିବା ପରେ ଭାରତର ଦୁର୍ବଳତାକୁ ପାଥେୟ କରି ତିଷ୍ଠି ଯାଇଥିଲା। ଏହି ମ୍ୟାଚ୍‌ରେ ଦଳ ତାହାର ରଣନୀତି ବଦଳାଇ ଫଖର ଜମାନଙ୍କୁ ଇନିଂସ ଓପନ କରାଇଥିଲା। ପ୍ରଥମ ଓଭରରେ ସାହିବଜାଦା ଫରହାନ ୦ ଏବଂ ୩୨ରେ ଅଭିଷେକ ଶର୍ମାଙ୍କ ଦ୍ୱାରା କ୍ୟାଚ୍ ଡ୍ରପ୍ ହୋଇଥିଲେ। ଏହି ଜୀବନଦାନ ପାଇବା ପରେ ସେ ଅର୍ଦ୍ଧଶତକ ହାସଲ କରି ୪୫ ବଲ୍‌ରୁ ସର୍ବାଧିକ ୫୮ ରନ୍ କରିଥିଲେ। ୱିକେଟକିପର ସଞ୍ଜୁ ସାମସନ ନେଇଥିବା ଜମାନଙ୍କ କ୍ୟାଚ୍‌କୁ ନେଇ ବିତର୍କ ହୋଇଥିଲା। ପାକିସ୍ତାନ ପ୍ରଥମ ୧୦ ଓଭରରେ ୧ ୱିକେଟ ହରାଇ ୯୧ ରନ୍ କରିଥିଲା। କିନ୍ତୁ ଶିବମ ଦୁବେ ବୋଲିଂ କରିବାକୁ ଆସିବା ପରେ ପାକିସ୍ତାନର ରନ୍ ହାର କମିଯାଇଥିଲା। ଦଳ ଏହି ସମୟରେ ୬ ଓଭର ଖେଳି ୩ ୱିକେଟ ବିନିମୟରେ ମାତ୍ର ୩୦ ରନ୍ କରିଥିଲା। ସବୁଠାରୁ ଉଲ୍ଲେଖନୀୟ କଥା ହେଲା ଏହି ୬ ଓଭରରେ ପାକିସ୍ତାନ ଗୋଟିଏ ହେଲେ ବାଉଣ୍ଡାରୀ ମାରିବାରେ ସମର୍ଥ ହୋଇ ନ ଥିଲା। କିନ୍ତୁ ଶେଷ ୩ ବ୍ୟାଟର ଯଥା ମହମ୍ମଦ୍ ନୱାଜ ୧୯ ବଲ୍‌ରେ ୨୧, ଅଧିନାୟକ ସଲମାନ ଅଲି ଆଘା ୧୩ ବଲ୍‌ରେ ଅପରାଜିତ ୧୭ ଓ ଫହୀମ ଅଶ୍ରଫ ୮ ବଲ୍‌ରେ ଅପରାଜିତ ୨୦ ରନ୍ କରିବା ଫଳରେ ପାକିସ୍ତାନ ୫ ୱିକେଟରେ ୧୭୧ ରନ୍ କରିଥିଲା। ଦଳ ଯେପରି ଆରମ୍ଭ ପାଇଥିଲା ତାହାକୁ ବଡ଼ ସ୍କୋରରେ ପରିଣତ କରି ପାରି ନ ଥିଲା। ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ୪ ଓଭରରେ ମାତ୍ର ୨୫ ରନ୍ ଦେଇ ଚମତ୍କାର ବୋଲି କରିଥିଲେ। ଶିବମ ଦୁବେ ୩୩ ରନ୍‌ରେ ସର୍ବାଧିକ ୨ଟି ୱିକେଟ ପାଇଥିଲେ। କୁଲଦୀପ ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ଜଣେ ଲେଖାଏଁ ଖେଳାଳିଙ୍କୁ ପାଭିଲିୟନ ଫେରାଇଥିଲେ। ପାକିସ୍ତାନ ବିପକ୍ଷ ଏହି ସୁପର୍-୪ ମୁକାବିଲାରେ ଭାରତୀୟ ପ୍ରମୁଖ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ। ପାୱାର ପ୍ଲେ'ର ୬ ଓଭର ମଧ୍ୟରେ ବୁମ୍‌ରା ୩ ଓଭର ବୋଲିଂ କରି ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଏହି ୩ ଓଭରରେ ସେ କୌଣସି ୱିକେଟ ପାଇ ନ ଥିବାବେଳେ ୩୪ ରନ ବ୍ୟୟ କରିଥିଲେ। ଫଳରେ ବୁମ୍‌ରା ତାଙ୍କ ଟି-୨୦ କ୍ୟାରିୟରରେ ପାୱାର ପ୍ଲେ'ରେ ସବୁଠୁ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ଏଥିପୂର୍ବରୁ ୨୦୧୬ରେ ଏମ୍‌ସିଜି ଗ୍ରାଉଣ୍ଡରେ ଘରୋଇ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ରେ ବୁମ୍‌ରା ପାୱାର ପ୍ଲେ'ରେ ୩୧ ରନ ବ୍ୟୟ କରିଥିଲେ।

### ଚହଲଙ୍କୁ ଟପିଲେ ପାଣ୍ଡ୍ୟା

ପାକିସ୍ତାନର ଫଖର ଜମାନଙ୍କୁ ଆଉଟ୍ କରି ହାର୍ଦ୍ଦିକ ପାଣ୍ଡ୍ୟା ଟି-୨୦ରେ ତାଙ୍କର ୯୭ତମ ୱିକେଟ୍ ଅକ୍ତିଆର କରିଛନ୍ତି। ଏଥିସହ ଅନ୍ତର୍ଜାତୀୟ ଟି-୨୦ରେ ଭାରତୀୟ ଭାବେ ସର୍ବାଧିକ ୱିକେଟ୍ ନେବାରେ ଯୁଜବେନ୍ଦ୍ର ଚହଲଙ୍କୁ ପଛରେ ପକାଇଛନ୍ତି ପାଣ୍ଡ୍ୟା। ଏହି ତାଲିକାରେ ଅର୍ଶଦୀପ୍ ସିଂହ ୧୦୦ ୱିକେଟ ସହ ଶୀର୍ଷରେ ରହିଛନ୍ତି। ସେହିଭଳି ୯୭ ୱିକେଟ୍ ସହ ପାଣ୍ଡ୍ୟା ଦ୍ୱିତୀୟ ଓ ୯୬ ୱିକେଟ୍ ସହ ଚହଲ ତୃତୀୟରେ ରହିଛନ୍ତି। ଯଶପ୍ରୀତ୍ ବୁମରା (୯୨ ୱିକେଟ୍) ଓ ଭୁବନେଶ୍ୱର କୁମାର (୯୦) ଯଥାକ୍ରମେ ଏହି ତାଲିକାରେ ୪ର୍ଥ ଓ ୫ମ ସ୍ଥାନ ହାସଲ କରିଛନ୍ତି।

## ବିସିସିଆଇ ସଭାପତି ହେବେ ମିଥୁନ ମାନହାସ



ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଦିଲ୍ଲୀ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମିଥୁନ ମାନହାସ ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ)ର ସଭାପତି ପଦ ଲାଗି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେ ଶକ୍ତିଶାଳୀ ଜୟଦେବ ଶାହ ଗ୍ରୁପର ହୋଇଥିବାରୁ ପରବର୍ତ୍ତୀ ସଭାପତି ହେବା ଏକପ୍ରକାର ନିଶ୍ଚିତ ହୋଇଛି। ବର୍ତ୍ତମାନର ଭାରତୀୟ କ୍ରିକେଟ ପ୍ରଶାସନରେ ଜୟଦେବଙ୍କୁ ମୁକାବିଲା କରିବା କେବଳ କଷ୍ଟକର ନୁହେଁ, ଅସମ୍ଭବ ମଧ୍ୟ। ଏଣୁ ମାନହାସ ଯେ ପରବର୍ତ୍ତୀ ସଭାପତି ହେବେ ଏଥିରେ କୌଣସି ସନ୍ଦେହ ନାହିଁ। ପ୍ରଥମଶ୍ରେଣୀ କ୍ରିକେଟରେ ୧୫୭ଟି ମ୍ୟାଚ୍ ଖେଳିଥିବା ୪୫ ବର୍ଷୀୟ ମିଥୁନ ମାନହାସ ଜମ୍ମୁ-କାଶ୍ମୀର କ୍ରିକେଟ ପରିଚାଳନା ଲାଗି ଗଠିତ କମିଟିରେ ୨୦୨୧ରୁ ସଦସ୍ୟ ଓ ଆଇପିଏଲ୍ ଟିମ୍ ଗୁଜରାଟ ଟାଇଟନ୍ସର ସହକାରୀ କୋଚ୍ ଅଛନ୍ତି। ମାନହାସ ଜଣେ ଖେଳାଳି ହୋଇଥିବାରୁ ସେ ବୋର୍ଡର ସଭାପତି ଦାୟିତ୍ୱ ନେବାକୁ ଆମେ ମିଳିତ ଭାବେ ନିଷ୍ପତ୍ତି ନେଇଛୁ ବୋଲି ଦ୍ୱିତୀୟଥର ଉପସଭାପତି ଲାଗି ପ୍ରାର୍ଥୀପତ୍ର ଦାଖଲ କରିଥିବା ରାଜୀବ ଶୁକ୍ଲା କହିଛନ୍ତି। ଏହି ଗ୍ରୁପ୍‌ର ଅନ୍ୟମାନଙ୍କ ମଧ୍ୟରେ ଦେବଜିତ ସାଇକିଆ ସମ୍ପାଦକ, ପୂର୍ବତନ ଟେଷ୍ଟ କ୍ରିକେଟର କର୍ଣ୍ଣାଟକର ରଘୁରାମ ଭଟ୍ଟ କୋଷାଧ୍ୟକ୍ଷ, ପ୍ରଭତେଜ ସିଂହ ଭାଟିଆ ଯୁଗ୍ମ ସମ୍ପାଦକ, ଅରୁଣ ସିଂ ଧୂମାଲ ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍ସିଲ ଚେୟାରମ୍ୟାନ୍ ଓ ଜୟଦେବ ଶାହ ଆପେକ୍ସ କାଉନ୍ସିଲ ସଦସ୍ୟ ଲାଗି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମୁମ୍ବଇସ୍ଥିତ ବିସିସିଆଇ ମୁଖ୍ୟକାର୍ଯ୍ୟାଳୟରେ ସେପ୍ଟେମ୍ବର ୨୮ ତାରିଖରେ ଏଜିଏମ୍ ଓ ନିର୍ବାଚନ ଅନୁଷ୍ଠିତ ହେବ। ଏହି ଦିନ ମଧ୍ୟ ୟୁଏଇରେ ଚାଲିଥିବା ଏସିଆ କପ୍ ଫାଇନାଲ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

■ ଚାଇନା ମାଷ୍ଟର୍ସ


## ସାତ୍ତ୍ୱିକ-ଚିରାଗ ପୁଣିଥରେ ଫାଇନାଲରେ ଝୁଣ୍ଟିଲେ

ବେଜିଂ, ୨୧।୯ (ଏଜେନ୍ସି): ଭାରତୀୟ ତାରକା ବ୍ୟାଡ୍‌ମିଣ୍ଟନ ଯୋଡ଼ି ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ କ୍ରମାଗତ ଦ୍ୱିତୀୟ ସପ୍ତାହରେ ଏକ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପରାଜୟବରଣ କରିଛନ୍ତି। ଗତ ସପ୍ତାହରେ ହଂକଂ ଓପନରେ ରନର୍ସଅପ୍ ହୋଇଥିବା ସାତ୍ତ୍ୱିକ-ଚିରାଗ ରବିବାର ଚାଇନା ମାଷ୍ଟର୍ସରେ ମଧ୍ୟ ଫାଇନାଲରେ ଝୁଣ୍ଟିଛନ୍ତି। ଆଜି ଖେଳାଯାଇଥିବା ପୁରୁଷ ଡବଲ୍ସ ଫାଇନାଲରେ ଟପ୍ ସିଡ୍ କୋରିଆର କିମ୍ ୱନ-ହୋ ଓ ସିଓ ସିଅଙ୍ଗ-ଜାଏ ଯୋଡ଼ି ୨୧-୧୯, ୨୧-୧୫ ସିଧାସଳଖ ଗେମରେ ସାତ୍ତ୍ୱିକ-ଚିରାଗ ଯୋଡ଼ିଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ୨୦୨୩ ସଂସ୍କରଣରେ ମଧ୍ୟ ସାତ୍ତ୍ୱିକ-ଚିରାଗ ଯୋଡ଼ି ଚାଇନା ମାଷ୍ଟର୍ସରେ ରନର୍ସଅପ୍ ରହିଥିଲେ।

## ଶ୍ରୀଲଙ୍କାକୁ ହରାଇଲା ବାଂଲାଦେଶ

ଦୁବାଇ,୨୧।୯ (ଏଜେନ୍ସି): ସୈଫ ହାସନ ଓ ତୋହିଦ୍ ହୃଦୟଙ୍କ ଦମ୍‌ଦାର ଅର୍ଦ୍ଧଶତକ ସତ୍ତ୍ୱେ ଏଠାରେ ଶନିବାର ଅନୁଷ୍ଠିତ ଏସିଆ କପ୍ ସୁପର-୪'ର ପ୍ରଥମ ମୁକାବିଲାରେ ବାଂଲାଦେଶ ୪ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ ହରାଇ ବିପର୍ଯ୍ୟୟ ଘଟାଇଛି। ଏହା ଫଳରେ ବିଜୟୀ ବାଂଲା ଦଳକୁ ଗୁରୁତ୍ୱପୂର୍ଣ୍ଣ ୪ ପଏଣ୍ଟ ମିଳିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ଦାସୁନ ସାନକାଙ୍କ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୬୮ ରନ୍ କରିଥିଲା। ସାନକା ୩୭ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ଓ ୬ ଛକା ସହାୟତାରେ ଅପରାଜିତ ୬୪ ରନ୍ କରିଥିଲେ। କୁଶାଲ ମେଣ୍ଡିସ୍ ୩୪, ପାଥୁମ ନିଶାଙ୍କା ୨୨ ଓ ଅଧିନାୟକ ଚାରିତ ଆଶାଲଙ୍କା ୨୧ ରନ୍‌ର ସହାୟତା ଦେଇଥିଲେ। ବାଂଲାଦେଶ ପକ୍ଷରୁ ପେସର ମୁସ୍ତାଫିଜୁର ରହମନ ୩ଟି ଓ ମାହେଦୀ ହାସନ ୨ଟି ୱିକେଟ ପାଇଥିଲେ। ଜବାବରେ ବାଂଲାଦେଶ ଗୋଟିଏ ବଲ ବାକିଥାଇ ୬ ୱିକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ବାଂଲା ପକ୍ଷରୁ ଓପନର ସୈଫ୍ ହାସନ ୪୫ବଲ୍‌ରେ ୬୧, ତୋହିଦ ହୃଦୟ ୩୭ବଲ୍‌ରେ ୫୮ ରନ୍ କରି ଦଳକୁ ଜିତାଇଥିଲେ। ଶ୍ରୀଲଙ୍କାର ୱାନିନ୍ଦୁ ହାସରଙ୍ଗାଙ୍କୁ ୨ଟି ୱିକେଟ ମିଳିଥିଲା।

## କୋରିଆ ଓପନ୍ ଟାଇଟଲ୍ ଜିତିଲେ ସ୍ୱିଆଟେକ୍



ସିଓଲ୍, ୨୧।୯ (ଏଜେନ୍ସି): ପୋଲାଣ୍ଡ ଯୁବ ଟେନିସ ଖେଳାଳି ଇଗା ସ୍ୱିଆଟେକ୍ ଏଠାରେ ଅନୁଷ୍ଠିତ ୯ କୋଟି ୩୭ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ କୋରିଆ ଓପନ୍‌ରେ ଚାମ୍ପିଅନ ହୋଇଛନ୍ତି। ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ସ୍ୱିଆଟେକ ୧-୬, ୭-୬ (୩), ୭-୫ ସେଟ୍‌ରେ ରୁଷିଆର ଏକଟେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ରହିଥିବା ସ୍ୱିଆଟେକଙ୍କ ଚଳିତ ବର୍ଷର ଏହା ୩ୟ ଟ୍ରଫି ଥିଲା। ଏଥିପୂର୍ବରୁ ସେ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଓ ସିନ୍‌ସିନ୍ନାଟି ଓପନ୍‌ରେ ଚାମ୍ପିଅନ ହୋଇଥିଲେ।

## ଅଷ୍ଟ୍ରେଲିଆକୁ ହରାଇଲା ଭାରତ

ସିଡ୍‌ନୀ,୨୧।୯ (ଏଜେନ୍ସି): ଅଭିଜ୍ଞାନ କୁଣ୍ଡୁ ଓ ବେଦାନ୍ତ ତ୍ରିବେଦୀଙ୍କ ଅର୍ଦ୍ଧଶତକ ବଳରେ ଇଆନ ହିଲି ଓଭାଲରେ ଖେଳାଯାଇଥିବା ୧୯ ବର୍ଷରୁ କମ୍ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୭ ୱିକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଭାରତୀୟ ବୋଲରଙ୍କ ଉନ୍ନତ ପ୍ରଦର୍ଶନ ଯୋଗୁଁ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୯ ୱିକେଟରେ ୨୨୫ ରନ୍ କରିଥିଲା। ଜବାବରେ ଭାରତୀୟ ଯୁବ ଦଳ ୧୧୭ଟି ବଲ୍ ଓ ୭ଟି ୱିକେଟ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଦଳ ପକ୍ଷରୁ ଅଭିଜ୍ଞାନ କୁଣ୍ଡୁ ୮୭ ଓ ବେଦାନ୍ତ ତ୍ରିବେଦୀ ୬୧ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏମାନଙ୍କ ଅବିଭକ୍ତ ଚତୁର୍ଥ ୱିକେଟ ଯୋଡିରୁ ୧୫୨ ରନ୍ ସଂଗୃହୀତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମସ୍ତଙ୍କ ନଜରରେ ଥିବା ବୈଭବ ସୂର୍ଯ୍ୟବଂଶୀ ୨୨ ବଲ୍‌ରୁ ୭ ଚୌକା ସହ ୩୮ ରନ୍ କରିଥିଲେ।

ନ୍ୟାସନାଲ୍ ଜିମ୍ନାଷ୍ଟିକ୍ସ

## ଜେଏମ୍ ଏକାଡେମୀକୁ ସଫଳତା

ଭୁବନେଶ୍ୱର,୨୧।୯ (ସମିସ): ମହାରାଷ୍ଟ୍ରର ଶିରିଡିଠାରେ ଅନୁଷ୍ଠିତ ହୋଇଯାଇଛି ସିବିଏସ୍‌ଇ ନ୍ୟାସନାଲ ଜିମ୍ନାଷ୍ଟିକ୍ସ। ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ଜେଏମ୍ ସ୍ପୋର୍ଟ୍ସ ଏକାଡେମୀକୁ ୧ଟି ପଦକ ମିଳିଛି। ଏହା ମଧ୍ୟରୁ ୧୧ ବର୍ଷରୁ କମ୍ ବାଳକ ବିଭାଗରେ ବିଭାନ୍ୟାସ ପାଣିଗ୍ରାହୀ ପୋମେଲ ହର୍ଷରେ କାଂସ୍ୟ ପଦକ ବିଜୟୀ



ହୋଇଛନ୍ତି। ସେହିପରି ଏହି ବର୍ଗର ବାଳିକା ବିଭାଗରେ ଦିବ୍ୟାଞ୍ଜଳି ମହନ୍ତ ୫ମ ସ୍ଥାନ ଅଧିକାର କରିଛନ୍ତି। ଜାତୀୟସ୍ତରରେ ସଫଳତା ମିଳିବା ପରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପ୍ରଶିକ୍ଷାର୍ଥୀ ଆହୁରି ଆଗକୁ ବଢ଼ିବେ ବୋଲି ଏହାର ଅଧକ୍ଷା ମୀରାରାଣି ଦାସ ଆଶା ପ୍ରକାଶ କରିଛନ୍ତି।

## ଟାଇଟଲ୍ ଜିତିଲେ ଜ୍ଞାନରଞ୍ଜନ



ଭୁବନେଶ୍ୱର,୨୧।୯ (ସମିସ): ଓଡ଼ିଶା ରାଜ୍ୟ ଚେସ ସଂଘ ଓ ଓମ୍ ଗୁରୁକୂଳ ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ଶାନ୍ତିବାଳା ମହାନ୍ତି ସ୍ମାରକୀ ଚେସ୍ ପ୍ରତିଯୋଗିତାରେ ଜ୍ଞାନରଞ୍ଜନ ସେଠୀ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ରନର୍ସଅପ୍ ଓ ଆଦିତ୍ୟରଞ୍ଜନ ଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଟୁର୍ଣ୍ଣାମେଣ୍ଟ ଗୋଟିଏ ଦିନରେ ୫ ରାଉଣ୍ଡ ବିଶିଷ୍ଟ ହୋଇଥିଲା। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟକୁ ଓମ୍‌ଗୁରୁକୂଳ ପବ୍ଲିକ୍ ସ୍କୁଲ୍‌ର ଏମ୍‌ଡି ଲକ୍ଷ୍ମୀଧର ବେହେରା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତା ଶେଷରେ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ସହଯୋଗୀ ପ୍ରଫେସର ଡ. ଶୁଭ୍ରା ପଟ୍ଟନାୟକ, ପିପିଟିର ପୂର୍ବତନ ମୁଖ୍ୟ ଯନ୍ତ୍ରୀ ସୁନୀଲ ପଟ୍ଟନାୟକ ଓ ସ୍କୁଲର ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ ଅତିଥିଭାବେ ଯୋଗଦେଇଥିଲେ।

ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍ ୨ରୁ

## ୨୩ କିମ୍ବା ୨୪ରେ ଭାରତୀୟ ଦଳ ଚୟନ

ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ୱେଷ୍ଟଇଣ୍ଡିଜ୍ ଦଳ ଚଳିତ ମାସ ୨୪ ତାରିଖରେ ଭାରତ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତରେ ପ୍ରଥମ ଟେଷ୍ଟ ଅକ୍ଟୋବର ୨ରୁ ଅହମ୍ମଦାବାଦ୍ ଓ ଦ୍ୱିତୀୟ ଟେଷ୍ଟ ଅକ୍ଟୋବର ୧୦ରୁ ନୂଆଦିଲ୍ଲୀରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହି ସିରିଜ୍ ଲାଗି ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଚଳିତମାସ ୨୩ କିମ୍ବା ୨୪ରେ ଚୟନ କରାଯିବ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି। ବିସିସିଆଇ ସିନିୟର ଚୟନ କମିଟି ଅଧକ୍ଷ ଅଜିତ ଅଗରକର ଏବେ ଏସିଆ କପ୍ ଲାଗି ୟୁଏଇରେ ଅଛନ୍ତି। ଏଣୁ ଚୟନ ପ୍ରକ୍ରିୟା ଅନ୍‌ଲାଇନ୍‌ରେ ହେବ ବୋଲି ସାଇକିଆ ସୂଚନା ଦେଇଛନ୍ତି। ରୋଷ୍ଟୋନ ଚେଜ୍‌ଙ୍କ ନେତୃତ୍ୱରେ ଘୋଷିତ ୱେଷ୍ଟଇଣ୍ଡିଜ୍ ଦଳରେ ଶିବନାରାୟଣ ଚନ୍ଦରପଲଙ୍କ ସୁପୁତ୍ର ଟାଗେନାରିନ୍‌ଙ୍କୁ ଏହି ଦଳରେ ସାମିଲ କରାଯାଇଛି।

### ପ୍ରଜ୍ଞାନ ଓଝା ନୂଆ ଚୟନକର୍ତ୍ତା



ହାଇଦ୍ରାବାଦ୍ ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ ଖେଳିଥିବା ପୂର୍ବତନ ଅନ୍ତର୍ଜାତୀୟ ଓଡ଼ିଆ ବାମହାତୀ ସ୍ପିନର ପ୍ରଜ୍ଞାନ ଓଝା ବିସିସିଆଇ ସିନିଅର ଚୟନ କମିଟିର ନୂଆ ସଦସ୍ୟ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ଏସ୍ ଶରତଙ୍କ ସ୍ଥାନରେ ସେ ଏହି ଦାୟିତ୍ୱ ସମ୍ଭାଳିବେ। ସେହିପରି କେନ୍ଦ୍ରାଞ୍ଚଳର ରୁଦ୍ରପ୍ରତାପ ସିଂ ମଧ୍ୟ ନୂଆ ଚୟନକର୍ତ୍ତା ହେବେ ବୋଲି ସ୍ଥିର ହୋଇଛି। ସେପ୍ଟେମ୍ବର ୨୮ରେ ହେବାକୁ ଥିବା ଏଜିଏମ୍‌ରେ ଏହି ଦୁଇ ଚୟନକର୍ତ୍ତାଙ୍କ ନାମରେ ମୋହର ବାଜିବ। ଏସ୍ ଶରତ ଓ ସୁବ୍ରତ ବାନାର୍ଜୀଙ୍କ ଲାଗି ଏହା ଶେଷ ଭାରତୀୟ ଦଳ ଚୟନ ହେବ ବୋଲି ବିସିସିଆଇ ସୂତ୍ରରୁ ଜଣାଯାଇଛି।

## ଓପିଟିଏଲ୍: ସମ୍ବଲପୁରକୁ ଜିତାଇଲେ ଶୁଭ୍ରାଂଶୁ

କଟକ, ୨୧।୯ (ସମିସ): ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍ (ଓପିଟିଏଲ) ରେ ଗତକାଲି ରାତିରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ସମ୍ବଲପୁର ୱାରିୟର୍ସ ବିଜୟୀ ହୋଇଛି। ଏହି ମ୍ୟାଚରେ ସମ୍ବଲପୁର ୭ ୱିକେଟ୍‌ରେ ପୁରୀ ଟାଇଟାନ୍ସକୁ ପରାସ୍ତ କରିଛି। ବର୍ଷା ଯୋଗୁ ଏହି ମ୍ୟାଚକୁ ୫ ଓଭରବିଶିଷ୍ଟ କରାଯାଇଥିଲା। ଏଥିରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପୁରୀ ଟାଇଟାନ୍ସ ୫ ୱିକେଟ୍‌ରେ ୪୮ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟକ ସନ୍ଦୀପ ପଟ୍ଟନାୟକ ୧୭, ସାରାଂଶ କୁମାର ୧୧ ରନ କରିଥିଲେ। ପ୍ରତିପକ୍ଷ ସମ୍ବଲପୁରର ବିମଳ କୁମାର ୨ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ଦ୍ରୁତ ଅପରାଜିତ ୩୫ ରନ ବଳରେ ସମ୍ବଲପୁର ୪.୧ ଓଭରରେ ୩ ୱିକେଟ୍ ହରାଇ ସହଜ ବିଜୟ ହାସଲ କରିଥିଲା। ଶୁଭ୍ରାଂଶୁ ୧୨ଟି ବଲ ଖେଳି ୩ ଚୌକା ଓ ୨ ଛକା ମାରିଥିଲେ। ପୁରୀର ଅଭିଜ୍ଞ ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କୁ ୩ଟି ଯାକ ୱିକେଟ୍ ମିଳିଥିଲା। ରବିବାର ଅପରାହ୍ଣରେ ସମ୍ବଲପୁର ଓ ଭୁବନେଶ୍ୱର ଟାଇଗର୍ସ ମଧ୍ୟରେ ଖେଳାଯିବାକୁ ଥିବା ଏକ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଯାଇଛି।

# ସ୍ୱର୍ଣ୍ଣ ବିଜୟ ସହ ଫେରିଲେ ପ୍ରମୋଦ

ଭୁବନେଶ୍ୱର,୨୧।୯ (ସମିସ)

ପୁଣିଥରେ ସଫଳତାର ସହ ବ୍ୟାଡମିଣ୍ଟନ ଜଗତକୁ ଫେରିଛନ୍ତି ପାରାଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ। ଏବେ ଅନୁଷ୍ଠିତ ଚୀନ୍ ମାଷ୍ଟର୍ସ ପାରା ବ୍ୟାଡ୍‌ମିଣ୍ଟନର ଏସଏଲ-୩ରେ ପ୍ରମୋଦ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ସେ ଦୀର୍ଘ ୧୮ ମାସର ବ୍ୟବଧାନ ପରେ ବ୍ୟାଡ୍‌ମିଣ୍ଟନ ଜଗତକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଟପ୍ ଆଥ୍‌ଲେଟ ଯେଉଁଆଡେ ରହିଲେ ମଧ୍ୟ ସେମାନେ ନାଡା ଓ ସେମାନଙ୍କ ସଂଗଠନକୁ ଜଣାଇବା ଜରୁରୀ। କିନ୍ତୁ ପ୍ରମୋଦ ତାହା ଏକାଧିକ ଥର କରି ନ ଥିବାରୁ ହ୍ୱେୟାର ଆବାଉଟ୍ କ୍ଲଜ୍ ଅନୁଯାୟୀ ବାସନ୍ଦ ହୋଇଥିଲେ।




ଯାହାଫଳରେ ପ୍ୟାରିସ ପାରା ଅଲିମ୍ପିକ୍ସରେ ସେ ଭାଗନେଇ ପାରି ନ ଥିଲେ। ସାମାନ୍ୟ ତ୍ରୁଟି ଯୋଗୁଁ ଅଲିମ୍ପିକ୍ସ ଭଳି କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇ ନ ପାରିବା କେବଳ ପ୍ରମୋଦ ନୁହେଁ ବରଂ ସମଗ୍ର ଓଡ଼ିଶାର କ୍ରୀଡ଼ାବିତ୍‌ଙ୍କୁ କଷ୍ଟ ଦେଇଥିଲା। ସେ ଯାହା ହେଉ ଏବେ ସେ ପୁଣିଥରେ ବ୍ୟାଡ୍‌ମିଣ୍ଟନ ମୁଖ୍ୟ ଦୌଡ଼କୁ ଫେରିବା ପରେ ସବୁକିଛି ଠିକ୍ ହୋଇଯିବ ବୋଲି ଆଶା କରାଯାଉଛି।

ଚୀନ୍ ମାଷ୍ଟର୍ସ ପାରା ବ୍ୟାଡ୍‌ମିଣ୍ଟନର ଏସ୍‌ଏଲ-୩ ଫାଇନାଲରେ ଇଣ୍ଡୋନେସିଆର ମୁହ ଅଲ ଇମ୍ରାନଙ୍କୁ ୨୧-୧୯, ୨୧-୧୬ରେ ପରାସ୍ତ କରିଥିଲେ। ସେହିପରି ପୁରୁଷ ଡବଲ୍ସରେ ସୁକାନ୍ତ କଦମଙ୍କୁ ପାର୍ଟନର କରି ସେ କାଂସ୍ୟ ପଦକ ବିଜୟୀ ହୋଇଥିଲେ।

ଜାପାନରୁ ଆରମ୍ଭ ଓ ଶେଷ

## ଅବସର ନେଲେ ଧାବିକା ସେଲୀ

ଟୋକିଓ, ୨୧।୯ (ଏଜେନ୍ସି): ଜାମାଇକାର ମହାନ ଧାବିକା ସେଲୀ-ଆନ୍ନ ଫ୍ରେଜର-ପ୍ରେସି ୧୮ ବର୍ଷର କ୍ୟାରିୟରର ଅନ୍ତ ଘଟାଇ ରବିବାର ଅବସର ନେଇଛନ୍ତି। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ୩୮ ବର୍ଷୀୟା ସେଲୀ ଯେଉଁଠୁ କ୍ୟାରିୟର ଆରମ୍ଭ କରିଥିଲେ ସେହି ଦେଶରେ ବିଦାୟୀ ରେସରେ ମଧ୍ୟ ଦୌଡ଼ିଛନ୍ତି। ୧୮ ବର୍ଷ ତଳେ ୨୦୦୭ରେ ଜାପାନର ଓସାକା ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଜରିଆରେ ସେଲୀ ଅନ୍ତର୍ଜାତୀୟ ଦୌଡ଼କୁଦରେ ପାଦ ଥାପିଥିଲେ। ରବିବାର ସେହି ଜାପାନର ଟୋକିଓରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ସେଲୀ ନିଜର ବିଦାୟୀ ରେସରେ ଦୌଡ଼ିଛନ୍ତି।



ରବିବାର ଅନୁଷ୍ଠିତ ମହିଳା ୪ ଗୁଣା ୧୦୦ ମିଟର ରେସରେ ଜାମାଇକା ଦଳ ରୌପ୍ୟ ପଦକ ଜିତିଥିଲା। ଏହି ଦଳରେ ସଦସ୍ୟା ଥିବା ସେଲୀ ରୌପ୍ୟ ପଦକ ସହ ତାଙ୍କ ଜାଜ୍ୱଲ୍ୟମୟ କ୍ୟାରିୟରର ଅନ୍ତ ଘଟାଇଛନ୍ତି। ନିକଟରେ ସେଲୀ ଘୋଷଣା କରିଥିଲେ ଯେ, ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ପରେ ସେ ଅବସର ନେବେ। ସେଲୀ ତାଙ୍କ କ୍ୟାରିୟରରେ ୩ଥର ଅଲିମ୍ପିକ ଓ ୧୦ଥର ବିଶ୍ୱ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିଅନସିପ୍‌ରେ ସେ ମୋଟ୍ ଉପରେ ୨୫ ପଦକ ଜିତି ବିଶ୍ୱ ଆଥ୍‌ଲେଟିକ୍ସରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS